ଆଜି - ସୋମବାର
ତାରିଖ - ୦୪ ମଇ ୨୦୨୬
ମାସ - ମେଷ, ଦିନ - ୨୧
ତିଥି - ତୃତୀୟା, ପକ୍ଷ- କୃଷ୍ଣ
ନକ୍ଷତ୍ର - ଅନୁରାଧା, ବିଛା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୦: ୦୦
ସୂର୍ଯ୍ୟାସ୍ତ - ୬ : ୦୬ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition — AJIKALI — ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ପିଲାଟିଏ ଭବିଷ୍ୟତରେ କ'ଣ ହେବ, ତାକୁ ନେଇ ଆମେ ଚିନ୍ତିତ ହୋଇପଡୁ, କିନ୍ତୁ ଭୁଲିଯାଉ ଯେ ଆଜି ବି ସେ ଜଣେ ମଣିଷ ।"

- ଜବାହାରଲାଲ୍ ନେହରୁ


E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 20 R.N.I. REGD. No. 44026/86 ବାଲେଶ୍ୱର ୦୪ ମଇ ୨୦୨୬ ସୋମବାର BALASORE 04 MAY 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଗୁଜରାଟ ବିଶ୍ୱବିଦ୍ୟାଳୟରେ 'ମୋଦୀ ତତ୍ୱ' ମଡ୍ୟୁଲ୍ ପ୍ରଚଳନ

## ପ୍ରଧାନମନ୍ତ୍ରୀଙ୍କ ଆକର୍ଷଣୀୟ ବ୍ୟକ୍ତିତ୍ୱଯୁକ୍ତ ନେତୃତ୍ୱ ଶ୍ରେଣୀଗୃହର ପାଠ୍ୟକ୍ରମରେ ପଢ଼ାଯିବ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବେ ଶୈକ୍ଷିକ ଅଧ୍ୟୟନର ବିଷୟ ପାଲଟିଛି । ଭାରତର ସର୍ବପୁରାତନ ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ, ବରୋଦାର ମହାରାଜା ସୟାଜୀରାଓ ବିଶ୍ୱବିଦ୍ୟାଳୟ, ମୋଦୀଙ୍କ ନେତୃତ୍ୱ ଦର୍ଶନ ଉପରେ ପ୍ରଥମ ପ୍ରକାରର ସମାଜବିଜ୍ଞାନ ମଡ୍ୟୁଲ୍ ପ୍ରଚଳନ କରିଛି । ଏହା ଦୁଇ ବର୍ଷର ମାଷ୍ଟର କାର୍ଯ୍ୟକ୍ରମର ଏକ ଅଂଶ । ଏହି ପାଠ୍ୟକ୍ରମର ଶୀର୍ଷକ 'ଦେଶପ୍ରେମର ସମାଜଶାସ୍ତ୍ର'(ସୋସିଓଲୋଜି ଅଫ୍ ପାଟ୍ରିଓଟିଜିମ୍) ରହିଛି । ଏହି ମଡ୍ୟୁଲର ମୂଳ ଭାଗ ହେଉଛି 'ମୋଦୀ ତତ୍ୱ', ଯାହା ପ୍ରଧାନମନ୍ତ୍ରୀଙ୍କ 'ଆକର୍ଷଣୀ ବ୍ୟକ୍ତିତ୍ୱଯୁକ୍ତ ନେତୃତ୍ୱ' ଏବଂ ସମାଜ ଉପରେ ଏହାର ପ୍ରଭାବ ଉପରେ ଗୁରୁତ୍ୱାରୋପ ସମ୍ପର୍କରେ ଶିକ୍ଷାଦେବ । ଏହାକୁ ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ରରେ ବିଏ ଏବଂ ଏମ୍ଏ ପାଠ୍ୟକ୍ରମରେ ପଢ଼ାଯିବ । ସମାଜଶାସ୍ତ୍ର ବିଭାଗର ମୁଖ୍ୟ ବୀରେନ୍ଦ୍ର ସିଂହଙ୍କ ଅନୁଯାୟୀ ଏକ ରିପୋର୍ଟରେ କୁହାଯାଇଛି ଯେ, ଏହି ଅଧ୍ୟୟନ ମଡ୍ୟୁଲର ଧାରଣା ହେଉଛି ପ୍ରତିଷ୍ଠିତ ସମାଜଶାସ୍ତ୍ରୀୟ ଢାଂଚା ମାଧ୍ୟମରେ ନେତୃତ୍ୱକୁ ପରୀକ୍ଷା କରିବା । ସେ ମ୍ୟାକ୍ସ ୱେବରଙ୍କ କାର୍ଯ୍ୟର ଉଦାହରଣ ଦେଇ କହିଛନ୍ତି, ସେ ମହାତ୍ମା ଗାନ୍ଧୀ ଏବଂ ମାର୍ଟିନ୍ ଲୁଥର କିଙ୍ଗ୍ ଜୁନିଅରଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ଅଧ୍ୟୟନ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ ସେହିପରି ପଦ୍ଧତି ଶିକ୍ଷାଗତ ଅନୁସନ୍ଧାନର ବିଷୟ ଭାବରେ ପ୍ରୟୋଗ କରାଯାଉଛି । ଏହି ମଡ୍ୟୁଲ୍‌ଟି ଚାରୋଟି ପେପରରେ ବିଭକ୍ତ । ପ୍ରତ୍ୟେକ ପେପରରେ ୧୫ ଘଂଟାର ଶିକ୍ଷାଦାନ ରହିବ । ଏହା ଗଣମାଧ୍ୟମ ଏବଂ ଡିଜିଟାଲ୍ ଜାତୀୟତାବାଦ, ନାଗରିକତା ଏବଂ ଭିନ୍ନମତ, ଏବଂ ବିଶ୍ୱୀକରଣ ତଥା ପରିଚୟ ରାଜନୀତି ଭଳି ବିଷୟବସ୍ତୁଗୁଡ଼ିକୁ ପରୀକ୍ଷା କରିବ । ବୀରେନ୍ଦ୍ର ସିଂହଙ୍କ ଅନୁସାରେ, ଏହି ଉପାଦାନଗୁଡ଼ିକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକପ୍ରିୟତା କାହିଁକି ବୃଦ୍ଧି ପାଇଛି, ତାଙ୍କର ଗ୍ରହଣୀୟତା କିପରି ବ୍ୟାପକ ଭାବରେ ପ୍ରସାରିତ ହୋଇଛି ଏବଂ କେଉଁ କାରଣଗୁଡ଼ିକ ତାଙ୍କୁ ଦୀର୍ଘ ସମୟ ପାଇଁ କ୍ଷମତାରେ ରହିବାରେ ସାହାଯ୍ୟ କରିଛି ତାହା ଅନୁସନ୍ଧାନ କରାଯାଇଛି । ଏହି ପାଠ୍ୟକ୍ରମରେ ବିମୁଦ୍ରୀକରଣ, ଡିଜିଟାଲ୍ ପୁସ୍, ଫାଷ୍ଟାଗ୍ ଏବଂ ଜଳ ଶକ୍ତି ମନ୍ତ୍ରଣାଳୟ ସମେତ ପ୍ରମୁଖ ନୀତିଗତ ନିଷ୍ପତିଗୁଡ଼ିକୁ ମଧ୍ୟ ଉଲ୍ଲେଖ କରାଯାଇଛି । ବିଶ୍ୱବିଦ୍ୟାଳୟ କହିଛି ଯେ ଏହି ପଦକ୍ଷେପଗୁଡ଼ିକ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କ ଆଶା ପୂରଣ କରିବାରେ କିପରି ପ୍ରତିକ୍ରିୟା ଦିଅନ୍ତି ତାହା ପ୍ରତିଫଳିତ କରିଛି । ଏହା ତାଙ୍କ ପ୍ରତି ଥିବା ସମର୍ଥନକୁ ବ୍ୟାଖ୍ୟା କରିଛି । ନୀତି ଆୟୋଗ ସହିତ ଜଡିତ ଏକ ପ୍ରକଳ୍ପ ଅଧୀନରେ ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ଛାତ୍ରମାନଙ୍କ ଦ୍ୱାରା କରାଯାଇଥିବା କ୍ଷେତ୍ର କାର୍ଯ୍ୟରୁ ଏହି ମଡ୍ୟୁଲ୍ ପାଇଁ ଧାରଣା ଉତ୍ପନ୍ନ ହୋଇଥିଲା । ଏହି ସର୍ଭେ ସମୟରେ, ଗବେଷକମାନେ ଦେଖିଥିଲେ ଯେ, ସାର୍ବଜନୀନ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ସମ୍ପୃକ୍ତ କିଛି ଗୋଷ୍ଠୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ସହିତ ଜଡିତ ଥିଲେ । ମୋଦୀ ତତ୍ୱ' ବ୍ୟତୀତ, ଏହି ପାଠ୍ୟକ୍ରମରେ ଜାତୀୟତାବାଦ, ରାଷ୍ଟ୍ର-ରାଜ୍ୟ ଏବଂ ବିଶ୍ୱ ଦୃଷ୍ଟିକୋଣରୁ ସାଂସ୍କୃତିକ ପରିଚୟ ଭଳି ବ୍ୟାପକ ବିଷୟବସ୍ତୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସୟାଜୀରାଓ ଗାଏକୱାଡ ତୃତୀୟ ଏବଂ ଛତ୍ରପତି ଶିବାଜୀ ମହାରାଜଙ୍କ ପରି ସମାଜ ସଂସ୍କାରକଙ୍କ କାର୍ଯ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ବିଶ୍ୱବିଦ୍ୟାଳୟ ଅଧିକାରୀମାନେ କହିଛନ୍ତି ଯେ, ଏହି ମଡ୍ୟୁଲ୍ ଏକ ସାମାଜିକ ଘଟଣା ଭାବରେ ସମସାମୟିକ ରାଜନୈତିକ ନେତୃତ୍ୱକୁ ଅଧ୍ୟୟନ କରିବା ପାଇଁ ଡିଜାଇନ୍ କରାଯାଇଛି ।



## ଜାତୀୟ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟକାରିତା ସମ୍ପର୍କିତ କର୍ମଶାଳା ଯୋଗ ଦେଲେ ରାଜ୍ୟପାଳ

ଭୁବନେଶ୍ୱର : ଶିକ୍ଷା ହେଉଛି ଜାତି ଗଠନର ସବୁଠାରୁ ଶକ୍ତିଶାଳୀ ଉପକରଣ । ଏ ଦିଗରେ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଏକ ରୂପାନ୍ତରଣକାରୀ ସଂସ୍କାର ଯାହା ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଦୃଷ୍ଟିକୋଣକୁ ରୂପାୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି କହିଛନ୍ତି । ରବିବାର ଦିନ ଲୋକ ସେବା ଭବନ ସ୍ଥିତ ରାଜ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ 'ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ଏବଂ ଉଚ୍ଚଶିକ୍ଷା ସଂସ୍କାର' ସମ୍ପର୍କିତ ଜାତୀୟସ୍ତରୀୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଏନଇପି ୨୦୨୦ ଭାରତର ଜନସଂଖ୍ୟାକୁ ଉପଯୋଗ କରି ଏକ ଶକ୍ତିଶାଳୀ, ଅନ୍ତର୍ଭୂକ୍ତିମୂଳକ ଏବଂ ଭବିଷ୍ୟତ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥା ଗଢ଼ିବାର ଏକ ସ୍ପଷ୍ଟ ମାର୍ଗଦର୍ଶକ । ଏହା ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଏବଂ ବିଶ୍ୱ ନେତୃତ୍ୱ ପାଇଁ ଶକ୍ତି ପ୍ରଦାନ କରିବ । ଏହି କର୍ମଶାଳାକୁ ଏକ ସମୟୋପଯୋଗୀ ଏବଂ ଦୂରଦର୍ଶୀ ଉଦ୍ୟମ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଏହା ଜାତୀୟ ପ୍ରଗତି ଏବଂ ମାନବିକ ବିକାଶର ଆଧାର ଭାବେ ଶିକ୍ଷାକୁ ସୁଦୃଢ଼ କରିବାରେ ସମଷ୍ଟିଗତ ପ୍ରତିବଦ୍ଧତାର ପ୍ରତିଫଳନ । ଭାରତ ଐତିହାସିକ ଭାବେ ସମଗ୍ର ବିଶ୍ୱରେ ଜ୍ଞାନ, ପ୍ରଜ୍ଞା ଏବଂ ବୌଦ୍ଧିକ ନେତୃତ୍ୱର କେନ୍ଦ୍ର ଥିଲା ଏବଂ ଗଣିତ, ଜ୍ୟୋତିର୍ବିଜ୍ଞାନ, ଚିକିତ୍ସା ଓ ସାହିତ୍ୟ କ୍ଷେତ୍ରରେ ପ୍ରଭୂତ ଅବଦାନ ରଖିଛି । କୃତ୍ରିମ ବୁଦ୍ଧିମତା, ଜୈବ ପ୍ରଯୁକ୍ତିବିଦ୍ୟା, ତଥ୍ୟ ବିଜ୍ଞାନ ଏବଂ ଡିଜିଟାଲ୍ ନବସୃଜନ ଦ୍ୱାରା ପରିଚାଳିତ ଦ୍ରୁତ ବିଶ୍ୱ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଜ୍ଞାନ ଅର୍ଥନୀତି ବର୍ତ୍ତମାନ ଆଲୋଚନାତ୍ମକ ଚିନ୍ତାଧାରା, ସୃଜନଶୀଳତା, ଗ୍ରହଣୀୟତା ଏବଂ ଆନ୍ତଃବିଷୟିକ ଶିକ୍ଷାର ଆବଶ୍ୟକତା କରେ । ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ୨୦୨୦ ଏକବିଂଶ ଶତାବ୍ଦୀର ଆବଶ୍ୟକତା ସହିତ ସମନ୍ୱିତ ଭାବରେ ପାରମ୍ପରିକ ଶିକ୍ଷା ପଦ୍ଧତିରୁ ଅଭିଜ୍ଞତାମୂଳକ ଶିକ୍ଷା, ସାମଗ୍ରିକ ବିକାଶ ଏବଂ ବହୁବିଧ ଶିକ୍ଷା ଆଡ଼କୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନର ସଂକେତ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ବିସ୍ତୃତ ଏବଂ ଭବିଷ୍ୟତମୁଖୀ ଶିକ୍ଷା ନୀତି ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ । ୨୦୨୪ ଅଗଷ୍ଟ ମାସରୁ ରାଜ୍ୟରେ ସକ୍ରିୟ ଭାବେ ଏନଇପି ୨୦୨୦ କାର୍ଯ୍ୟକାରୀ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏତଦବ୍ୟତୀତ ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ପାଠ୍ୟକ୍ରମ ପୁନର୍ଗଠନ, ଦକ୍ଷତା ଭିତିକ ଶିକ୍ଷାକୁ ପ୍ରୋତ୍ସାହନ ଏବଂ ସ୍ୱଚ୍ଛତା, ଦାୟିତ୍ୱବୋଧ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଉଚ୍ଚଶିକ୍ଷାରେ ପ୍ରମୁଖ ସଂସ୍କାର ଆଣିଛି ।



## ଓଡ଼ିଶା ସରକାରଙ୍କ ଦ୍ୱାରା ଆଭ୍ୟନ୍ତରୀଣ ଜଳପଥ ଡଙ୍ଗା ସୁରକ୍ଷାର କଡ଼ାକଡ଼ି ଅନୁପାଳନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର : ଓଡ଼ିଶାର ଅନ୍ତର୍ଦେଶୀୟ ଜଳପଥରେ ଚଳାଚଳ କରୁଥିବା ଡଙ୍ଗାଗୁଡ଼ିକର ସୁରକ୍ଷା ଓ ନିରାପତା ସମ୍ପର୍କରେ ୩ ମଇ ୨୦୨୬ରେ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା ମାରିଟାଇମ ବୋର୍ଡ ,ପର୍ଯ୍ୟଟନ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଇତ୍ୟାଦି ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ । ସମ୍ପ୍ରତି ରିପୋର୍ଟ ହୋଇଥିବା ଡଙ୍ଗା ବୁଡ଼ିବା ଘଟଣା ଉପରେ ଧ୍ୟାନ ଦେଇ, ଅଧ୍ୟକ୍ଷ ବିଦ୍ୟମାନ ସୁରକ୍ଷା ପ୍ରୋଟୋକଲଗୁଡ଼ିକର ସମୀକ୍ଷା କରିଥିଲେ । ଡଙ୍ଗାରେ ବସିବା ମାତ୍ରେ ଯାତ୍ରୀମାନେ ଯେପରି ବାଧ୍ୟତାମୂଳକ ଭାବରେ ଲାଇଫ୍ ଜ୍ୟାକେଟ୍ ପିନ୍ଧିବେ, ତାହା ସୁନିଶ୍ଚିତ କରିବା ଡଙ୍ଗା ଚାଳକମାନଙ୍କର ଦାୟିତ୍ୱ ବୋଲି ବୈଠକରେ ଦର୍ଶାଯାଇଥିଲା ।ଯାତ୍ରୀ କ୍ଷମତା ଅନୁସାରେ ନିୟମ ଅନୁଯାୟୀ, ସମସ୍ତ ଡଙ୍ଗାରେ ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫ୍ ଜ୍ୟାକେଟ୍, ଲାଇଫ୍ ବୟ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର ବହନ କରିବା ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶ ଦିଆଯାଇଛି । କଡ଼ା ଅଚାନକ ଯାଂଚ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯଦି କୌଣସି ଚାଳକ କ୍ଷମତାଠାରୁ ଅଧିକ ଭାର ବହନ (ଓଭରଲୋଡିଂ) କରୁଥିବାର ଧରାପଡ଼ନ୍ତି କିମ୍ବା ସମସ୍ତ ଯାତ୍ରୀ ଓ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଭାବେ ଲାଇଫ୍ ଜ୍ୟାକେଟ୍ ପିନ୍ଧାଇବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଡଙ୍ଗା ଚାଳକମାନଙ୍କୁ ସହାୟତା କରିବା ପାଇଁ, 'ସହିଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନା' ଅଧୀନରେ ସରକାର ଜୀବନ ରକ୍ଷାକାରୀ ଉପକରଣ (ଲାଇଫ୍ ବୟ, ଲାଇଫ୍ ଜ୍ୟାକେଟ୍ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର) ପ୍ରଦାନ କରୁଛନ୍ତି । ଏହି ଉପକରଣଗୁଡ଼ିକ ସରକାରୀ ଡଙ୍ଗାଗୁଡ଼ିକୁ ବିନା ମୂଲ୍ୟରେ ଏବଂ ବେସରକାରୀ ଚାଳକମାନଙ୍କୁ ୯୫% ରିହାତି ରେ ଯୋଗାଇ ଦିଆଯାଉଛି । କୌଣସି ଡଙ୍ଗା ଯେପରି ସୁରକ୍ଷା ବଳୟରୁ ବାଦ୍ପଡ଼େ ତାହା ସୁନିଶ୍ଚିତ କରିବା ପାଇଁ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ପର୍ଯ୍ୟଟନ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗଗୁଡ଼ିକ ମଧ୍ୟରେ ତୁରନ୍ତ ତଥା ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧ୍ୟକ୍ଷ ଅନୁରୋଧକରିଲେ । ଅନ୍ତର୍ଦେଶୀୟ ଜଳପଥରେ ଯାତାୟାତ କରୁଥିବା ନିଜର ନାଗରିକ ଏବଂ ପର୍ଯ୍ୟଟକମାନଙ୍କ ସୁରକ୍ଷା ପ୍ରତି ଓଡ଼ିଶା ସରକାର ଗଭୀର ଭାବେ ପ୍ରତିଶ୍ରୁତିବଦ୍ଧ । ଅନ୍ତର୍ଦେଶୀୟ ଜଳପଥରେ ଏକ ନିରାପଦ ପରିବେଶ ସୃଷ୍ଟି କରିବା ପାଇଁ କର୍ତ୍ତୃପକ୍ଷଙ୍କ ସହ ସହଯୋଗ କରିବାକୁ ସମସ୍ତ ହିତାଧିକାରୀ, ଡଙ୍ଗା ଚାଳକ ଏବଂ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି ।



## ଏନଟିଏ ମୁଖ୍ୟାଳୟ ପରିଦର୍ଶନ ସହ ନିଟ୍ ୟୁଜି ୨୦୨୬ ବ୍ୟବସ୍ଥାର ମୂଲ୍ୟାଙ୍କନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ





ଭୁବନେଶ୍ୱର : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଷ୍ଠିତ ହେବାକୁ ଥିବା NEET UG ୨୦୨୬ ପରୀକ୍ଷାର ଭୂମିଗତ ପରିଚାଳନା ମୂଲ୍ୟାଙ୍କନ କରିବା ପାଇଁ ଜାତୀୟ ପରୀକ୍ଷା ଏଜେନ୍ସି (NTA) ମୁଖ୍ୟାଳୟ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ, ମନ୍ତ୍ରୀ ପରୀକ୍ଷା ଲଜିଷ୍ଟିକ୍ସ, କେନ୍ଦ୍ରଗୁଡ଼ିକ ସହିତ ସମନ୍ୱୟ ଏବଂ ସାରା ଦେଶରେ ପରୀକ୍ଷାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ କରାଯାଇଥିବା ମନିଟରିଂ ସିଷ୍ଟମ ସମେତ ପ୍ରମୁଖ କାର୍ଯ୍ୟକ୍ଷମ ଦିଗଗୁଡ଼ିକର ତଦାରଖ କରିଛନ୍ତି । ଅଧିକାରୀମାନେ ତାଙ୍କୁ ବହୁ ସଂଖ୍ୟକ ପ୍ରାର୍ଥୀଙ୍କୁ ପରିଚାଳନା କରିବା ଏବଂ ପରୀକ୍ଷା ସ୍ଥଳରେ ଶୃଙ୍ଖଳା ବଜାୟ ରଖିବା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଛନ୍ତି । NEET UG ୨୦୨୬ ପରୀକ୍ଷା ପ୍ରାୟ ୨୩ ଲକ୍ଷ ପଞ୍ଜିକୃତ ପ୍ରାର୍ଥୀଙ୍କ ପାଇଁ ଜାତୀୟ ପରୀକ୍ଷା ଏଜେନ୍ସି ଦ୍ୱାରା ପରିଚାଳିତ ହେଉଛି । ଏହି ପରୀକ୍ଷା କଠୋର ପ୍ରୋଟୋକଲ ଅଧୀନରେ ଦେଶବ୍ୟାପୀ କେନ୍ଦ୍ରଗୁଡ଼ିକରେ ଅନୁଷ୍ଠିତ ହେଉଛି । NEET UG ଭାରତର ସର୍ବବୃହତ ସ୍ନାତକ ପ୍ରବେଶିକା ପରୀକ୍ଷା ମଧ୍ୟରୁ ଗୋଟିଏ ହୋଇ ରହିଛି । ଏହା ଦେଶର ବିଭିନ୍ନ ପ୍ରତିଷ୍ଠାନରେ MBBS, BDS ଏବଂ ଅନ୍ୟାନ୍ୟ ସହଯୋଗୀ ମେଡିକାଲ୍ କାର୍ଯ୍ୟକ୍ରମରେ ପ୍ରବେଶ ପାଇଁ ପ୍ରବେଶପଥ ଭାବରେ କାର୍ଯ୍ୟ କରେ ।

## ଅଳ୍ପରେ ଖବର

- ରବିବାର ଦିନ ଉତର ପ୍ରଦେଶର ବାଲିଆ ଜିଲାରୁ ଏକ ହୃଦୟ ବିଦାରକ ରିପୋର୍ଟ ସାମ୍ନାକୁ ଆସିଛି ।
- ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦନ ସଂଘ କ୍ଷୀର ମୂଲ୍ୟ ବୃଦ୍ଧି ହେବା ଦ୍ୱାରା ଚାଷୀ ମାନେ ଉପକୃତ ହେବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ।
- ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସରେ ସାମ୍ବାଦିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ।

## କାଳବୈଶାଖୀ : ୭ ଜିଲ୍ଲାକୁ ଅରେଞ୍ଜ, ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର : ୪ ଦିନ ଯାଏ ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି । ରବିବାର ପାଇଁ ୭ ଜିଲ୍ଲା ଓ ସୋମବାର ୧୩ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ସହ କୁଆପଥର ବର୍ଷା ସମ୍ଭାବନା ରହିଛି । କାଳବୈଶାଖୀ ପ୍ରଭାବରେ ମେଘୁଆ ପାଗ ସହ ବର୍ଷା ସମ୍ଭାବନା ଥିବା ବେଳେ ଆଗାମୀ ୪ ଦିନ ଯାଏ ପ୍ରବଳ ବର୍ଷା ଓ ପବନ ପାଇଁ ଚେତାବନୀ ଦେଇଛି ପାଣିପାଗ ବିଭାଗ । ଆସନ୍ତା ୨୪ ଘଂଟାରେ ଅଧିକାଂଶ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । କେନ୍ଦୁଝର, ମୟୁରଭଞ୍ଜ , ବାଲେଶ୍ୱର, ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁରରେ ବଜ୍ରପାତ ସହ ବର୍ଷା ସମ୍ଭାବନାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଗଜପତି, ଗଂଜାମ, କନ୍ଧମାଳ, କଳାହାଣ୍ଡି, ନୟାଗଡ, ଅନୁଗୁଳ, ଢେଙ୍କାନାଳ, ଦେବଗଡ଼, ସୁନ୍ଦରଗଡ, ,ଖୋର୍ଦ୍ଧା ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର ଓ ଭଦ୍ରକ ,ସୁନ୍ଦରଗଡରେ ୧୩ ଜିଲ୍ଲାରେ ବଜ୍ରପାତ ସହ ୫୦ ରୁ ୬୦ କିମି



ଏହି ୧୬ ଜିଲ୍ଲାରେ ବିଜୁଳି ଘଡଘଡି ବର୍ଷା ସମ୍ଭାବନା ଓ ୪୦ ରୁ ୫୦ କିମି ବର୍ଷାକୁ ନେଇ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ । ସେହିପରି ସୋମବାର ସବୁ ଜିଲ୍ଲାକୁ ବର୍ଷା ପାଇଁ ଚେତାବନୀ ରହିଥିବା ବେଳେ କୋରାପୁଟ, ରାୟଗଡା, କଳାହାଣ୍ଡି ନବରଙ୍ଗପୁର, କଟକ , ଜଗତସିଂହପୁର, କେନ୍ଦ୍ରାପଡା , ଯାଜପୁର, ଭଦ୍ରକ , ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର ଝଡ ପବନ ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ରାୟଗଡା ଏହି ୪ ଜିଲ୍ଲାରେ କୁଆପଥର ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ସହ ସତର୍କତା ଜାରି କରିଛି ବିଭାଗ । ୬ ତାରିଖ ଯାଏ ପ୍ରବଳ ବର୍ଷା ସହ ଆସନ୍ତା ୯ ତାରିଖ ଯାଏ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି ।

## ହାଇପରସୋନିକ୍ ଆଂଟି-ଶିପ୍ କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ

ବାଲେଶ୍ୱର : ଭାରତ ପକ୍ଷରୁ ସଫଳତାର ସହ ଫେଜ୍-୨ ଲମ୍ବା ଦୂରଗାମୀ ହାଇପରସୋନିକ୍ ଆଂଟିଶିପ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ଚାନ୍ଦିପୁର ଡିଆରଡିଓ ଅଧୀନରେ ଥିବା ଡ. ଏପିଜେ ଅବଦୁଲ କଲାମ ଦୀପରୁ ଗତ ଶୁକ୍ରବାର ଏହି ପରୀକ୍ଷଣ ହୋଇଥିଲା । ଏହି ପରୀକ୍ଷଣ ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆଉ ଏକ ନୂଆ ମାଇଲ ଖମ୍ବ ହାସଲ କରିଛି । ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରଟିରେ ଅତ୍ୟାଧୁନିକ ଯନ୍ତ୍ରାଂଶ ବ୍ୟବହାର କରାଯାଇଛି । ଉକ୍ତ କ୍ଷେପଣାସ୍ତ୍ରଟି ଦୁଇଟି ପର୍ଯ୍ୟାୟରେ ହାଇପରସୋନିକ୍ ଗ୍ଲାଇଡ୍ ଯାନ ଡିଜାଇନ୍‌ରେ ନିର୍ମାଣ କରାଯାଇଛି । ପରବର୍ତ୍ତୀ ପିଢ଼ିରେ ହେବାକୁ ଥିବା ଆକ୍ରମଣ ଘଟଣାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଉକ୍ତ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୧,୫୦୦ କିମି ଥିବାବେଳେ ଏହା ପରୀକ୍ଷଣ ସମୟରେ ପ୍ରଭାବୀ ସଫଳତା ହାସଲ କରିଥିଲା । ଏହି ସଫଳତା ସହ ଆଗାମୀ ଦିନରେ ଉକ୍ତ କ୍ଷେପଣାସ୍ତ୍ର ସାମୁଦ୍ରିକ ପ୍ରତିରକ୍ଷାକୁ ଅଧିକ ସୁରକ୍ଷିତ କରିବ ବୋଲି ଆଶା କରାଯାଉଛି । ପ୍ରତିରକ୍ଷା ବିଭାଗର ସୂଚନା ମୁତାବକ, ପରୀକ୍ଷଣ ସମୟରେ ଉକ୍ତ କ୍ଷେପଣାସ୍ତ୍ରଟି ଉନ୍ନତ ଟର୍ମିନାଲ୍ ମାର୍ଗଦର୍ଶନ ସଠିକତାକୁ ନିଶ୍ଚିତ କରିଥିଲା । ଏକ ଉଚ୍ଚ-ବେଗ ପଥ ଅନୁସରଣ କରି ସିଧାସଳଖ ନିଜ ଟାର୍ଗେଟ୍‌କୁ ହିଟ୍ କରିଥିଲା । କେବଳ ଏତିକି ନୁହେଁ ପୂର୍ବ ନିର୍ଦ୍ଧାରିତ ସମସ୍ତ ବୈଷୟିକ ପାରାମିଟରଗୁଡ଼ିକୁ ମଧ୍ୟ ପୂରଣ କରିଥିଲା । ଏହି କ୍ଷେପଣାସ୍ତ୍ରକୁ ଏମିତି ବିକଶିତ କରାଯାଇଛି ଯାହା ଭାରତୀୟ ନୌସେନାର ଉପକୂଳ ପ୍ରତିରକ୍ଷା ଆବଶ୍ୟକତାକୁ ପୂରଣ କରିପାରିବ । ଏହି କ୍ଷେପଣାସ୍ତ୍ର ଏକ ହାଇପରସୋନିକ୍ ବା ଅତି ତ୍ରୀବ ଗତି ଯାନ ଭାବରେ କାର୍ଯ୍ୟ କରେ । ଏହା ପ୍ରାୟ ଶବ୍ଦର ଗତିଠାରୁ ହାରାହାରି ୫ ମ୍ୟାକ୍ ବେଗରେ ଗତି କରେ । କମ୍ ଉଚ୍ଚତାରେ ଏହା ଉଡ଼ିବା ସହ ଶତ୍ରୁ ରାଡାର ସିଷ୍ଟମ ଦ୍ୱାରା ଚିହ୍ନଟ କରିଥାଏ ।





# ଛାତ୍ର ବିଜେଡି ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,(ନି.ପ୍ର.): ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବକୁ ଦୃଷ୍ଟିରେ ରଖି ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ବିଜୁ ଜନତା ଦଳର ନିର୍ଦ୍ଦେଶ କ୍ରମେ ଲୋକଙ୍କ ହିତକୁ ଗୁରୁତ୍ୱ ଦେଇ ଫକୀରମୋହନ କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ବିଜେଡି ଛାତ୍ର ନେତା ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଶିବିରରୁ ସମୁଦାୟ ୧୦୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଏହି ପରିପ୍ରେକ୍ଷୀରେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସ ଓ ଜୀବନ ପ୍ରଦୀପ ଦାସ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୌର ଉପାଧକ୍ଷ



କୈଳାଶ ଚନ୍ଦ୍ର ସେଠୀ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ସଦର ବ୍ଲକ ସଭାପତି ବସନ୍ତ କୁମାର ପଣ୍ଡା, ବରିଷ୍ଠ ନେତା ମହାଦେବ ଦାସ, ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡା. ବସନ୍ତ ଉପାଧ୍ୟାୟ ପ୍ରମୁଖ ଯୋଗ ଦେଇ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଉନସିଲର କାର୍ତ୍ତିକ ସାହୁ, ଆୟୁବ ଖାଁ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ମୀରାଜ ବାନୁ, ସନ୍ଧ୍ୟାରାଣୀ ଜେନା, କବିତା ମୁର୍ମୁ, ଶଶୀରେଖା ମହାନ୍ତି, ପୂର୍ବତନ କାଉନସିଲର ସଞ୍ଜୟ ବେହେରା, ସକିର ଖାଁ, ସୁବୋଧ ମହାନ୍ତି, ରୀତିକ ଜୀ, ସେକ ଅନସର ଅଲ୍ଲୀ, ଦେବାଶିଷ ଦାସ, ନଳିନୀ ରଞ୍ଜନ ଦାସ, ଅତୁଳ ଶତପଥି, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି, ଅଶୋକ ଦାସ, ଅଶୋକ ଆର୍ଦ୍ଦ୍ୟ, ବାଦଲ ଦତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରେ ଅତିଥିଙ୍କ ଉପସ୍ଥିତିରେ ଆୟୋଜକ ଶ୍ରୀ ପ୍ରଧାନ ଏବଂ ସମସ୍ତ ସହଯୋଗୀ କର୍ମକର୍ତ୍ତାଙ୍କୁ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ଲଡ଼ ବ୍ୟାଙ୍କର କର୍ମକର୍ତ୍ତାଙ୍କ ମଧ୍ୟରେ ଦେବାଶିଷ ଦତ, ସୁଚିସ୍ମିତା ଦାସ, ଅକ୍ଷୟ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରସୂତୀଙ୍କୁ ଖଟିଆରେ ବୁହାଯାଏ ଆମ୍ବୁଲାନ୍ସ ପଶିପାରେ ନାହିଁ : ରାସ୍ତା ପାଇଁ ରାସ୍ତାରେ ଧାରଣା

ବାଲେଶ୍ୱର(ନି.ପ୍ର.)ରାସ୍ତା ପାଲଟିଛି ମରଣଯନ୍ତା । ରାସ୍ତାରେ ପଡି କାହା ଗୋଡ ଭାଙ୍ଗିଲାଣି ତ ପୁଣି କାହାର ହାତ ଭାଙ୍ଗିଛି । ତଥାପି ନିଦାବିଷ୍ଟ ପାଲଟିଛି ପ୍ରଶାସନ ଓ ଜନ ପ୍ରତିନିଧି । ଦିର୍ଘ ବର୍ଷ ଧରି ଜରାଜୀର୍ଣ୍ଣ ରାସ୍ତାର ମରାମତି ହେଉନଥିବାରୁ ଜନ ଆକ୍ରୋଶ ଦେଖାଯାଇଛି । ବାଲେଶ୍ୱର ସଦରବ୍ଲକ ହିଡିଗାଁ ଗ୍ରାମପଂଚାୟତ ଝାମ୍ପରା ହାଟଠାରୁ ହିଡିଗାଁ ସ୍କୁଲ ପର୍ଯ୍ୟନ୍ତ ପ୍ରାୟ ଦୁଇ କିଲୋମିଟର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇଯାଇଛି । ବାରମ୍ବାର ଅଭିଯୋଗ ପରେ ରାସ୍ତା ମରାମତି ହେଉନଥିବାରୁ ରବିବାର ଶତାଧିକ ଗ୍ରାମବାସୀ ରାସ୍ତାରେ ଧାରଣା ଦେବାସହ ପ୍ରତିବାଦ କରିଛନ୍ତି । ପ୍ରାୟ ୧୫ ବର୍ଷ ପୂର୍ବରୁ ଏହଇ ଅଣଓସାରିଆ ରାସ୍ତା ନିର୍ମାଣ ହୋଇଥିଲା ।



ନିର୍ମାଣ ପରଠାରୁ ରାସ୍ତାର ମରାମତି ହୋଇନାହିଁ । କଂକ୍ରିଟ ରାସ୍ତା କେଉଁଠି ଢଳେଇ ଫାଟି ଆଁ କରିଛି ତ କେଉଁଠି ଦୁଇ ଫୁଟର ଗର୍ତ ସୃଷ୍ଟି ହୋଇଛି । ଏହି ରାସ୍ତାରେ ଦିନବେଳେ ଲୋକେ ଯାତାୟତ କରିବା ପାଇଁ ଭୟ କରୁଛନ୍ତି । ରାସ୍ତାରେ ପଡି କାହାର ଗୋଡ ଭାଙ୍ଗିଛି ଅନ୍ୟ କାହାର ହାତ ଭାଙ୍ଗିଛି ।? ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି । ଏହି ଅଣ ଅସାରିଆ ରାସ୍ତାରେ ଆମ୍ବୁଲାନ୍ସ ପଶିପାରେ ନାହିଁ । ରାସ୍ତା ଭାଙ୍ଗିରୁଜି ଜାଇ ଅତି ଶୋଚନୀୟ ହୋଇଥିବାରୁ ଗାଁ ଭିତରକୁ ଅଟୋବାଲା ମଧ ଆଉ ଡରରେ ଯାଉନାହିଁ । ପ୍ରଶୂତୀ ତଥା ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଟେକିଟେକି ନେବାକୁ ପଡିଥାଏ ।? ବିଦ୍ୟାଳୟକୁ ଛାତ୍ର ଛାତ୍ରୀମାନେ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଉପରେ ୨ ହଜାରରୁ ଅଧିକ ଲୋକ ନିର୍ଭର କରିଥାନ୍ତି । ରାସ୍ତାର ଏତାଦୃଶ ଅବସ୍ଥା ଦେଖି ଗ୍ରାମବାସୀ ବହୁବାର ସ୍ଥାନୀୟ ଜନ ପ୍ରତିନିଧିଙ୍କ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ଏହି ରାସ୍ତାର ମରାମତି କରାଯାଇନାହିଁ । ରାସ୍ତା ପ୍ରଶସ୍ତିକରଣ ସହ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ନହେଲେ ଆଗାମୀ ପଂଚାୟତ ନିର୍ବାଚନରେ ସମୂହ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଧାରଣାରେ ପୂର୍ବତନ ୱାର୍ଡମେମ୍ବର ଅବନ୍ତି ବେରା, ରମାକାନ୍ତ ଗୁଡ, ଅର୍ଦ୍ଧେନ୍ଦୁ ଶେଖର ଦାସ, ଚନ୍ଦ୍ରକାନ୍ତ ବେଜ, ଗୀତିକା ବେହେରା, ସରସ୍ୱତୀ ମାଝୀ, ଲକ୍ଷ୍ମୀପ୍ରିୟା ବେରା, ହୀରାମଣୀ ବେରା, ମାମନୀ ଦଣ୍ଡପାଟ, ସୁଷମା ବେରା, ଯମୁନା ବେରା, ସରସ୍ୱତୀ ବେରା, ମାନସି ବେରା, ସଂଗିତା ମଣ୍ଡଳ, ଗୌରୀ ମାଝି, ସିତା ମାଝି, ଭଗବତୀ ଜେନା ଓ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ ।

# ସ୍ୱର୍ଗତ ସାମ୍ବାଦିକ ଅମର ନନ୍ଦଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଅମର ନନ୍ଦଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ସଭାପତିତ୍ୱ କରିଥିଲେ ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀ । ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା ସମ୍ପାଦକ ଧ୍ୱନି ପ୍ରତିଧ୍ୱନିର ଶ୍ରୀ ଯୁକ୍ତ ସୃଷ୍ଟି ଧରି ପରିଡା ଯୋଗଦେଇ କହିଲେ କି ଆମର ନନ୍ଦଙ୍କ ଭଳି ଭଦ୍ର ଓ ନମ୍ରଭାବାପନ୍ନ ବ୍ୟକ୍ତି ମିଳିବା କଷ୍ଟକର ।ସେ କେବଳ ଜଣେ ସାମ୍ବାଦିକ ନଥିଲେ ସେ ଏକାଧାରରେ ଜଣେ ଭଲ ସମାଜସେବୀ ଥିଲେ । ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା ସମ୍ପାଦକ ସେଉଠୁ ଆରମ୍ଭ ଦୈନିକ ଖବରକାଗଜର ଶ୍ରୀ ଯୁକ୍ତ ଶୁଭେନ୍ଦୁ ଦାସ ଯୋଗଦେଇ



ସ୍ମୃତିଚାରଣ କରିଥିଲେ ଓ ଏହି ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି କିଭଳି ଭାବରେ ଆହୁରି ଆଗକୁ ବଢି ପାରିବ ସେ କହିବା ସହିତ ନିଜେ ବର୍ଷକୁ ବର୍ଷ ୧୦୦୦ଟଙ୍କା ଦେବା ସହିତ ଯେତେବେଳେ ଯାହା ସାହାଯ୍ୟ ଦରକାର ପଡିବ ସେ ଦେବେ ବୋଲି ପ୍ରକାଶ କରିଥିଲେ । ସେହିପରି ଭାବରେ ଅମର ନନ୍ଦଙ୍କ ବାଲ୍ୟକାଳରୁ ବନ୍ଧୁ ଶିକ୍ଷାବିତ୍ ଶ୍ରୀଯୁକ୍ତ ଗଦାଧର ବାବୁ ଯୋଗଦେଇ ତାଙ୍କ ପିଲାଦିନର କଥା ବଖାଣିଥିଲେ । ସମାଜ ସେବୀ ଶ୍ରୀ ମତୀ ଆଶ୍ରୀତା ତରେଇ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।ଅମର ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ବରିଷ୍ଠ ସାମ୍ବାଦିକ ତଥା ପରିବାର ଅଦାଲତର ମୁଖ୍ୟ ଶ୍ରୀ ଯୁକ୍ତ ଶିବ ଦାସ କୁଣ୍ଡୁଙ୍କୁ ମାନପତ୍ର ଉପଢ୍ୱୌକନ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ସ୍ମୃତିଚାରଣ ସଭାରେ ସାମ୍ବାଦିକ ବିଦ୍ୟାଧର ମହାନ୍ତି, ତ୍ରିଲୋଚନ ମହାନ୍ତି,ହିତ୍ରିକ ନାୟକ, ସମ୍ବିତ ବେହେରା, ସମ୍ପାଦକ ଗଗନ କୁମାର ସେଠୀ, ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ସର୍ବଶେଷରେ ସାମ୍ବାଦିକ ତ୍ରିଲୋଚନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷକତା ବୃତିରୁ ଅବସର ନେଲେ ଓଡିଶାର ସୁଖ୍ୟାତ ଗାଳ୍ପିକ ଅଞ୍ଜନ ଚାନ୍ଦ : ବିଦାୟ ସଭାରେ ଲୋକାର୍ପିତ ହେଲା ଗଳ୍ପ ସଂକଳନ 'ଗୋଟିଏ ଜଳଯାତ୍ରାର କାହାଣୀ'

ବାଲେଶ୍ୱର,(ନି.ପ୍ର.)): ଓଡ଼ିଶାର ଜଣେ ସୁପରିଚିତ ଗାଳ୍ପିକ ଅଞ୍ଜନ ଚାନ୍ଦ ସମ୍ପ୍ରତି ନିଜର ଶିକ୍ଷକତା ବୃତିରୁ ଅବସର ଗ୍ରହଣ କରିଛନ୍ତି । ସେ ବାଲେଶ୍ୱର ଜିଲ୍ଲାର ବରୁଣସିଂ ସ୍ଥିତ ନୀଳଗିରି ରୋଡ଼ ହାଇସ୍କୁଲରେ ବରିଷ୍ଠ ସଂସ୍କୃତ ଶିକ୍ଷକ ଭାବେ ଦୀର୍ଘ ୩୫ ବର୍ଷ ଧରି ଶିକ୍ଷକତା କରିଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି ।ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ, ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ, ବରୁଣସିଂ ଗ୍ରାମ ପଂଚାୟତ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀ ଚାନ୍ଦଙ୍କୁ ମାନପତ୍ର ଓ




ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ଅବସରରେ ଗାଳ୍ପିକ ଶ୍ରୀ ଚାନ୍ଦଙ୍କ ଷଷ୍ଠ ଗଳ୍ପ ସଂକଳନ 'ଗୋଟିଏ ଜଳଯାତ୍ରାର କାହାଣୀ' ଉନ୍ମୋଚିତ ହୋଇଥିଲା । ସମ୍ବର୍ଦ୍ଧନା ସଭାର ଏହା ଥିଲା ଅନ୍ୟତମ ଆକର୍ଷଣ । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ କବି ପ୍ରଶାନ୍ତ ଦାସ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ । ସେ କହିଥିଲେ, 'ଶିକ୍ଷକତା ସହିତ ନିରନ୍ତର ଲେଖନୀ ଚାଳନା କରି ଶ୍ରୀ ଚାନ୍ଦ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ସୁପରିଚିତ ଗାଳ୍ପିକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।'ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ମାର୍କଣ୍ଡ ଚରଣ ସେଠୀ, ବାଲେଶ୍ୱର ଓଷ୍ଟାର ପୂର୍ବତନ ସଭାପତି ବାଦଲ ଚନ୍ଦ୍ର ପାତ୍ର, ବର୍ତମାନର ସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ବିଜୟ କୁମାର ପାତ୍ର, ପ୍ରସନ୍ନ କୁମାର ମିଶ୍ର, ଗୋପବନ୍ଧୁ ଦାସ, ବାସୁଦେବ ପାଣିଗ୍ରାହୀ, ସରପଂଚ ଝିଲିଶ୍ରୀ ମହାଳିକ, ରଘୁନାଥ ପଣ୍ଡା, ଶଶିକାନ୍ତ ପରିଡ଼ା, ଚିତ୍ରଲେଖା ମହାପାତ୍ର, ଆଶିଷ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ଚାନ୍ଦଙ୍କ ଶିକ୍ଷକ ଜୀବନ ଓ ସାହିତ୍ୟିକ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସୋନାଲିଶିଖା ପାଣିଗ୍ରାହୀଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଶେଷରେ ଶିକ୍ଷୟିତ୍ରୀ ସୁକାନ୍ତି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଉଲ୍ଲେଖଯୋଗ୍ୟ, ଶ୍ରୀ ଚାନ୍ଦ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ହେବା ସହ ସାହିତ୍ୟ କ୍ଷେତ୍ରରେ ମଧ ତାଙ୍କର ବହୁମୂଲ୍ୟ ଅବଦାନ ରହିଛି ।

# ୫୮୮ ନମ୍ବର ରଖି ଜିଲ୍ଲା ଟପର୍ ହେଲେ ଆଶୁତୋଷ ନାୟକ

ବାଲେଶ୍ୱର(ନି.ପ୍ର.): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତକାଲି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏ ବର୍ଷ ଏହି ବାର୍ଷିକ ଉଚ୍ଚ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ ବାଲେଶ୍ୱର ଜିଲ୍ଲା ଉଲ୍ଲେଖନୀୟ ପ୍ରଦର୍ଶନ କରିଛି । ବାଲେଶ୍ୱର ଜିଲ୍ଲାର ପାସ୍ ହାର ରହିଛି ୯୭.୭୧ ପ୍ରତିଶତ, ଯାହା ରାଜ୍ୟ ହାର ୯୫.୩ ପ୍ରତିଶତ ଠାରୁ ଯଥେଷ୍ଟ ଅଧିକ । ଏଥିସହ ଉତର ଓଡ଼ିଶା ଜିଲ୍ଲା ଗୁଡ଼ିକ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଶୀର୍ଷକ ରହିଛି । ଉଲ୍ଲେଖଯୋଗ୍ୟ ଯେ ଏ ବର୍ଷ ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜକୁ ପଛରେ ପକାଇଛି ବାଲେଶ୍ୱର ଜିଲ୍ଲା । ମିଳିଥିବା ତଥ୍ୟ ଅନୁଯାୟୀ, ବାଲେଶ୍ୱର ଜିଲ୍ଲାରୁ ମୋଟ ୩୧,୦୪୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ । ଏଥିରୁ ୬୨୭ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ । ମୋଟ ୨୯ ହଜାର ୭୧୬ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ଜିଲ୍ଲାରେ ୧୪ ହଜାର ୭୭୬ ଜଣ ଛାତ୍ର ଏବଂ ୧୪ ହଜାର ୯୪୦ ଜଣ ଛାତ୍ରୀ ପାସ୍ କରିଛନ୍ତି । ତେବେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀ ଆଗରେ ରହିଛନ୍ତି । ସେହିପରି ଗ୍ରେଡ୍



ଭିତିରେ ଜିଲ୍ଲାରେ ୩୦୫ ଜଣ ଏ-୧, ୧୬୯୪ ଜଣ ଏ-୨, ୪ ହଜାର ୫୩ ଜଣ ବି-୧ ଏବଂ ୬ ହଜାର ୨୩ ଜଣ ବି-୨ ଗ୍ରେଡ୍ ପାଇଛନ୍ତି । ଜିଲ୍ଲାରେ ମୋଟ ୫୨୪ଟି ସ୍କୁଲ୍ ପରୀକ୍ଷାରେ ସାମିଲ ହୋଇଥିଲା । ଅନ୍ୟପଟେ ଉତର ଓଡ଼ିଶାର ୪ଟି ପ୍ରମୁଖ ଜିଲ୍ଲାର ପାସ୍ ହାର ଅପେକ୍ଷା ବାଲେଶ୍ୱର ଆଗରେ ରହିଛି ।ବାଲେଶ୍ୱର ୯୭.୭୧ ପ୍ରତିଶତ ରଖିଥିବା ବେଳେ ମୟୂରଭଞ୍ଜ ୯୭.୫୨ ପ୍ରତିଶତ ଏବଂ ୩୧ ହଜାର ୭୩୨ ଜଣଙ୍କ ମଧ୍ୟରୁ ୩୦ ହଜାର ୨୧୩ ଉତୀର୍ଣ୍ଣ । ସେହିପରି ଭଦ୍ରକ ୯୬.୦୧ ପ୍ରତିଶତ ରହିଥିବା ୨୧ ହଜାର ୭୨୪ ଜଣଙ୍କ ମଧ୍ୟରୁ ୨୦ ହଜାର ୪୯୯ ଉତୀର୍ଣ୍ଣ ଏବଂ କେନ୍ଦୁଝର ଜିଲ୍ଲାରେ ୯୪.୩୫ ପ୍ରତିଶତ ପାସ୍ ହାର ହୋଇଥିବା ବେଳେ ୨୫ ହଜାର ୧୫୯ ଜଣଙ୍କ ମଧ୍ୟରୁ ୨୩ ହଜାର ୨୮ ଜଣ ଉତୀର୍ଣ୍ଣ ହୋଇଛନ୍ତି । ଏହି ତଥ୍ୟ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଉତର ଓଡ଼ିଶାରେ ସବୁଠୁ ଆଗରେ ରହିଛି । ମୟୂରଭଞ୍ଜ ଜିଲ୍ଲା ଠାରୁ ବାଲେଶ୍ୱର ୦.୧୯ ପ୍ରତିଶତ ଆଗରେ ଅଛି । ରାଜ୍ୟ ହାର ୯୫.୩ ପ୍ରତିଶତ ତୁଳନାରେ ବାଲେଶ୍ୱର ୨.୪୧ ପ୍ରତିଶତ ଅଧିକ ପାସ୍ ହାର ହାସଲ କରିଛି । ତେବେ ରାଜ୍ୟରେ ଗଜପତି ଜିଲ୍ଲା ୯୯.୩୧ ପ୍ରତିଶତ ସହ ଶୀର୍ଷରେ ରହିଥିବା ବେଳେ ବାଲେଶ୍ୱର ଜିଲ୍ଲା ୯୭.୭୧ ପ୍ରତିଶତ ସହ ରାଜ୍ୟର ଅଗ୍ରଣୀ ଜିଲ୍ଲା ମଧ୍ୟରେ ରହିଛି । ୫୮୮ ନମ୍ବର ରଖି ସୋର କେସି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ବାଲେଶ୍ୱର ଜିଲ୍ଲା ଟପର୍ ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଅନିକେତ ପାତ୍ର (୫୮୬) ନମ୍ବର ଏବଂ ୫୮୨ ନମ୍ବର ରଖି ଆୟୁଷ୍ମାନ ଦାସ ତୃତୀୟ ହୋଇଛନ୍ତି । ପରୀକ୍ଷା ଫଳ ପ୍ରକାଶ ପରେ ଜିଲ୍ଲାର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି । ଶିକ୍ଷା ବିଭାଗ ପକ୍ଷରୁ ସଫଳ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଯାଇଛି ।

# ଦୃଷ୍ଟିହୀନ ପାଠରେ ଆଗୁଆ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ସହର ଉପକଣ୍ଠ ରାଣୀପାଟଣା ରେ ଥିବା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ର ୮ ଜଣ ଛାତ୍ର ଓ ୩ ଜଣ ଛାତ୍ରୀ ଚଳିତ ହାଇସ୍କୁଲ ବାର୍ଷିକ ପରୀକ୍ଷା ଦେଇଥିଲେ ସେମାନଙ୍କ ମଧ୍ୟରୁ ୫ଜଣ ଗ୍ରେଡ -ଇ୨ ର,୩ ଜଣ ଗ୍ରେଡ ଉ ରେ ଓ ୩ଜଣ ଗ୍ରେଡ -ଉ ରେ ଉତୀର୍ଣ୍ଣ ହୋଇ ବିଦ୍ୟାଳୟ କୁ ୧୦୦ ଶତକଡା ଫଳା ଫଳ ଆଣୀ ଗୌରାବାନିତ କରିଛନ୍ତି । ସେମାନଙ୍କ ମଧ୍ୟରେ ମିନି ମହନ୍ତ ୬୦୦ ରୁ ୪୦୩ ,ମୋହନ ଟୁଡୁ ୬୦୦ ରୁ ୩୯୪, ଘାସିରାମ ମୂର୍ମ ୬୦୦ ରୁ ୩୮୮ , କାହ୍ନୁ । ସିଂହ ୬୦୦ ରୁ ୩୭୮, ପ୍ରଭାତୀ ମଲ୍ଲିକ ୬୦୦ ରୁ ୩୬୪, ପାର୍ବତୀ ମଣ୍ଡି ୬୦୦ ରୁ ୩୪୮, କାହ୍ନୁ । ସିଂହ( ୨) ୬୦୦ ରୁ ୩୧୯, ଅଶୋକ ସିଂହ ୬୦୦ ରୁ ୩୦୨, ରାଜେଶ ସାମଲ ୬୦୦ ରୁ ୨୯୫, ରାହୁଲ ମୁର୍ମୁ ୬୦୦ ରୁ ୨୮୫, ରାଧା ଶ୍ୟାମ ନାୟକ ୬୦୦ ରୁ ୨୭୩ ନମ୍ବର ରଖି ସମସ୍ତେ ଉତୀର୍ଣ୍ଣ ହୋଇଥିବାରୁ ଅନୁଷ୍ଠାନ ର ନିର୍ଦ୍ଦେଶକ ଦିବାକର ସ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କ ପ୍ରଚେଷ୍ଟା କୁ ଭୂୟସୀ ପ୍ରଶଂସା କରିବା ସହିତ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ବିଏସ୍‌ପି ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳିତ

ବାଲେଶ୍ୱର(ନି.ପ୍ର.): ବହୁଜନ ସମାଜପାର୍ଟି ପକ୍ଷରୁ ଏହାର ବରିଷ୍ଠ ନେତା ପ୍ରହଲ୍ଲାଦ ଦାସଙ୍କ ଅଧକ୍ଷତାରେ ଆମ୍ବେଦକର ଭବନ ବାଲେଶ୍ୱର ଠାରେ ଗତ ୧ ତାରିଖ ସନ୍ଧ୍ୟା ୬ଟାରେ ବୁଦ୍ଧଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ବିଏସ୍‌ପିର ବହୁ କର୍ମକ[illegible] ଏହି ଜୟନ୍ତୀ ଉତ୍ସବରେ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସଭାପତି ଡାକ୍ତର ମନୋଜ କିଶୋର ମାଝୀ ଯୋଗ ଦେଇ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା



ଉପରେ ବୁଦ୍ଧଙ୍କ ବାଣୀ ଉଲ୍ଲେଖ କରିଥିଲେ - "ବିଶ୍ୱର ହିତ ସାଧନ କରିବା ହେଉଛି ମୋର ଏକମାତ୍ର ଲକ୍ଷ୍ୟ । ମୋ ନିଜର କଲ୍ୟାଣ ପାଇଁ ଏହା ଉଦ୍ଦିଷ୍ଟ ନୁହେଁ । ପ୍ରାଣୀ ମାତ୍ରକେ କିପରି ଆନନ୍ଦରେ ଓ ସୁଖଶାନ୍ତିରେ ରହିବେ ଏହାହିଁ ମୋର ଅଭିଳାଷ, ଏହାହିଁ ମୋ ପ୍ରେମର ଉତ୍ସ ।" ସମାଜସେବୀ ପ୍ରଫୁଲ୍ଲ ଜେନାଙ୍କ ଉପସ୍ଥିତିରେ ନେତ୍ରୀ ଦେବସ୍ମିତା ଦାସ ବୁଦ୍ଧ ବନ୍ଦନା ଗାନ କରିଥିଲେ । ସଭାକୁ ସଫଳ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ସର୍ବଶ୍ରୀ ଭୋଳାନାଥ ବେହେରା, ଗୋବିନ୍ଦ ବେହେରା, କୈଳାସ ଦାସ, ସମାଜସେବୀ ସଂଗ୍ରାମ କିଶୋର ମାଝୀ, ଉପେନ୍ଦ୍ର ଦାସ, ଗଗନ ପାତ୍ର, ନିରୁପମା ପାତ୍ର, ନିରଞ୍ଜନ ମହାଳିକ, ମନୋରଞ୍ଜନ ମହାଳିକ, ଦିଲ୍ଲୀପ ମାଝୀ, ମିନତୀ ଜେନା ଅନ୍ୟତମ । ସର୍ବଶେଷରେ ନେତ୍ରୀ ଆରତୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଉନ୍ମୋଚିତ ହେଲା କବି ମଦନ କୁମାର ଦାସଙ୍କ କାବ୍ୟ ପୁସ୍ତକ 'ଗୌରୀ'

ବାଲେଶ୍ୱର ,(ନି.ପ୍ର.): ଗତକାଲି ଅପରାହ୍ଣରେ କବି ମଦନ କୁମାର ଦାସଙ୍କ 'ଗୌରୀ' କାବ୍ୟପୁସ୍ତକଟି ପାହାନ୍ତିତାରାସାହିତ୍ୟାନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି । ଦୀନକୃଷ୍ଣ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ବିଶିଷ୍ଟ ସାହିତ୍ୟିକ ବ୍ରଜେନ୍ଦ୍ର ନାଥ ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉନ୍ମୋଚନ ସଭାରେ ମୁଖ୍ୟଅତିଥି ଭାବେ ରେମୁଣା ସାହିତ୍ୟ ସଂସଦର ସମ୍ପାଦକ ସୁ-ପ୍ରାବନ୍ଧିକ ଡକ୍ଟର ଭାଗବତ ପ୍ରସାଦ ଦାସ ଯୋଗ ଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ଗୀତିକାର ବିକର୍ତନ ନାୟକ, ସମ୍ମାନନୀୟ ଅତିଥି ଭାବେ ସାହିତ୍ୟିକ ପୀତାମ୍ବର ଦାସ ଯୋଗ ଦେଇଥିଲେ ।



ସମ୍ମାନନୀୟ ବକ୍ତା ଭାବେ ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ ଯୋଗ ଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ପୁସ୍ତକର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରି କାବ୍ୟକାରଙ୍କ ରଚନା ଶୈଳୀକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ପରିପ୍ରେକ୍ଷୀରେ 'କିଛି କବିତା ଓ କିଛି କଥା' ରଖିଥିଲେ କବୟିତ୍ରୀ ସତ୍ୟଭାମା ମୁଦୁଲି, କବୟିତ୍ରୀ ଜୟନ୍ତୀ ବେହେରା, କବି ପୂର୍ଣ୍ଣଚନ୍ଦ୍ର ସିଂହ, ସାହିତ୍ୟିକ ରଣଜିତ କୁମାର ବେହେରା, ଶିଶୁ-କିଶୋର ପତ୍ରିକା 'କିଚିରିମିଚିରି'ର ସମ୍ପାଦିକା ତଥା କବୀ ନାଲିସା ପ୍ରଧାନ । କବି ଦିଲ୍ଲୀପ ପାଲ, ଆଡ଼ଭୋକେଟ୍ ପ୍ରଦୀପ କୁମାର ଆଚାର୍ଯ୍ୟ, ସମାଜସେବୀ ବିଜନ ବିଶ୍ୱାସ, କବି ନଟବର ପାଢ଼ୀ, କବୟିତ୍ରୀ ଝରଣା ମଲ୍ଲିକ, ସାହିତ୍ୟପ୍ରାଣ ଅରୁଣ କୁମାର ଗୋଛାୟତ, ଫକୀର ଚରଣ ପାଢ଼ୀ, କବି ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସଭାକୁ ସଫଳ କରାଇଥିଲେ । ଶେଷକଥା ରଖିଥିଲେ ଶ୍ରୀମତୀ ଗାୟତ୍ରୀ ମିଶ୍ର ଆଚାର୍ଯ୍ୟ ।

# ଜୀବନବୀମା କାର୍ଯ୍ୟାଳୟରେ ଅନୁଷ୍ଠିତ ହେଲା ଭାବପୂର୍ଣ୍ଣ ବିଦାୟ ସଭା

ବାଲେଶ୍ୱର, (ନି.ପ୍ର.) ବିଶିଷ୍ଟ ବ୍ୟଙ୍ଗଲେଖକ ତଥା ସ୍ତମ୍ଭକାର ରାଧାଶ୍ୟାମ ରାଉଳ ଗତ ଏପ୍ରିଲ ୩୦ ତାରିଖରେ ଭାରତୀୟ ଜୀବନ ବୀମା ନିଗମ, କଟକ ଶାଖା-୧ ର ପ୍ରଶାସନିକ ଅଧିକାରୀ ପଦରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ତାଙ୍କୁ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି ।ଶାଖା ପରିଚାଳକ ପ୍ରଶାନ୍ତ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଜୟ କୁମାର ସାହୁ, ସୁସ୍ମିତା ହୋତା, ସ୍ମୃତିରେଖା ସାହୁ, ବିଦ୍ୟାଧର ପୃଷ୍ଟି, ସଏଦ୍ ଓସି ଅହମ୍ମଦ୍, ଉମାକାନ୍ତ ପୂଜାରୀ, ଜଲିରାଣୀ ନାୟକ, ରାମକୁମାର ବାରିକ, ସୁରେନ୍ଦ୍ର କୁମାର ଦାଶ, ହେମନ୍ତ କୁମାର ଜେନା, ବିଚିତ୍ର କୁମାର ଦଳେଇ, ଶରତ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ ।ବକ୍ତାମାନେ ଶ୍ରୀ ରାଉଳଙ୍କ ନିଷ୍ଠା, କାର୍ଯ୍ୟଦକ୍ଷତା, ଶୃଙ୍ଖଳା, ସମୟାନୁବର୍ତିତା, ଗ୍ରାହକସେବା ଓ ମଜାମଉଜ ସ୍ୱଭାବର ଉଚ୍ଚ ପ୍ରଶଂସା କରିଥିଲେ । କର୍ମକ୍ଷେତ୍ରରେ ଜଣେ ସଚ୍ଚୋଟ ଓ ସଚେତନ ପ୍ରଶାସକ ଭାବେ ପରିଚିତ ଶ୍ରୀ ରାଉଳ ସାହିତ୍ୟ ଜଗତରେ ମଧ ଜଣେ ସୁପରିଚିତ ବ୍ୟଙ୍ଗଲେଖକ ବୋଲି ଆଲୋଚକମାନେ ମତ ଦେଇଥିଲେ ।ନିଜ ଅନୁଭୂତି ବା[illegible] ଶ୍ରୀ ରାଉଳ କହିଥିଲେ, ସଂସ୍ଥାର ସ୍ୱାର୍ଥକୁ ସର୍ବଦା ପ୍ରାଥମିକତା ଦେଇ ସେ କୌଣସି ଚାପରେ ନ ଆସି ସତର୍କତା ଓ ଔଚିତ୍ୟର ସହ କାର୍ଯ୍ୟ କରିଆସିଛନ୍ତି ।ସହକର୍ମୀମାନେ ତାଙ୍କ ଅବସର ଜୀବନ ସୁଖମୟ, ଶାନ୍ତିମୟ ଓ ଅଧିକ ସୃଜନଶୀଳ ହେଉ ବୋଲି ଶୁଭକାମନା ଜଣାଇଥିଲେ । ସଭାରେ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ରାଉଳ ଓ ପୁତ୍ର ସଂକେତ କୁମାର ରାଉଳ ଉପସ୍ଥିତ ଥିଲେ ।





# ଗୁରୁଗ୍ରାମଠାରେ ଅଷ୍ଟମ ରଜ ମହୋତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ନୂଆଦିଲ୍ଲୀ/ ଗୁରୁଗ୍ରାମ : ଗୁରୁଗ୍ରାମ ଠାରେ ଅଷ୍ଟମ ରଜ ମହୋତ୍ସବ ପାଇଁ ଏବେ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଲକ୍ଷ୍ୟ କରାଯାଉଛି । 'ରଜ' ଓଡ଼ିଶାର ସବୁଠୁ ବୃହତ ଓ ଲୋକପ୍ରିୟ ପର୍ବ ଭାବରେ ବିଶ୍ୱବିଦିତ । ରାଜ୍ୟର ଉତ୍କର୍ଷତା, ଉତ୍କୃଷ୍ଟତା ଓ ଉପାଦେୟତାକୁ ଜାତୀୟ ରାଜଧାନୀ କ୍ଷେତ୍ରରେ ପରିଚିତ ଓ ପ୍ରତିପାଦିତ କରିବା ପାଇଁ ଏହି ଉତ୍ସବ ଅଭିପ୍ରେତ । ମାତୃ ଉପାସନା ପାଇଁ ଉଦ୍ଦିଷ୍ଟ ଏହି ମହା ପାର୍ବଣ, ମାଟି ମା' ଯେତେବେଳେ ମୌସୁମୀ ଆଗମନ କାଳରେ ଗର୍ଭଧାରଣ ପାଇଁ ପ୍ରସ୍ତୁତ ହୁଏ ସେତେବେଳେ ପାଳନ କରାଯାଇଥାଏ । କଳିଙ୍ଗ ଭାରତୀ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି ମହାସମାରୋହ, ଆଗାମୀ ଜୁନ ୧୩ ଓ ୧୪ ତାରିଖ ଦୁଇଦିନ ଧରି ସନ୍ଧ୍ୟା ୫ ରୁ ରାତି ୧୦ ଟା ପର୍ଯ୍ୟନ୍ତ ଗୁରୁଗ୍ରାମର ଚାରି ନମ୍ବର ସେକ୍ଟର ସ୍ଥିତ ହୁଡ଼ା କମ୍ୟୁନିଟି ସେଂଟର ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ପ୍ରାୟ ପନ୍ଦର ହଜାର ପ୍ରବାସୀ ଓଡ଼ିଆ ଓ ଓଡ଼ିଶାପ୍ରେମୀ ଜନସାଧାରଣଙ୍କର ଏହି ସମାବେଶରେ ସମାଗମ ଘଟିବ ବୋଲି ଆୟୋଜକଙ୍କ




ସୂତ୍ରରୁ ପ୍ରକାଶ । ଏହି ମହୋତ୍ସବରେ ବରେଣ୍ୟ ଅତିଥି ଭାବରେ ମନ୍ତ୍ରୀ, ବରିଷ୍ଠ ପ୍ରଶାସକ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଅଷ୍ଟମ ରଜ ମହୋତ୍ସବର କେନ୍ଦ୍ରୀୟ ବିଷୟ ବସ୍ତୁ ଭାବରେ ଆସନ୍ତୁ, ଦେଖନ୍ତୁ, ଆଂଚଳିକ ବିବିଧତା ସତ୍ତ୍ୱେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଦେଶ ମଧ୍ୟରେ କିଭଳି ଅନନ୍ୟ ସମନ୍ୱୟ ପ୍ରତିଷ୍ଠିତ ହୋଇଛି- 'ଦେଖୋ ଅପନା ଦେଶ' । ଆୟୋଜକ କଳିଙ୍ଗ ଭାରତୀ ଫାଉଣ୍ଡେସନର ପ୍ରତିଷ୍ଠାତା ଜାତୀୟ ସଭାପତି ଓ ବିଶିଷ୍ଟ ସମାଜସେବୀ ଇଂ. ଅକ୍ଷୟ କୁମାର ସାମଲଙ୍କ ଦ୍ୱାରା ପରିକଳ୍ପିତ ଏବଂ ପରିସ୍ଫୁଟିତ ଏହି ମହୋତ୍ସବରେ ଓଡ଼ିଶାର କଳା, ସଂସ୍କୃତି, ଇତିହାସ, ପରମ୍ପରା, ପରିପାଟୀ ଏବଂ ବ୍ୟଞ୍ଜନର ଅପୂର୍ବ ସମାହାର ଘଟିବ ବୋଲି ଜଣାଯାଇଛି । ସମଗ୍ର ଉତର ଭାରତ ବିଶେଷ କରି ହରିୟାଣାର ରଙ୍ଗାରଙ୍ଗ ସାଂସ୍କୃତିକ ବୈଭବକୁ ଓଡ଼ିଶା ମାଟିର ମହାନତା ଓ ମହାନୀୟତା ସହିତ ସଂଯୁକ୍ତ କରିବା ଏହି ଉତ୍ସବର ଅସଲ ଉଦ୍ଦେଶ୍ୟ ।୨୦୪୭ ମସିହାରେ, ବିକଶିତ ଭାରତର ଗଠନ କରିବାର ମହାନ ଲକ୍ଷ୍ୟକୁ ହାସଲ କରିବା ଅଭିପ୍ରାୟରେ ଅବିଳମ୍ୱେ ବିକଶିତ ଓଡ଼ିଶା ଓ ବିକଶିତ ହରିୟାଣା ଗଢି ତୋଳିବା ପାଇଁ ଏହି ମହୋତ୍ସବ ଉତ୍ସର୍ଗୀକୃତ । ଏହି ଦୁଇ ଦିନିଆ ସାଂସ୍କୃତିକ ମହାକୁମ୍ଭର ମୁଖ୍ୟ ଆକର୍ଷଣ ହେବ ଜାତୀୟ ଲୋକନୃତ୍ୟ ମହୋତ୍ସବ । ମଂଚକଳା ଉତ୍ସବ ନାମରେ ନାମିତ, ଏହି କାର୍ଯ୍ୟକ୍ରମ ଅବସରରେ ଓଡ଼ିଶା, ହରିୟାଣା, ରାଜସ୍ଥାନ, ପଶ୍ଚିମବଙ୍ଗ, ପଞ୍ଜାବ ଏବଂ ଉତର ପ୍ରଦେଶରୁ ଆସିବାକୁ ଥିବା ପ୍ରାୟ ୨୫୦ ରୁ ଊର୍ଦ୍ଧ୍ୱ କଳାକାର ସେମାନଙ୍କର ପାରଦର୍ଶୀ ପ୍ରତିଭା ପ୍ରଦର୍ଶନ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିବେ । ଏହା ସହିତ ବହୁ ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସ୍ଥାନୀୟ ଓଡ଼ିଶୀ ନୃତ୍ୟଶିଳ୍ପୀମାନଙ୍କର ଜାଦୁଗରୀ ନୃତ୍ୟର ଝଲକ ମଧ୍ୟ ଏଠାରେ ଦେଖିବାକୁ ମିଳିବ । ରଜ ମହୋତ୍ସବ ଓ ମଂଚକଳା ଉତ୍ସବର ଅନ୍ୟାନ୍ୟ ବିଶେଷ ଆକର୍ଷଣ ଗୁଡ଼ିକ ମଧ୍ୟରେ କୋଡ଼ିଏଟି ନାନା କିସମ ସାମଗ୍ରୀର ଷ୍ଟଲ, ଖାଂଟି ସ୍ୱାଦିଷ୍ଟ ଓଡ଼ିଆ ଖାଦ୍ୟର ମହଜୁଦି, ରଜ ଦୋଳିର ଉପଲବ୍ଧି, ସ୍ୱତନ୍ତ୍ର ରଜ ପାନ ବଂଟନର ବ୍ୟବସ୍ଥା, ରଜ ରାଣୀ ଓ ରଜ କୁମାରୀ ଚୟନ, ବିଭିନ୍ନ ପ୍ରକାର ପ୍ରତିଯୋଗିତା ଯଥା ମୁରୁଜ, ଝୋଟି, କୌତୁକ ପୋଷାକ ପରିଧାନ, ଚିତ୍ର ଅଙ୍କନ ଏବଂ ଲକି ଡ୍ର ମାଧ୍ୟମରେ ବହୁ ଆକର୍ଷକ ପୁରସ୍କାର ବିତରଣ ଆଦି ସ୍ଥାନ ପାଇବାକୁ ଯାଉଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ପ୍ରବେଶ ଶୁଳ୍କ ରହିତ ବୋଲି ମୁଖ୍ୟ ଆୟୋଜକ ଇଞ୍ଜିନିୟର ଅକ୍ଷୟ କୁମାର ସାମଲ ପ୍ରକାଶ କରିଛନ୍ତି । ରାଜଧାନୀ କ୍ଷେତ୍ରରେ ବସବାସ କରୁଥିବା ଷୋହଳ ଲକ୍ଷ ଓଡ଼ିଆ, ବହୁ ସଂଖ୍ୟାରେ ଆସି ଏହି ରଜ ମହୋତ୍ସବରେ ଭାଗ ନେବାକୁ ସେ ନିବେଦନ କରିଛନ୍ତି । ଓଡ଼ିଶାର ଅପାର ପ୍ରାଚୁର୍ଯ୍ୟ, ଅଜସ୍ର ମାଧୁର୍ଯ୍ୟ ଏବଂ ଅନନ୍ୟ ଚାତୁର୍ଯ୍ୟକୁ ଅଙ୍ଗେ ନିଭାଇବା ପାଇଁ ଏହା ଏକ ପ୍ରକୃଷ୍ଟ ଅବସର ବୋଲି ଇଞ୍ଜିନିୟର ସାମଲ ଦର୍ଶାଇଛନ୍ତି । ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ମାନବିକତା, ସୌହାର୍ଦ୍ଦ୍ୟତା ଏବଂ ଭାତୃତ୍ୱର ଦୃଢ଼ ବନ୍ଧନରେ ସମସ୍ତଙ୍କୁ ଏକତ୍ର କରିବା ରଜ ମିଳନର ମୁଖ୍ୟ ଲକ୍ଷ୍ୟ ବୋଲି ଶ୍ରୀ ସାମଲ ସୂଚାଇଛନ୍ତି ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ

ଯାଜପୁର(ନିପ୍ର) : ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ୬ଦଫା ନାର୍ଯ୍ୟୀ ଦାବିନେଇ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାନୟ ସମ୍ମୁଖରେ ଏପ୍ରିଲ ୨୯ ତାରିଖ ଦିନ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ, ଅନ୍ୟ ୨୨ଟି ରାଜ୍ୟପରି ଓଡିଶାରେ ବୃଦ୍ଧ ସାମ୍ବାଦିକ ମାନଙ୍କୁ ପେନସନ ପ୍ରଦାନ, ସ୍ୱାସ୍ଥ୍ୟ ବିମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ, ରାଜ୍ୟରେ ପ୍ରେସ ଏକାଡେମୀ ଗଠନ, ଅଧୀସିକୃତି କମିଟିର ପୁନର୍ଗଠନ କରି ବ୍ଲକ ଠାରୁ ରାଜ୍ୟ ପର୍ଯ୍ୟନ୍ତ ସମସ୍ତ ସାମ୍ବାଦିକ ମାନଙ୍କୁ ସେଥିରେ ସାମିଲ କରିବା ପ୍ରଭୃତି ଦାବି ନେଇ ରାଜ୍ୟ ସଂଘ ଡାକରାରେ ରାଜ୍ୟବ୍ୟାପି ଚାଲିଥିବା ଏହି ପ୍ରତିବାଦ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ଶାଖ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା । ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଆନନ୍ଦ ଚନ୍ଦ୍ର ସାହୁ, ରଙ୍ଗବଲ୍ଲବ ସାହୁ, କୈଳାହଚନ୍ଦ୍ର ରାଉତ, ଅଞ୍ଜନ ପତି, ରବିନ୍ଦ୍ର ସାମଲ, ପ୍ରଦୀପ ଚାନ୍ଦ, ଲମ୍ୱୋଦର ଦଳ ବେହେରା, ଶିବନ କର, ପ୍ରଦୀପ ଜେନା, ଅଶୋକ ଦାସ, କପିଳେନ୍ଦ୍ର ରାଉତ, ଅଜିତ ମିଶ୍ର, ତ୍ରିଲୋଚନ ବେହେରା, ମନୋଜ ନାୟକ, ପ୍ରମୁଖ ବକ୍ତବ୍ୟ ପ୍ରଦାନକରି ଖୁବଶୀଘ୍ର ସରକାର ସାମ୍ବାଦିକଙ୍କ ଦାବି ପୁରଣ ନକଲେ ଆଗିମୀ ଦିନରେ ଆନ୍ଦୋଳନ ଆହୁରି ଦୃଢ ହେବ ବୋଲି ଚେତାବନୀ ଦେଇଥିଲେ । ଦୀର୍ଘ ସମୟ ଧାରଣା ଓ ପ୍ରତିବାଦ ସଭା ଚାଲିବା ପରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଧାରଣା ସ୍ଥଳରେ ପହଂଚି ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ ।

## ଘରୋଇ ବସ ପଛରୁ ଧକ୍କା ଦେଲା ଅଟୋ: ଚାଳକ ଗୁରୁତର

ସୋର(ନିପ୍ର) : ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାହାନଗା ନିକଟରେ ଏକ ଘରୋଇ ବସ ପଛରୁ ଏକ ଅଟୋ ଧକ୍କା ଦେବା ଫଳରେ ଅଟୋ ଚାଳକ ଗୁରୁତର ଆହତ ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ସୂଚନା ଅନୁସାରେ ବାଟି ଅଂଚଳର ଅକ୍ଷୟ ନାୟକ ତାଙ୍କର ଓଡି ୨୨ଡବ୍ଲୁ ୩୩୯୪ ଅଟୋ ନେଇ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ବାହାନଗା ବସଷ୍ଟାଣ୍ଡ ନିକଟରେ ଆଗରେ ଯାଉଥିବା ନିନି ନାମକ ଘରୋଇ ବସ ହଠାତ ବ୍ରେକ ମାରି ଅଟକିଥିଲା । ପଛରେ ଯାଉଥିବା ଅଟୋର ଚାଳକ ଅକ୍ଷୟ ଭାରସାମ୍ୟ ହରାଇ ବସ ପଛରୁ ଧକା ଦେଇଥିଲା । ଅକ୍ଷୟ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସାପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଂଚି ଅଟୋ ଟିକୁ ଜବତ କରି ସୋର ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଶ୍ରୀ ରାମଦାୟା ପରିଷଦ ସୌଜନ୍ୟରୁ ମ୍ୟାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଧାମନଗର(ନିପ୍ର) : ଧାମନଗର ବ୍ଲକ ବଜାର ସ୍ଥିତ ଶ୍ରୀ ରାମଦୟା ପରିଷଦ ସୌଜନ୍ୟରୁ ବ୍ଲକ ସ୍ତରରେ ମ୍ୟାଟ୍ରିକ ୨୦୨୬ ରେ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଥିବା ମେଧାବୀ ଛାତ୍ର ଶ୍ରୀମାନ ସାଇସାର୍ଥକ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଆନନ୍ଦପୁର (କେନ୍ଦୁଝର) ସହକାରୀ ବ୍ଲକ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି ସଂଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର ଦାସ, ଭାବଗ୍ରାହୀ ଖୁଂଟିଆ, ଅଧ୍ୟାପକ ଚିତରଞ୍ଜନ ଦାଶ, ପ୍ରଧାନ ଶିକ୍ଷକ ମନୋଜ କୁମାର ସିଂହ, ସୁରେନ୍ଦ୍ର କୁମାର ସେଠୀ, ସୁବାସ ଚନ୍ଦ୍ର ନାୟକ ସମାଜସେବୀ ନରେଶ ଚନ୍ଦ୍ର ମହାନ୍ତି, ଶ୍ରୀଧର ନନ୍ଦ, ମାନଗୋବିନ୍ଦ ଦାସଙ୍କ ସମେତ ଅନ୍ୟମାନେ ଯୋଗଦେଇ ମେଧାବୀ ଛାତ୍ରଙ୍କର ଉତର ଜୀବନର ଶୁଭ କାମନା କରିଥିଲେ ।

## ଦିବ୍ୟପ୍ରଜ୍ଞା ନାଥ ବେତନଟୀ ବ୍ଲକ୍ ଟପ୍ପର





ବେତନଟୀ(ନିପ୍ର) : ପ୍ରକାଶିତ ହାଇସ୍କୁଲ ପରୀକ୍ଷା ଫଳ ଅନୁସାରେ ମୟୁରଭଞ୍ଜ ଜିଲ୍ଲାର ଏ୧ ରେ ୧୪୬ ଜଣ ଉତୀର୍ଣ୍ଣ ହୋଇଥିବା ବେଳେ ବେତନଟୀ ବ୍ଲକ ର ୪ ଟି ହାଇସ୍କୁଲରୁ ୬ ଜଣ ଏ୧ ଗ୍ରେଡ଼ ପାଇଥିବା ଜଣାପଡିଛି । ସେମାନଙ୍କ ମଧ୍ୟରୁ ବାଳକା ହାଇସ୍କୁଲ ର ଛାତ୍ରୀ ଦିବ୍ୟପ୍ରଜ୍ଞା ନାଥ ୫୬୩ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଥିବା ବେଳେ ସେହି ବିଦ୍ୟାଳୟରୁ ଆଦ୍ୟାଶା ସାହୁ ୫୫୮ ଓ କ୍ରିଷ୍ଣା ପାଣିଗ୍ରାହୀ ୫୪୪ ନମ୍ବର ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ରଘୁନାଥ ହାଇସ୍କୁଲ ରାଇକମାର ରୋଜାଲିନ ମିଶ୍ର ୫୪୦, ଗୋପବନ୍ଧୁ ଶିକ୍ଷା ନିକେତନ ମଛପଦା ର ଜୟସ୍ମିତା ପୃଷ୍ଟି ୫୪୦ ଓ ମା ଚକ୍ରଶିଳା ହାଇସ୍କୁଲ ଭାଲିଆ ର ଛାତ୍ରୀ ଜ୍ୟୋସ୍ନା ଧଳ ୫୪୦ ନମ୍ବର ରଖି ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି । ବେତନଟୀ ଓଷ୍ଟା ସଂଘ ପକ୍ଷରୁ ବୋର୍ଡ ପରୀକ୍ଷା ରେ କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ସେମାନଙ୍କ ଉତରୋତର ଉନ୍ନତି କାମନା କରାଯାଇଛି ।

## ଭାଜପା ଦଳରେ ସାମିଲ ହେଲେ ବହୁ ଲୋକପ୍ରତିନିଧି ଓ ସଙ୍ଗଠକ

ଖଇରା(ନିପ୍ର) : ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଧୀନ ଖଇରା ଦୂର୍ଗାମଣ୍ଡପରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ଯୋଗ ଦେଇ ବକ୍ତବ୍ୟରେ ଓଡିଶାରେ ବିଜେପି ସରକାର ଆସିବା ପରେ ସବୁ କ୍ଷେତ୍ରରେ ବିକାଶ ହୋଇଛି । ବିକଶିତ ଗାଁ ବିକଶିତ ଓଡିଶା ପାଇଁ ୨ହଜାର କୋଟି ସହ ଶ୍ରମିକ ଙ୍କୁ ମଜୁରୀ ଓ ବର୍ଦ୍ଧିତ ମହଙ୍ଗାଭତା ପ୍ରଦାନ କରାଯାଇଛି । ୪୦ହଜାର ଖାଲି ପଦବୀ ପୁରଣ ସାଙ୍ଗକୁ ଶିଳ୍ପାୟନ ଦ୍ରୁତ ବିକାଶ ପାଇଁ ୨୦ଲକ୍ଷ କୋଟି ନିବେଶ କରାଯିବା ଓ ଏଥିରେ ୧୨ଲକ୍ଷ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ଲକ୍ଷ ରଖାଯାଇଛି ଏବଂ ଚାଷୀଙ୍କୁ ବୋନସ ବାବଦରେ ୮ଶହ ଟଙ୍କା ପ୍ରଦାନ କରିଛନ୍ତି । ଭ୍ରଷ୍ଟାଚାରରେ ବୁଡିଥିବା ଏକ ସରକାରକୁ ହଟାଇ ଓଡିଶାବାସୀ ଯେଉଁ ଲକ୍ଷରେ ଭାଜପା ସରକାରକୁ କ୍ଷମତାକୁ ଆଣିଥିଲେ ତାକୁ ସରକାର ପୁରଣ କରୁଛନ୍ତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଏମପ ଅଭିମନ୍ୟୁ ସେଠୀ, ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲା ଭାଜପା ସଭାପତି ଈଶ୍ୱର



ଚନ୍ଦ୍ର ବେହେରା, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଷ ପ୍ରସାଦ ମହାପାତ୍ର, ପୁର୍ବତନ ଜିଲା ସଭାପତି ଲମ୍ୱୋଧର ନାୟକ, ହରେକୃଷ୍ଣ ଦାଶ, କିଶୋର ଦାସ, ପ୍ରାକ୍ତନ ବ୍ଲକ ସଭାପତି ନିରଞ୍ଜନ ବେହେରା, ଯୁବନେତା ନିଳ ମାଧବ ପଣ୍ଡା, ରାଜ୍ୟ ଉପସଭାପତି ସିପ୍ରା ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ୧୩ ପଂଚାୟତରୁ ବିଜେଡିରୁ ଇସ୍ତଫା ଦେଇଥିବା ଲୋକ ପ୍ରତିନିଧି, ଦଳୀୟ କର୍ମକର୍ତାଙ୍କୁ କାର୍ଯ୍ୟକର୍ତା ମାନେ ଉତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ଦଳରେ ମିଶିଥିବା ପ୍ରମୁଖ ନେତୃବୃନ୍ଦଙ୍କ ହେଲେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସାରକୋଣା ସରପଂଚ ସୁଶାନ୍ତ ନାୟକ, କଇଥଗଡିଆ ସରପଂଚ ଗୋବର୍ଦ୍ଧନ ପାଇକରାୟ ଓ ସମିତିସଭ୍ୟ ନରୋତମ ମହିମା ଜେନା, ରପେୟା ସରପଂଚ ମଞ୍ଜୁଲତା ସାମଲ, ମହତୀପୁର ସମିତିସଭ୍ୟା ଭାନୁପ୍ରିୟା ସାହୁ, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ଗୋଳିହା ସମିତିସଭ୍ୟ ରଞ୍ଜନ ରାଉତ, ସାରୁଗା ସରପଂଚ ପ୍ରାର୍ଥୀ ଗୌତମ ରାଉତ, ମାଣିତ୍ରୀ ପ୍ରାକ୍ତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସ, ପ୍ରିତମ ନାୟକ, ସୌମ୍ୟ ରଞ୍ଜନ ନାୟକ ପ୍ରମୁଖ । କୈଳାସ ମାଝୀ, ଅଜୟ କୁମାର ବେହେରା, ପତିତପାବନ କର ଓ ମାୟାଧର କୁଅଁର ପ୍ରମୁଖ ମଂଚ ପରିଚାଳନା କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Khaira, Balasore dated 27.04.2026 I, Satyaprakasha Behera, aged about 18 years, S/o- Surendra Behera of Village- Amaria, Po- Baghua, PS- Simulia, Dist- Balasore declare that I have changed my name from Satyaprakash Behera to Satyaprakasha Behera. Henceforth, I shall be known as Satyaprakasha Behera for all purposes.

**Sd/-**
**Satyaprakasha Behera**

# ମେଗା ପ୍ରାଣୀ ସ୍ୱାସ୍ଥ୍ୟ ଚିକିତ୍ସା ଓ ସଚେତନତା ଶିବିର

କଟକ(ନିପ୍ର) : ରୋଟାରୀ କ୍ଲବ କଟକ ଇଷ୍ଟ ତରଫରୁ ଟାଙ୍ଗୀ - ଚୌଦ୍ୱାର ବ୍ଲକର ଗରୁଡ଼ ଗ୍ରାମ ପଂଚାୟତ ଅନ୍ତର୍ଗତ କୁଶପଡ଼ାଠାରେ ଏକ ବୃହତ ପ୍ରାଣୀ ସ୍ୱାସ୍ଥ୍ୟ ଚିକିତ୍ସା ଓ ସଚେତନତା ଶିବିର ସହିତ ଟୀକା କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ମୁଖ୍ୟ ଅତିଥି ପିଡିଜି ରୋଟାରୀଆନ ଜୟଶ୍ରୀ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହିତ ରୋଟାରୀ କ୍ଲବ କଟକ ଇଷ୍ଟ ତରଫରୁ ଆୟୋଜିତ ଏହି ମେଗା ସ୍ୱାସ୍ଥ୍ୟ ଶିବିର ନେଇ ଉଚ୍ଚ ପ୍ରଶଂସା କରିଥିଲେ । ଏହା ଗ୍ରାମା*ଳରେ ପ୍ରାଣୀ ପାଳନ କରୁଥିବା ଲୋକମାନଙ୍କର ଜୀବିକା ନିର୍ବାହରେ ସାହାଯ୍ୟ କରିବା ସଂଗେ ସଂଗେ ସେମାନଙ୍କର ଆର୍ଥିକ ବିକାଶ ହେବା ସହିତ ପ୍ରାଣୀଜ ପୁଷ୍ଟିସାର ପାଇବା ଦ୍ୱାରା ଏହା ସ୍ୱାସ୍ଥ୍ୟ ଗଠନରେ ନିଶ୍ଚୟ ସହାୟକ ହୋଇପାରିବ ବୋଲି ନିଜର ଭାଷଣ ପ୍ରସଙ୍ଗରେ କହିଥିଲେ । ସେ ଏହି କୁଶପଡ଼ା ଗ୍ରାମକୁ ଏକ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରି ଏକ ସୂଚନା କେନ୍ଦ୍ର ଖୋଲିବା ସହିତ ସମସ୍ତ ସରକାରୀ ଯୋଜନାକୁ ଲୋକମାନଙ୍କୁ ଅବଗତ କରିବା ସହିତ ରୋଟାରୀ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଏଠାରେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ରୋରାରୀ କ୍ଲବ କଟକ ଇଷ୍ଟର ସଭାପତି ରୋଟାରୀଆନ ଶରତ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସେହିପରି ସମ୍ପାଦକ ରୋଟାରୀଆନ ଡ଼ଃ ବୀର କିଶୋର ପରିଡା ଅତିଥି ପରିଚୟ ସହ ରୋଟାରୀ କ୍ଲବ ତରଫରୁ ପ୍ରଥମ ଥର ପାଇଁ ଆୟୋଜିତ ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଓ ପ୍ରତିଷେଧକ ଟୀକା ପ୍ରଦାନ ଦ୍ୱାରା ଫାଟୁଆ ରୋଗ ନିରାକରଣ କରିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ



ଉପରେ ଆଲୋକପାତ କରିଥିଲେ । ଏହି ଆୟୋଜିତ ପ୍ରାଣୀ ଚିକିତ୍ସା ଶିବିରରେ ୨୩୬ଟି ପ୍ରାଣୀଙ୍କ ସମେତ ୧୯୪ଟି ଗାଇଗୋରୁ ଓ ୪୨ଟି ଛେଳିଙ୍କର ଚିକିତ୍ସା କରାଯାଇଛି ବୋଲି ପ୍ରକାଶ କରିଥିଲେ । ଏଥିରେ ଗରୁଡ଼ ଗାଁ ସରପଂଚ ଦିପାରାଣୀ ବେହେରା, ସଫା ସରପଂଚ ନିବାସ ଚନ୍ଦ୍ର ପାଣ୍ଡନ, ସରପଂଚ ନୋମିନି ସୁବୋଧ କୁମାର ସାମଲ, ବରିଷ୍ଠ ରୋଟାରୀଆନ ଡ଼ଃ ପ୍ରଦୀପ୍ତ କୁମାର ଦାସ, ଡ଼ଃ ଅଶ୍ୱିନୀ କୁମାର ନାୟକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ଗ୍ରାମାଂଚଳ ସମ୍ପ୍ରଦାୟର ଜୀବିକା ଅର୍ଜନ ସହିତ ଆର୍ଥିକ ବିକାଶରେ ରୋଟାରୀର ଭୂମିକା ଗୁରୁତ୍ୱପୂର୍ଣ ବୋଲି ବର୍ଣ୍ଣନା କରିଥିଲେ । ଶେଷରେ କ୍ଲବର ସମ୍ପାଦକ ରୋଟାରୀଆନ ଡ଼ଃ ସନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ ପ୍ରାଣୀ ଚିକିତ୍ସା ଶିବିରରେ ବରିଷ୍ଠ ପ୍ରାଣୀ ଚିକିତ୍ସିକ ଡ଼ଃ ଅଶ୍ୱିନୀ କୁମାର ନାୟକ, ଡ଼ଃ ବୀର କିଶୋର ପରିଡା ଏବଂ ପ୍ରାଣୀ ଧନ ନିରୀକ୍ଷକ ପ୍ରକାଶିନୀ ସ୍ୱାଇଁ ଏବଂ ପ୍ରାଣୀମିତ୍ର ମାନେ ସହଯୋଗ କରିଥିଲେ । ବିଭିନ୍ନ ଔଷଧ କମ୍ପାନୀ ଯଥା - ମାରୁତି ଏଂଟେର ପ୍ରାଇଜେସ ଏବଂ କର୍ଣ୍ଣାଟକ ଆଂଟିବାଓଟିକ୍ସ ତରଫରୁ ସାମ୍ପଲ ଔଷଧ ବିତରଣ ସହିତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ତରଫରୁ ମାଗଣାରେ ଫାଟୁଆ ଟୀକା ଗାଇଗୋରୁଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଅଂଶ ଗ୍ରହଣ କରିଥିଲେ । କଟକ ଇଷ୍ଟ ରୋଟାରୀ କ୍ଲବର ଅନ୍ୟ ରୋଟାରୀଆନ ମଧ୍ୟରେ ପ୍ରାକ୍ତନ ସଭାପତି ସ୍ମୃତି ରଞ୍ଜନ ଷଡ଼ଙ୍ଗୀ, ଅମ୍ରିତ ରାଜ ସିଂ, ବିନୟ ରଥ, ସୁଶାନ୍ତ କୁମାର ପଣ୍ଡା, ବିଜୟ କୁମାର ପୁହାଣ , ଲକ୍ଷ୍ମୀ ନାରାୟଣ ପାଢ଼ୀ, ଡ଼ଃ ସନ ପଟ୍ଟନାୟକ, ସୁବ୍ରତ କୁମାର ସା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

**ବିଜ୍ଞାପନ**

**ଜଳେଶ୍ୱର ମୁକାମ କନିଷ୍ଠ ଦେଓ୍ୱାନୀ ବିଗ୍ଭରପତିଙ୍କ ଅଦାଲତ**

**C.S. No. 108 / 2016**

୧. ଶ୍ରୀମତୀ ପଦ୍ମାବତୀ ମହାନ୍ତି, ବ୭୮ର୍ଷ(ମୃତ)
ସ୍ୱାମୀ: ୰ହରେନ୍ଦ୍ର ମହାନ୍ତି, ପି: ୰ନଗେନ୍ଦ୍ର ମହାନ୍ତି
୨. ଶ୍ରୀମତୀ କାଂଚନବାଲା ମହାନ୍ତି, ବ୫୫ର୍ଷ,
ସ୍ୱା: ଶ୍ରୀ ରାମଚନ୍ଦ୍ର ମହାନ୍ତି, ପି: ୰ହରେନ୍ଦ୍ର ମହାନ୍ତି
୩. ଶ୍ରୀ ଅକ୍ଷୟ ନାରାୟଣ ମହାନ୍ତି, ବ୫୦ର୍ଷ,
୪. ଶ୍ରୀ ଅଶୋକ କୁମାର ମହାନ୍ତି, ବ୪୫ର୍ଷ,
କ୍ର.ନଂ- ୩ ଓ ୪ ଙ୍କର ପିତା: ୰ହରେନ୍ଦ୍ର ମହାନ୍ତି
ସମସ୍ତଙ୍କର ସା: ଜ୍ୟୋତିର୍ଜଙ୍ଗମ, ପୋ: ନାମ୍ପୋ
ଥା: ଜଳେଶ୍ୱର, ଜି: ବାଲେଶ୍ୱର ....... ବାଦୀମାନେ
(ବନାମ)
ଓଡ଼ିଶା ରାଜ୍ୟ ସରକାର ମାର୍ଫତ କଲେକ୍ଟର ବାଲେଶ୍ୱର
ସା/ପୋ/ଜି: ବାଲେଶ୍ୱର, ଥା: ଟାଉନ ...... ବିବାଦୀମାନେ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଉପରୋକ୍ତ ବାଦୀମାନେ ନିମ୍ନ ସମ୍ପତି ସକାଶ ସତ୍ୱ ସାବ୍ୟସ୍ତ ତଥା ଚିରସ୍ଥାୟୀ ନିଷେଧାଜ୍ଞା ଉକ୍ତ ମୋକଦ୍ଦମା ଆଗତ କରିଅଛନ୍ତି । ଉକ୍ତ ସମ୍ପତି ହାଲ ବନ୍ଦୋବସ୍ତରେ ବିରୋଧିୟ ବୃତି "ରକ୍ଷିତ" ଖାତା ଭୁକ୍ତ ହୋଇ "ଗୋଚର" କିସମରେ ପ୍ରକାଶନ ହୋଇଅଛି । ନିମ୍ନ ତଫସିଲ ମୋକଦ୍ଦମା ବୃତି ପାଇଁ ଯଦ୍ୟପି କୌଣସି ବ୍ୟକ୍ତିଙ୍କର କୌଣସି ଆପତି ଥାଏ ତେଣିକି ସେ ନିଜେ କିମ୍ବା ତାଙ୍କ ଦ୍ୱାରା ନିଯୁକ୍ତ ଓକିଲଙ୍କ ଜରିଆରେ ଆସନ୍ତା ତା୩୦.୦୬.୨୦୨୬ରିଖ ସକାଶ ସମୟ ଘ୭.୩୦ମିନିଟ୍ ସମୟରେ ନିଜେ କିମ୍ବା କ୍ଷମତା ପ୍ରାପ୍ତ ଓକିଲ କିମ୍ବା ଅଧିକାରୀଙ୍କ ଜରିଆରେ ଅତ୍ର ଅଦାଲତରେ ହାଜର ହୋଇ ନିଜ ତରଫରୁ ଆପତି ଆଦି ଦାଖଲ କରିବେ । ନଚେତ ଆଇନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ।

**ତଫସିଲ ସମ୍ପତି**

ବାଲେଶ୍ୱର ଜିଲ୍ଲା /କଲେକ୍ଟର ଥାନା- ଜଳେଶ୍ୱର, ଥାନା ନଂ. ୧୪୭, ମୌଜା: ଜ୍ୟୋତିର୍ଜଙ୍ଗମ, ସା: ଖା୨୬ ସାବକ ପ୍ଲଟ ନଂ. ୭୦ ଏ୧.୨୭ଡି. ସ୍ଥ: ଏ୦.୯୨ଡି. ଯାହାକି ହାଲ ବନ୍ଦୋବସ୍ତ ମତେ ହାଲ ଖାତା- ୭୦ ପ୍ଲଟ ନଂ- ୭୨ ଏ୦.୦୪ଡି. ପ୍ଲଟ ନଂ-୧୩୮ ଏ୦.୮୮ଡି.
ମୋଟ ୧ ଖାତା ୨ପ୍ଲଟ ନଂ୯୨ଡି. ।

ସ୍ୱା/-
କନିଷ୍ଠ ଦେଓ୍ୱାନୀ ବିଗ୍ଭରପତିଙ୍କ
ଜଳେଶ୍ୱର, ବାଲେଶ୍ୱର
ସହି ମୋହର





ସମ୍ମାନ କେହି କାହାକୁ ଦିଏ ନାହିଁ : ନିଜର କାର୍ଯ୍ୟ ତାହାକୁ ଅର୍ଜନ କରେ ।

# ଆଜିକାଲି



ଅନନ୍ତ ବିଜୟଂ ରାଜା, କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ନକୁଳଃ ସହଦେବଶ୍ଚ, ସୁଘୋଷମଣିପୁଷ୍ପକୌ (ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ଯୁଧିଷ୍ଠିରଙ୍କ ଅନନ୍ତବିଜୟ, ନକୁଳଙ୍କ ସୁଘୋଷ ଓ ସହଦେବଙ୍କ ମଣିପୁଷ୍ପକ ଏ ସବୁ ଶଙ୍ଖ ମଧ୍ୟ ସଂଗେ ସଂଗେ ବାଜିଲା ।

## ଘରେଘରେ ୨୪ ଘଂଟିଆ ପିଇବା ପାଣି

ରାଜ୍ୟରେ ୨୪ ଘଂଟିଆ ପାଇପ ପାଣି ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ ବାସ୍ତବରେ ପରିଣତ ହେଉଛି । କଟକ ସହର ପାଇଁ ୨୪ ଘଂଟିଆ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଲୋକାର୍ପିତ କରିଛନ୍ତି । ଏହାଦ୍ୱାରା ସହରର ସମସ୍ତ ପରିବାର ଦିନରାତି ପିଇବା ପାଣି ସୁବିଧାରେ ପାଇପାରିବେ । ଏହାଦ୍ୱାରା ୧ ଲକ୍ଷ ୪୦ ହଜାର ପରିବାରର ୭ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ । ଏହି ଯୋଜନା ପାଇଁ ୭ ଶହ ୯୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଏହି ପାଣି ଯୋଜନା ରାଜ୍ୟର ସମସ୍ତ ପରିବାରକୁ ଖୁସି ଆଣି ଦେଇଛି । କେବଳ କଟକ ନୁହେଁ ରାଜ୍ୟ ୬୦ଟି ସହରର ସବୁ ପରିବାରକୁ ୨୪ ଘଂଟିଆ ପାଇପ ପାଣି ଯୋଗାଇ ଦିଆଯାଉଛି । ଖୁବ୍ ଶୀଘ୍ର ସମସ୍ତ ସହର ଏପରିକି ୧୪୪ଟି ସହରରେ ଏହି ପାନୀୟ ଜଳ ଯୋଗାଇ ଦିଆଯିବ । ଏଥିପାଇଁ "ଡ୍ରିଙ୍କ ଫ୍ରମ୍ ଟ୍ୟାପ୍" ମିଶନ ରୋଲ ମଡ଼େଲ କରାଯାଇଥିଲା । ପୁଣି ଏଥିପାଇଁ ୨୭୦ କୋଟି ଟଙ୍କା ବିନିଯୋଗ କରାଯିବାର ନିଷ୍ପତି ହୋଇଛି । ପ୍ରସ୍ତାବ ଅନୁଯାୟୀ ୨୦୨୩ ସୁଦ୍ଧା ସମସ୍ତ ସହରକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ । ସରକାରଙ୍କ ଏଭଳି ଏକ ପ୍ରକଳ୍ପ ନିଶ୍ଚିତ ଭାବେ ରାଜ୍ୟବାସୀଙ୍କ ପାଇଁ ସ୍ୱାଗତଯୋଗ୍ୟ । ରାଜ୍ୟର ଏହି ଯୋଜନା ବିଶ୍ୱ ଇତିହାସରେ ଲିପିବଦ୍ଧ ହେବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । କେବଳ ପାନୀୟ ଜଳ ନୁହେଁ ଏହି ସରକାରଙ୍କ ପରିଚାଳିତ ଉଦ୍ଦବରେ ୪୩୦ କୋଟି ଟଙ୍କାର ୩ଟି ପ୍ରକଳ୍ପ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି । ସାରା ରାଜ୍ୟରେ ପାନୀୟ ଜଳକୁ ନେଇ ପ୍ରତିବର୍ଷ ଗ୍ରାମରୁ ସହର ପର୍ଯ୍ୟନ୍ତ ଲୋକେ ସରକାରଙ୍କୁ ବିରୋଧ କରୁଥିଲେ ତାହା ନୁହେଁ ପାଣି ପାଇପ ନିକଟରେ ସଂଗ୍ରହ ପରିବାର ବାଲଟି, ମାଠିଆର ଦୃଶ୍ୟ ଦେଖିବାକୁ ମିଳିଥିଲା । ଯଦିଓ ସବୁ କ୍ଷେତ୍ରରେ ରାଜ୍ୟ ଆଗେଇଛି କିନ୍ତୁ ପାନୀୟ ଜଳ ଯୋଗାଣ ଲୋକଙ୍କ ପାଖେ ପହଂଚିବା ଯୋଗୁଁ ଏବେ ଜଟିଳ ସମସ୍ୟାର ଯେ ସମାଧାନ ହୋଇଛି ଏଥିରେ ସନ୍ଦେହ ନାହିଁ । ଆମେ ଯାହା ଲକ୍ଷ୍ୟ କରୁଛୁ କେବଳ ସହରାଂଚଳ ନୁହେଁ ପଂଚାୟତ ସ୍ତରରେ ମଧ୍ୟ ପ୍ରତି ଗ୍ରାମରେ ସ୍ୱତନ୍ତ୍ର ସ୍ଥାନରେ ପାଇପ ଜଳ ଯୋଗାଣ ଆରମ୍ଭ ହୋଇସାରିଛି । ଯଦି ସମଗ୍ର ରାଜ୍ୟରେ ପ୍ରତ୍ୟେକ ଘରକୁ ପାନୀୟ ଜଳଯୋଗାଇ ଦିଆଯିବ ତାହେଲେ ଲୋକେ ପାଣି ପାଇଁ ମାଇଲ ମାଇଲ ରାସ୍ତା ଅତିକ୍ରମ କରିବେ ନାହିଁ । ସରକାରଙ୍କ ଏହି କାର୍ଯ୍ୟକ୍ରମ ସଂପୂର୍ଣ୍ଣ ଭାବେ ସଫଳ ହେଲେ ବିଜୁଳି ଭଳି ପାଣି ସମସ୍ୟାରୁ ମୁକ୍ତି ପାଇବେ ଏଥିରେ ଦ୍ୱିମତ ହେବାର ନାହିଁ । ସ୍ୱାଧୀନତା ପରଠାରୁ ୭୦ବର୍ଷରୁ ଅଧିକ ସମୟ ଧରି ଦେଶ ଓ ରାଜ୍ୟ ମାନଙ୍କରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ଆଖିଦୃଶିଆ ସଫଳ ହୋଇଛି । ତେବେ କେତେବେଳେ ଏହା ସଫଳ ହୋଇଛି ସବିଶେଷ ଭାବେ ସର୍ବେକ୍ଷଣ କଲାପରେ ନିଶ୍ଚିତ ଭାବେ ସଠିକ୍ ତଥ୍ୟ ଉପରେ ଉପସ୍ଥାପନା କରିହେବ । ଓଡ଼ିଶାର ପ୍ରାୟ ଅଧିକାଂଶ ଜାଗାରେ ପାନୀୟଜଳର ଘୋର ଉତ୍କଟ ଦେଖାଦେଉଥିବା ବେଳେ ତାହାର ନିରାକାଣ ପାଇଁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଏବଂ ପ୍ରଶାସନ ମାଧ୍ୟମରେ ତାହାର ନିରାକରଣ ପାଇଁ ଦାବି କରାଯାଉଥିବା ବେଳେ ବୋଧହୁଏ ସଫଳତା ପାଇପାରୁ ନଥିଲେ । ଯାହା ହେଉ ଏବେ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ୨୪ ଘଂଟିଆ ପାନୀୟ ଜଳ ଯୋଗାଣ ଲୋକଙ୍କ ଦାବି ପୂରଣ କରିବାକୁ ଯାଉଥିବା ବେଳେ ପ୍ରାୟ ସବୁ ଜିଲ୍ଲାରେ ଏହା କାର୍ଯ୍ୟକାରୀ ସଠିକ୍ ରୂପେ କରାଯାଇ ପାରିଲେ ଲୋକମାନେ ପାଣି ସମସ୍ୟାରୁ ନିସ୍ତାର ପାଇ ପାରିବେ । ଏହାସତ୍ତ୍ୱେ ଏବେ ବି ବହୁଗ୍ରାମରେ ବିଜୁଳି ଓ ପାନୀୟ ଜଳ ଲୋକଙ୍କ ପାଖରେ ପହଂଚିପାରୁ ନାହିଁ । ଏହା କେବଳ ଆମ ରାଜ୍ୟ ନୁହେଁ ସମଗ୍ର ଦେଶର ରାଜ୍ୟ ମାନଙ୍କରେ ଏଭଳି ଅଭିଯୋଗ ନଜରକୁ ଆସିଛି । ପ୍ରାୟତଃ ପ୍ରତ୍ୟେକ ଗ୍ରାମକୁ ପିଚୁ ଓ କଂକ୍ରିଟ ରାସ୍ତା ହୋଇ ଥିବା ନଜରକୁ ଆସିଛି । ଏବେ ପାନୀୟ ଜଳକୁ ନେଇ ହଜାର ହଜାର ଲୋକ ଯେଉଁଭଳି ପ୍ରତିଦିନ ସମସ୍ୟାର ସମ୍ମୁଖୀନ ହେଉଥିଲେ ସରକାରଙ୍କ ଏହି ଯୋଜନାରେ ନିଶ୍ଚିତ ଭାବେ ଲୋକେ ଉପକୃତ ହେବେ ।

# ଜାଣିବା ପାଇଁ

### ସୁଖଶାନ୍ତିରେ ରହିବା ପାଇଁ ଗ୍ରହମାନଙ୍କର କୃପା ଦୃଷ୍ଟି ପଡ଼ିବା ଏକାନ୍ତ ଆବଶ୍ୟକ । ଏଣୁ ଗ୍ରହଙ୍କୁ ସନ୍ତୁଷ୍ଟ କରିବା ପାଇଁ କିଛି କାର୍ଯ୍ୟ କରନ୍ତୁ । ଯଥା ...

- ସକାଳୁ ଉଠି ମାତା- ପିତା, ଗୁରୁ ଏବଂ ବୟସ୍କଙ୍କୁ ପ୍ରଣାମ କରନ୍ତୁ
- ପ୍ରତିଦିନ ଗାଈକୁ ଗୁଡ଼ ଓ ରୁଟି ଦିଅନ୍ତୁ । ଯଦି ସମ୍ଭବ ହୁଏ ଗାଈକୁ ପୂଜା କରନ୍ତୁ ।
- ପ୍ରତିଦିନ କୁକୁରକୁ ରୁଟି ଖାଇବାକୁ ଦିଅନ୍ତୁ । ପକ୍ଷୀଙ୍କୁ ମଧ୍ୟ ଖାଇବାକୁ ଦେବା ଭଲ ।
- ଯଦି ଆପଣଙ୍କ ସହରରେ ଗାଈ ନଥାଏ, ତେବେ ନଦୀ କିମ୍ବା ସାଗର ଥିବ, ସେଠାରେ କଇଁଛ ଓ ମାଛକୁ ଅଟା ଗୋଲି ଖାଇବାକୁ ଦିଅନ୍ତୁ ।
- ପ୍ରତିଦିନ ଖାଇବା- ପିଇବା ଖାଦ୍ୟରୁ କିଛି ଚିଲ ଓ କାଉଙ୍କୁ ଦିଅନ୍ତୁ ଘରକୁ ଆସିଥିବା ଅତିଥିଙ୍କ ସେବା ନିଷ୍କାମ ଭାବରେ କରନ୍ତୁ ।
- ପ୍ରତିଦିନ ସକାଳୁ ଭୋଜନ ତିଆରି କରିବା ସମୟରେ ଏକ ରୁଟି ଅଗ୍ନିଦେବ ନାମରେ ତିଆରି କରି ଘିଅ କିମ୍ବା ଗୁଡ଼ ସହ ଭଗବାନ ବୃହସ୍ପତିଙ୍କୁ ଅର୍ପର କରନ୍ତୁ । ଏହା ଦ୍ୱାରା ଅନ୍ନପୂର୍ଣ୍ଣା ମଧ୍ୟ ପ୍ରସନ୍ନ ହୁଅନ୍ତି ।
- ସକାଳୁ ଗାଧୋଇ ଭଗବାନ ଶଙ୍କରଙ୍କ ଶିବଲିଙ୍ଗ ଉପରେ ଜଳ ଲାଗି କରି ୧୦୮ ଥର ଓଁ ନମଃ ଶିବାୟ ଗାଆନ୍ତୁ ।
- ସକାଳୁ ଗାଧୋଇବା ପରେ ସୂର୍ଯ୍ୟନାରାୟଣଙ୍କୁ ଲାଲ୍ ପୁଷ୍ପ ଚଢ଼ାଇ ହାତଯୋଡ଼ି ବାରମ୍ବାର ନମସ୍କାର କରନ୍ତୁ ।
- ପ୍ରାତଃରୁ ସୂର୍ଯ୍ୟ ସମ୍ମୁଖରେ ବସି ଏକାନ୍ତରେ ଭବତ ଭଜନ କିମ୍ବା ମନ୍ତ୍ର ବା ଗୁରୁ ମନ୍ତ୍ର ଜପ କରନ୍ତୁ ।
- ଯଥା ଶକ୍ତି କିଛି ନା କିଛି ଗରିବଙ୍କୁ ଦାନ ଦିଅନ୍ତୁ ।
- ପ୍ରତ୍ୟେକ ପ୍ରାଣୀ ପ୍ରତି ଯଥାଶକ୍ତି ଦୟା, ସ୍ନେହ ଓ ସେବା ଭାବନା ରହିବା ଦରକାର ।
- ରବିବାର କିମ୍ବା ମଙ୍ଗଳବାର କରଜ କରନ୍ତୁ ନାହିଁ । ବୁଧବାର କରଜ କରି ପାରିବେ । ମଙ୍ଗଳବାର କରଜ ଶୁଝି ଦେବାଭଲ ।
- ନିୟମିତ ଭାବେ ପ୍ରସ୍ତୁତ ପ୍ରଥମ ରୁଟି ଗାଈକୁ ଓ ଶେଷ ରୁଟି କୁକୁରକୁ ଦିଅନ୍ତୁ ।

# ଜନତା,ଜନଜାଗରଣ ଓ ଗଣମାଧ୍ୟମ

◆ ଗୋଲଖ ଚନ୍ଦ୍ର ଦାସ

ବର୍ତ୍ତମାନ ଭାରତ ସରକାରଙ୍କ ତରଫରୁ ଜନଗଣନା ସାରା ଦେଶରେ ଚାଲିଛି । ଓଡିଶାରେ ମଧ ଚାଲିଛି । ଜନଗଣନା କର୍ମୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି । ତଥାପି ଜନତା ସଚେତନ ନାହାଁନ୍ତି ନିଜର ଜନ ଗଣନା କରିବାକୁ। କେଉଁଠି ଜନଗଣନା କର୍ମୀଙ୍କୁ ମାଡ ମାରୁଛନ୍ତି ଓ କେଉଁଠି ଖରାପ ବ୍ୟବହାର କରୁଛନ୍ତି । କେଉଁଠି ତଥ୍ୟ ଦେବାକୁ ମନା କରୁଛନ୍ତି । କିଏ କହୁଛନ୍ତି ଆମ ଘର ଚଟାଣ ମାର୍ବଲରେ ହୋଇଛି ବୋଲି କାହିଁକି ଲେଖିବ, କିଏ କହୁଛନ୍ତି ଆମ ଘର ପଥରରେ ହୋଇଛି ବୋଲି କାହିଁକି ଲେଖିବ, ଆମ ବିଲିଡିଂରେ କେତୋଟି ଘର ଅଛି କାହିଁକି ଲେଖିବ, ଆମ ବିଲିଡିଂରେ କେତେ ଜଣ ଭଡାରେ ରହୁଛନ୍ତି କାହିଁକି ଲେଖିବ,ଲାପଟପ, କମ୍ପ୍ୟୁଟର, ଦୁଇ ଚକିଆ ଯାନ, ଚାରି ଚକିଆ ଯାନ, ଆମ ଘରକୁ ପାଣି କେଉଁଠୁ ଆସୁଛି, ଆମ ଘରେ ଗାଧୁଆ ଘର, ପାଇଖାନା, ରୋଷାଇ ଘର , ଗ୍ୟାସ କନେସନ ଅଛି କି ନାହିଁ କାହିଁକି ଲେଖିବେ । ଆମେ ରୋଷାଇ କିପରି କରୁଛୁ? କାଠ ଜାଳି କରୁଛୁ କି ଇଲେକ୍ଟ୍ରି ଚୁଲାରେ କରୁଛୁ ..ଇତ୍ୟାଦି ଇତ୍ୟାଦି ୩୨ଟି ପ୍ରଶ୍ନର ଉତର ଆମେ କାହିଁକି ଦେବୁ । ଏସବୁ କ'ଣ ପାଇଁ ଆମେ ଜଣାଇବୁ ? ଏଥିରୁ ଜଣାପଡୁଛି ଜନଗଣନା ପାଇଁ ଜନତା ସଚେତନ ନାହାଁନ୍ତି । ଏଥିପାଇଁ ଜନଜାଗରଣ ଦରକାର । ଜନସଚେତନତା ପାଇଁ ମୁଖ୍ୟ ଭୂମିକା ହେଉଛି ଗଣମାଧ୍ୟମର । ଗଣମାଧ୍ୟମରେ ଜନଗଣନା ବିଷୟରେ ଯେତେ ଚର୍ଚ୍ଚା ଆଲୋଚନା ହେବ ଜନତା ସେତେ ସଚେତନ ହେବେ । ସମୟ ସହିତ ଜଗତୀକରଣର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ବିଂଶ ଶତାବ୍ଦୀର ଶେଷ ଦଶନ୍ଧି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଦେଶକୁ ଦ୍ରୁତ ପ୍ରଗତି ପଥରେ ଆଗକୁ ବଢ଼ିବାକୁ ହୁଏ, ତେବେ ତାକୁ ବିଶ୍ୱର ଅନ୍ୟ ଦେଶ ସହିତ ସଂଯୋଗ ସ୍ଥାପନ କରିବା ଆବଶ୍ୟକ । ଏବଂ ଏହି ସଂଯୋଗ ସେତେବେଳେ ସମ୍ଭବ ଯେତେବେଳେ ସମସ୍ତ ପ୍ରକାରର ପ୍ରାସଙ୍ଗିକ ଏବଂ ଉପଯୋଗୀ ସୂଚନା ଏବଂ ତଥ୍ୟ ସମସ୍ତ ଲୋକଙ୍କ ପାଖରେ ନିରବଚ୍ଛିନ୍ନ ଭାବରେ ପହଂଚିବ । ସୂଚନା ବିନା ସମାଜ ନୂତନ ଯୁଗର ଚାହିଦା ପୂରଣ କରିବାରେ ସମ୍ପୂର୍ଣ୍ଣ ଅସହାୟ ହୋଇଯାଏ । ବିକାଶର ପ୍ରତିଯୋଗିତାରେ ସେ ପଛରେ ପଡ଼ିଯିବା ଆରମ୍ଭ କରେ । ସୌଭାଗ୍ୟବଶତଃ ଭାରତରେ ଏହା ଘଟି ନାହିଁ । ଏଠାରେ ଦଶନ୍ଧି ପୂର୍ବରୁ ସୂଚନା ଏବଂ ଜ୍ଞାନର ଏକ ବ୍ୟବସ୍ଥା ବିକଶିତ ହୋଇସାରିଛି, ଯାହା ଦେଶର ଅବସ୍ଥା ଏବଂ ଦିଗ ନିର୍ଣ୍ଣୟ କରିବାରେ ଏକ ବଡ଼ ଅବଦାନ ରଖିଛି । ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ଭୂମିକା ଗ୍ରହଣ କରିଛି ଏବଂ ଆମ ସରକାର ଗଣମାଧ୍ୟମକୁ ଏହି ଭୂମିକା ଗ୍ରହଣ କରିବା ପାଇଁ ପ୍ରଚୁର ସ୍ୱାଧୀନତା ଏବଂ ଅଧିକାର ପ୍ରଦାନ କରିଛି । ଗଣମାଧ୍ୟମ କିମ୍ବା ସାମାଜିକ ଗଣମାଧ୍ୟମ ସାଧାରଣ ଲୋକଙ୍କ ପ୍ରତିନିଧି ଭାବରେ କାର୍ଯ୍ୟ କରେ । ସରକାର ଏବଂ ଲୋକଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରି, ଗଣମାଧ୍ୟମ ଉଭୟ ପକ୍ଷର ମତାମତ ପରସ୍ପର ନିକଟରେ ପହଁଚାଏ ଏବଂ ସେମାନଙ୍କ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ବିକଶିତ କରେ । ସ୍ୱାଧୀନ ଭାରତର ଆର୍ଥିକ, ସାମାଜିକ ଏବଂ ଗଣତାନ୍ତ୍ରିକ ଉନ୍ନତିରେ ଗଣମାଧ୍ୟମର ଅବଦାନ ରହିଛି । ଭାରତରେ ଗଣମାଧ୍ୟମ ସର୍ବଦା ଏକ ସୁସ୍ଥ ସମାଜ ଏବଂ ଏକ ଦୃଢ଼ ଗଣତନ୍ତ୍ରର ମୂଳଦୁଆ ହୋଇ ଆସିଛି । ଏହାକୁ ବିନା କାରଣରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ ନାହିଁ । ଗଣତାନ୍ତ୍ରିକ ବ୍ୟବସ୍ଥାର ଅନ୍ୟ ତିନୋଟି ଅଙ୍ଗ ନ୍ୟାୟପାଳିକା, ବିଧାୟିକା ଏବଂ କାର୍ଯ୍ୟପାଳିକାଠାରୁ ଗଣମାଧ୍ୟମ ସମ୍ପୂର୍ଣ୍ଣ ଭିନ୍ନ, ଏହା ହେଉଛି ବ୍ୟବସ୍ଥାର ଏକମାତ୍ର ଅଂଶ ଯାହା ସମାଜର ଶେଷ ସୋପାନରେ ଠିଆ ହୋଇଥିବା ବ୍ୟକ୍ତି ନିକଟରେ ପହଂଚିବା ପାଇଁ ପଦକ୍ଷେପ ନିଏ । ବ୍ୟକ୍ତି ଯେତେବେଳେ ଚାହିଁବ ଏହା ସହିତ ଯୋଗାଯୋଗ କରିପାରିବ, କାରଣ ସେ ନିଶ୍ଚିତ ଯେ ଏଠାରେ ତାଙ୍କର କଥା ଶୁଣାଯିବ, ତାକୁ ସଠିକ୍ ସ୍ଥାନକୁ ନେଇ ସମାଧାନ ପାଇବାରେ ପୂର୍ଣ୍ଣ ସହାୟତା ମିଳିପାରିବ । ଗଣମାଧ୍ୟମ ତାର ଏହି ଆତ୍ମବିଶ୍ୱାସକୁ କେବେ କ୍ଷୀଣ ହେବାକୁ ଦେଇନାହିଁ । ଗତ କିଛି ଦଶନ୍ଧି ମଧ୍ୟରେ ଆମେ ସମୟ ସମୟରେ ଦେଖିଛୁ ଯେ ଦେଶର ଗଣମାଧ୍ୟମ ସାଧାରଣ ଲୋକଙ୍କ ଶକ୍ତି ପାଲଟିଛି । ତାଙ୍କୁ ଶୋଷଣ ଏବଂ ଅନ୍ୟାୟଚକ୍ରରୁ ମୁକ୍ତି ଦେଉଥିବାର ଦେଖିଛୁ । ଯେତେବେଳେ କୌଣସି ସରକାର ସାଧାରଣ ଲୋକଙ୍କୁ ଅଣଦେଖା କରି ମନମୁଖୀ କାର୍ଯ୍ୟ କରିଛନ୍ତି, ସେତେବେଳେ ଗଣମାଧ୍ୟମ ଏହାର ଜନବିରୋଧୀ ନୀତିରୁ ମୁକ୍ତି ପାଇବାରେ ଲୋକଙ୍କୁ ସାହାଯ୍ୟ କରିଛି । ଏପରି ଅନେକ ଘଟଣା ଘଟିଛି ଯେତେବେଳେ ଗଣମାଧ୍ୟମ କେତେବେଳେ ଜନସାଧାରଣଙ୍କ ସ୍ୱର ପାଲଟିଛି, କେତେବେଳେ ଆଖି ପାଲଟିଛି, ଆଉ କେତେବେଳେ ମସ୍ତିଷ୍କ ପାଲଟିଛି ଏବଂ ସମସ୍ତଙ୍କୁ ସଠିକ୍ ପଥ ଦେଖାଇଛି । ସ୍ୱାଧୀନତାଠାରୁ ଜରୁରୀକାଳୀନ ପରିସ୍ଥିତି ପର୍ଯ୍ୟନ୍ତ, ଆନ୍ଦୋଳନଠାରୁ ଯୁଦ୍ଧ ସମୟ ପର୍ଯ୍ୟନ୍ତ, ଆଧୁନିକ ଯୁଗରେ ମଧ୍ୟ ଆମେ ଗଣମାଧ୍ୟମର ଏହି ଅବିଶ୍ୱସନୀୟ ଶକ୍ତିକୁ ବାରମ୍ବାର ଦେଖିଛୁ । ଭାରତୀୟ ଗଣମାଧ୍ୟମ ସବୁବେଳେ ସମାଜ ଏବଂ ଦେଶର ପ୍ରତ୍ୟେକ ଛୋଟ ୟୁନିଟର ଉନ୍ନତି ଏବଂ ସଶକ୍ତିକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ଯଦି ଆଜି ଭାରତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଗଣତନ୍ତ୍ର, ତେବେ ଏଥିରେ ଗଣମାଧ୍ୟମର ମଧ୍ୟ ଏକ ବଡ଼ ଭୂମିକା ରହିଛି । ପୂର୍ବରୁ ଆମେ ଆମର ଭୁଲରୁ ଶିଖୁଥିଲୁ, ଏବେ ଆମେ ଅନ୍ୟମାନଙ୍କ ଅଭିଜ୍ଞତାରୁ ଶିଖି ଆଗକୁ ବଢୁଛୁ । ଯଦି ବିହାରର ଜଣେ ଚାଷୀ ଏକ ସ୍ୱତନ୍ତ୍ର କୌଶଳ ବ୍ୟବହାର କରି ତାଙ୍କର ଫସଲ ଅମଳକୁ ଚାରିଗୁଣ କରନ୍ତି, ତେବେ ଗଣମାଧ୍ୟମ ଦେଶର ପ୍ରତ୍ୟେକ କୋଣରେ ଥିବା ଚାଷୀମାନଙ୍କ ପାଖରେ ଏହି ଖବର ପହଁଚାଏ । ଯଦ୍ୱାରା ଚାଷୀମାନେ ଏଥିରୁ ପ୍ରେରଣା ପାଇପାରିବେ ଏବଂ ନିଜ ସ୍ତରରେ ସମାନ ପରୀକ୍ଷଣ କରିପାରିବେ । ଧୀରେ ଧୀରେ ଜଣେ ବ୍ୟକ୍ତିଙ୍କ ସଫଳତା ସମଗ୍ର ଜାତିର ସଫଳତାରେ ପରିଣତ ହୁଏ । ଏକବିଂଶ ଶତାବ୍ଦୀର ଆରମ୍ଭରୁ ବିଶ୍ୱ, ସମାଜ ଏବଂ ଆମର ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି । ଗଣମାଧ୍ୟମ ମଧ୍ୟ ଏହି ପରିବର୍ତ୍ତନର ପ୍ରଭାବରୁ ଅସ୍ପୃଶ୍ୟ ରହିନାହିଁ । ଗଣମାଧ୍ୟମର ଭୂମିକା ମଧ୍ୟ ପରିବର୍ତ୍ତନ ହେଉଛି । ଏହି ନୂତନ ଭୂମିକା ତାଙ୍କୁ ତାଙ୍କର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟରୁ ବିଚଳିତ କରୁଛି । ତେଣୁ ଲୋକମାନେ ଏବେ ଗଣମାଧ୍ୟମ ଉପରୁ ବିଶ୍ୱାସ ହରାଉଛନ୍ତି । ଆଜିରଯୁଗ ସୂଚନା ବିପ୍ଳବର ଯୁଗ ହୋଇଥିବାରୁ ଏହା ଗଣମାଧ୍ୟମର ଶକ୍ତି ଏବଂ ଗତି ଉଭୟକୁ ବୃଦ୍ଧି କରିଛି । ଏବେ ଆମେ ପୂର୍ବ ଅପେକ୍ଷା ବହୁତ ଶୀଘ୍ର ସୂଚନା ପାଇପାରୁଛୁ, ଏବଂ ସେହି ସୂଚନାକୁ ଆହୁରି ଦ୍ରୁତ ଗତିରେ ଜନସାଧାରଣଙ୍କ ନିକଟରେ ପହଁଚାଇପାରୁଛୁ । ପ୍ରଯୁକ୍ତିବିଦ୍ୟା ବିକାଶର ପରିବର୍ତ୍ତନ ଯୋଗୁଁ ଆମକୁ ମିଳିଥିବା ଏହି ନୂତନ ଶକ୍ତିକୁ ଆମେ ଚିହ୍ନି ପାରିଛୁ, କିନ୍ତୁ ଆମେ ଏପର୍ଯ୍ୟନ୍ତ ଏହାକୁ ସଠିକ୍ ଭାବରେ ବ୍ୟବହାର କରିପାରୁ ନାହୁଁ । ପାରମ୍ପରିକ ଧାରଣା ଅନୁଯାୟୀ ଗଣମାଧ୍ୟମର ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୂଚନା, ଶିକ୍ଷା ଏବଂ ମନୋରଞ୍ଜନ । କିନ୍ତୁ ବର୍ତ୍ତମାନ ସମୟରେ ଅନ୍ୟମାନଙ୍କ ଠାରୁ ଆଗରେ ରହିବାର ଦୌଡ଼ରେ ଆମେ ଖବରକୁ ମନୋରଞ୍ଜନର ଏକମାତ୍ର ମାଧ୍ୟମ କରିଚାଲିଛୁ । ଏହା ଯୋଗୁଁ ସବୁଠାରୁ ବଡ଼ କ୍ଷତି ସାଧାରଣ ଲୋକଙ୍କର ହୋଇଛି, ଯାହାଙ୍କ ଉନ୍ନତି ଏବଂ କଲ୍ୟାଣ ଆମର ପ୍ରାଥମିକ ଦାୟିତ୍ୱ । ଆମେ ତାଙ୍କୁ ଏପରି ସୂଚନାର ସମୁଦ୍ରରେ ଛାଡ଼ି ଦେଇଛୁ ଯେଉଁଠାରେ ସେ ଠିକ୍ ଏବଂ ଭୁଲ ଏବଂ ଭଲ ଏବଂ ମନ୍ଦ ମଧ୍ୟରେ ପାର୍ଥକ୍ୟ କରିବାର କ୍ଷମତା ହରାଇ ବସିଛନ୍ତି । ସେ ବୁଝିପାରୁନାହାଁନ୍ତି ଯେ କେଉଁ ସୂଚନା ତାଙ୍କ ସ୍ୱାର୍ଥରେ ଏବଂ କେଉଁଟି ତାଙ୍କ ବିରୁଦ୍ଧରେ ଯାଇପାରେ । ସ୍ୱାଧୀନ ଭାରତର ଗଣମାଧ୍ୟମ ଅର୍ଥନୈତିକ, ସାମାଜିକ ଏବଂ ଗଣତାନ୍ତ୍ରିକ ଉନ୍ନତିରେ ବହୁତ ଅବଦାନ ରଖିଛି । ଭାରତରେ ଗଣମାଧ୍ୟମ ସର୍ବଦା ଏକ ସୁସ୍ଥ ସମାଜ ଏବଂ ଏକ ଦୃଢ଼ ଗଣତନ୍ତ୍ରର ମୂଳଦୁଆ ହୋଇଆସିଛି । ଗଣମାଧ୍ୟମକୁ ସୁଦୃଢ଼ କରିବା ପାଇଁ ଆମକୁ ଆମର ମୂଳକୁ ଫେରିବାକୁ ପଡିବ ଏବଂ ଚାଂଚଲ୍ୟକର ତଥ୍ୟ ଦେବାସହ ସଠିକ୍ ସୂଚନା ଏବଂ ସଠିକ୍ ଶିକ୍ଷା ପ୍ରଦାନ କରିବା ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡିବ । ପ୍ରକୃତ ଏବଂ ତଥ୍ୟଭିତିକ ସୂଚନାର ବାହକ ହୋଇ, ଗଣମାଧ୍ୟମ ଲୋକମାନଙ୍କୁ ସଠିକ୍ ବିଷୟବସ୍ତୁ ପାଇବାରେ ଏବଂ ମାର୍ଗଦର୍ଶନ କରିବାରେ ସାହାଯ୍ୟ କରିପାରିବ । ଆଜି ପ୍ରତିଯୋଗିତାର ଚକ୍ରରେ ଖବରକୁ ମସଲାଯୁକ୍ତ କରି, ଏହାର ମୂଳ ସଂରଚନା ପରିବର୍ତ୍ତେ, ଏହାକୁ ଏକ ନୂତନ ରୂପରେ ବିକୃତ କରାଯାଉଛି । ଏପରିକି ମନୋରଞ୍ଜନ ସାମଗ୍ରୀରେ ପରିଣତ କରାଯାଉଛି, ଯାହା ଫଳରେ ସେଗୁଡ଼ିକ ସେମାନଙ୍କର ମୂଳ ଉଦ୍ଦେଶ୍ୟରୁ ବିଚ୍ୟୁତ ହେଉଛନ୍ତି ଏବଂ ସାଧାରଣ ଲୋକଙ୍କୁ ପ୍ରେରଣା ଦେଇପାରୁ ନାହାଁନ୍ତି । ଗଣମାଧ୍ୟମ କେବଳ ଖବର ଭାବରେ ଖବରକୁ ଉପସ୍ଥାପନ କରିବା ଉଚିତ, ଯାହା ଦ୍ୱାରା ଏହା ପାଠକ କିମ୍ବା ଦର୍ଶକଙ୍କୁ ଚିନ୍ତା କରିବାକୁ ପ୍ରେରଣା ଦେବ ଏବଂ ସେମାନଙ୍କୁ ମାର୍ଗଦର୍ଶନ କରିବ । ଗଣମାଧ୍ୟମ ହେଉଛି ଜନସାଧାରଣ ଏବଂ ସରକାରଙ୍କ ମଧ୍ୟରେ ସେତୁ ଏହା ସତ୍ୟ ଯେ ଗଣମାଧ୍ୟମ ସାଧାରଣ ଲୋକଙ୍କ ସ୍ୱର, କିନ୍ତୁ ଏହାର ଭୂମିକା ଏତିକିରେ ସୀମିତ ନୁହେଁ । ସେ ସାଧାରଣ ଲୋକ ଏବଂ ସରକାରଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରନ୍ତି । ସାଧାରଣ ଲୋକଙ୍କ ପ୍ରତିନିଧି ଭାବରେ ସେ ତାଙ୍କର ମତାମତ, ଆବଶ୍ୟକତା ଏବଂ ସମସ୍ୟା ସରକାରଙ୍କ ନିକଟରେ ପହଁଚାଇ ପାରିବେ ଏବଂ ଜନ କଲ୍ୟାଣ ନୀତି ପ୍ରଣୟନରେ ସରକାରଙ୍କ ମାର୍ଗଦର୍ଶକ ପରାମର୍ଶଦାତା ଭାବରେ କାର୍ଯ୍ୟ କରିପାରିବେ । ସେହି ସମୟରେ ସେ ସରକାରଙ୍କ ପ୍ରସ୍ତାବିତ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କର ପାରିବେ । ଏହା ମଧ ଜରୁରୀ କାରଣ ଅନେକ ସମୟରେ ସରକାର ଯୋଜନା ଆରମ୍ଭ କରନ୍ତି, କିନ୍ତୁ ସେଗୁଡ଼ିକ ବିଷୟରେ ସୂଚନା ସାଧାରଣ ଲୋକଙ୍କ ପାଖରେ ପହଁଚି ପାରେ ନାହିଁ ଏବଂ ଅଧିକାଂଶ ଲୋକ ଏହାର ଲାଭ ଉଠାଇବାରୁ ବଂଚିତ ହୁଅନ୍ତି । ଗଣମାଧ୍ୟମ ସିଧାସଳଖ ଜନସାଧାରଣଙ୍କ ସହିତ ଜଡିତ ହୋଇଥିବାରୁ, ଏକ ନିର୍ଦ୍ଦିଷ୍ଟ ଅଂଚଳ କିମ୍ବା ସମୁଦାୟ ପାଇଁ ଯୋଜନା ପ୍ରସ୍ତୁତ କରିବା ସମୟରେ ଗଣମାଧ୍ୟମରୁ ମିଳୁଥିବା ପରାମର୍ଶ ସରକାରଙ୍କୁ ଅଧିକ ପ୍ରଭାବଶାଳୀ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିପାରିବ । ଆଜି ପ୍ରଯୁକ୍ତିବିଦ୍ୟା ଗଣମାଧ୍ୟମର ପରିସରକୁ ଏତେ ବିସ୍ତାର କରିଛି ଯେ ଯେକୌଣସି ସୂଚନା କିମ୍ବା ଖବର ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ପାଖରେ ଗଣମାଧ୍ୟମ ଦ୍ୱାରା ମୁହୂର୍ତ୍ତକ ମଧ୍ୟରେ ପହଂଚିପାରୁଛି । ଏହି ସୁବିଧାକୁ ଏକ ଶକ୍ତିଶାଳୀ, ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ବ୍ୟବହାର କରାଯାଇ ପାରିବ । ସାମାଜିକ ଗଣମାଧ୍ୟମ ସହିତ ମିଳିତ ଭାବରେ ଗଣମାଧ୍ୟମ ଏହି ଦିଗରେ ବୈପ୍ଳବୀକ ପରିବର୍ତ୍ତନ ଆଣିପାରିବ । ଆମକୁ କେବଳ ନିଶ୍ଚିତ କରିବାକୁ ପଡିବ ଯେ ଏପରି ସୂଚନା କେବଳ ସଠିକ୍ ଏବଂ ନିର୍ଭରଯୋଗ୍ୟ ଯୋଗାଯୋଗ ମାଧ୍ୟମରେ ପ୍ରସାରିତ ହେବ ।

ଏଫ୍-୩୫, ଏନ୍ ଏ ସି
ଫ୍ଲାଟ, ୟୁନିଟ-୩, ଖାରବେଳନଗର,
ଭୁବନେଶ୍ୱର,ମୋ-୯୮୬୧୦୬୯୫୫୩

# ବିଜ୍ଞାନ ଓ ବୈଜ୍ଞାନିକ ଚେତନା

◆ ଅଧ୍ୟାପକ ଗୋପବନ୍ଧୁ (ଅବସରପ୍ରାପ୍ତ), ଦର୍ଶନ ବିଭାଗ

ବିଜ୍ଞାନ ହେଉଛି ଶୋଧିତ ଜ୍ଞାନ । ନିର୍ଭୁଲ ଓ ନିଶ୍ଚିତ ଜ୍ଞାନ ହିଁ ବିଜ୍ଞାନ । କୌଣସି ସମ୍ଭାବିତ ଜ୍ଞାନ କିମ୍ବା ବିଶ୍ୱାସ ଆଧାରିତ ଜ୍ଞାନ ବିଜ୍ଞାନ ନୁହେଁ । ବୈଜ୍ଞାନିକ ସିଦ୍ଧାନ୍ତରେ ପହଂଚିବା ପାଇଁ ବହୁ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ପଡେ । ବିଭିନ୍ନ ସ୍ଥାନ ଓ ସମୟରେ ପରୀକ୍ଷା ହୁଏ । ଉଦାହରଣ ସ୍ୱରୂପ ମ୍ୟାଲେରିଆ ରୋଗର କାରଣ ହେଉଛି ମାଇ ଏନୋଫିଲିସ୍ ମସା କାମୁଡିବା । ଏପରି ସିଦ୍ଧାନ୍ତକୁ ସତ୍ୟ ବୋଲି ପ୍ରମାଣିତ କରିବା ପାଇଁ ବହୁବର୍ଷ ଲାଗିଛି । ବିଶ୍ୱର ବିଭିନ୍ନ ସ୍ଥାନରେ ବହୁ ପରୀକ୍ଷା ନିରୀକ୍ଷା ହୋଇଛି । ଚିକିତ୍ସା ବିଜ୍ଞାନରେ ଏହି ସିଦ୍ଧାନ୍ତକୁ ବାରମ୍ବାର ପ୍ରୟୋଗକରି ଦେଖାଯାଇଛି । ସମସ୍ତ ବିରୋଧୀ ସମ୍ଭାବନାର ତର୍ଜମା ହୋଇଛି । ଏହାର କୌଣସି ବ୍ୟତିକ୍ରମ ଅଛି କି ନାହିଁ ତାହା ଲକ୍ଷ୍ୟ କରାଯାଇଛି । ବିଜ୍ଞାନ ଲମ୍ବା ପ୍ରକ୍ରୀୟା ଉପରେ ନିର୍ଭର କରେ । ବୈଜ୍ଞାନିକ ଶୋଧନ ଦ୍ୱାରା ଲବ୍ଧ ବିଭିନ୍ନ ଜ୍ଞାନ ମଧ୍ୟରେ ଯେତେବେଳେ ଏକ ଶୃଙ୍ଖଳା ତିଆରି ହୁଏ ସେତେବେଳେ ଏହା ସୁନିଶ୍ଚିତ ହୋଇଯାଏ । ନିଉଟନଙ୍କ ମାଧ୍ୟାକର୍ଷଣ ଶକ୍ତିଜନିତ ସିଦ୍ଧାନ୍ତ କେବଳ ବସ୍ତୁର ଭୂପୃଷ୍ଠ ଉପରେ ପତନକୁ ସନ୍ତୋଷ ଜନକଭାବେ ବ୍ୟାଖା କରୁଛି ତାହା ନୁହେଁ, ଏହା ସହିତ ଏ ସିଦ୍ଧାନ୍ତ ମହାକର୍ଷଣ ଶକ୍ତି ଜନିତ ନିୟମକୁ ଜନ୍ମ ଦେଇଛି । ଗ୍ରହ ନକ୍ଷେତ୍ରମାନଙ୍କର ସୂର୍ଯ୍ୟ ଚାରିପଟେ ପରିକ୍ରମଣର ସ୍ପଟଚିତ୍ର ପ୍ରଦାନ କରିପାରିଛି । ମହାକାଶୀୟ ପିଣ୍ଡମାନଙ୍କର ଗତିବିଧିକୁ ନିର୍ଣ୍ଣୟ କରିପାରୁଛି । ସମୁଦ୍ରରେ କାହିଁକି ଜୁଆରଭଟ୍ଟା ଆସେ ତାହାର ଉଚିତ ବର୍ଣ୍ଣନା ଦେଇପାରୁଛି । ମହାକର୍ଷଣ ନିୟମ ଅନୁଯାୟୀ ପୃଥିବୀର ସୂର୍ଯ୍ୟ ଚାରିପଟେ ଓ ଚନ୍ଦ୍ରର ପୃଥିବୀ ଚାରିପଟେ ପ୍ରଦକ୍ଷିଣ ଯୋଗୁଁ କିପରି ବିଶେଷ ମୁହୂର୍ତ୍ତରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହେଉଛି ତାହାର ପ୍ରାଞ୍ଜଳ ବର୍ଣ୍ଣନା ଦେଇପାରୁଛି । ରାହୁ-କେତୁ ଗିଳିବା ଦ୍ୱାରା ଏହା ହେଉଛି ଏପରି ଭ୍ରାନ୍ତ ବିଶ୍ୱାସ ଦୂରୀଭୂତ ହୋଇଛି । ବିଜ୍ଞାନ ଏକ ପ୍ରବାହମାନ ପ୍ରକ୍ରୀୟା । ବୈଜ୍ଞାନିକ ଅନୁସନ୍ଧାନ ଆଗକୁ ବଢ଼ିଚାଲିଛି । ବିଶ୍ୱବ୍ରହ୍ମାଣ୍ଡର ଅନେକ ରହସ୍ୟକୁ ଉନ୍ମୋଚନ କରିଛି । ଆହୁରି ଅନେକ ରହସ୍ୟ ଉନ୍ମୋଚିତ ହେବାକୁ ବାକି ଅଛି । ବିଜ୍ଞାନର ଆଲୋକରେ ଅନେକ ଅନ୍ଧବିଶ୍ୱାସ ଦୂରୀଭୂତ ହୋଇଛି । ଅତୀତରେ ହଇଜା ଓ ବସନ୍ତ ରୋଗକୁ ଦୈବୀ ଶକ୍ତିର ପ୍ରକୋପ ବୋଲି ବିଶ୍ୱାସ ଥିଲା । ତାଙ୍କୁ ସନ୍ତୁଷ୍ଟ କଲେ ଏହା ଭଲ ହୋଇଯିବ ବୋଲି ଭ୍ରାନ୍ତ ବିଶ୍ୱାସ ଥିଲା । ପରେ ଚିକିତ୍ସା ବିଜ୍ଞାନରେ ଏହା ସଂକ୍ରାମକ ରୋଗ ବୋଲି ପ୍ରମାଣିତ ହେଲା । ଏହାର ପ୍ରତିଷେଧକ ଓ ସଂକ୍ରମଣରୁ ରକ୍ଷାର ଉପାୟ ଚିକିତ୍ସା ବିଜ୍ଞାନ ନିର୍ଣ୍ଣୟ କରିଛି । ଏହିପରିଭାବେ ଅନେକ ଅନ୍ଧବିଶ୍ୱାସରୁ ବିଜ୍ଞାନ ଆମକୁ ମୁକ୍ତି ଦେଇଛି । ପ୍ରତ୍ୟେକ କଥାକୁ ମନୁଷ୍ୟ ବିଜ୍ଞାନର ମାନକରେ ତଉଲୁଛି । ଆଜି ଅନ୍ଧବିଶ୍ୱାସ ବିଜ୍ଞାନର ଶତ୍ରୁ ସାଜିଛି । ହଜାର ହଜାର ବର୍ଷଧରି ଯେଉଁମାନେ ଅନ୍ଧବିଶ୍ୱାସକୁ ନିଜର ବେପାରରେ ପରିଣତ କରିଥିଲେ ସେମାନେ କ୍ରୋଧାନ୍ୱିତ ହେବା ସ୍ୱାଭାବିକ । ବିକଶିତ ରାଷ୍ଟ୍ରମାନେ ଏହି ସୋପାନ ଅତିକ୍ରମ କରିସାରିଛନ୍ତି । ବିଜ୍ଞାନ ଅଟକି ଯାଇନାହିଁ । ବିଜ୍ଞାନର ଜୟଯାତ୍ରା ଅବ୍ୟାହତ ରହିଛି । ଏହାକୁ ଅଟକାଇବା ଆଦୌ ସମ୍ଭବପର ନୁହେଁ । ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ମନରେ ଜିଜ୍ଞାସାଭାବ ଥିବ,



ପ୍ରଶ୍ନ କରିବାର ସ୍ୱଭାବ ଥିବ ସେତେଦିନ ପର୍ଯ୍ୟନ୍ତ ବିଜ୍ଞାନ ବଂଚି ରହିବ । ଜିଜ୍ଞାସାଭାବ ମନୁଷ୍ୟର ବୌଦ୍ଧିକତାର ବିକଶିତ ଅଂଶବିଶେଷ । ବୌଦ୍ଧିକତାର ସମାପ୍ତ ହେଲେ ସେ ଆଉ ମନୁଷ୍ୟ ହୋଇରହିବ ନାହିଁ । ସେ ପଶୁ ସହିତ ସମାନ ହୋଇଯିବ । ଅନ୍ୟପକ୍ଷରେ ବୈଜ୍ଞାନିକ ଚେତନା ଏକ ଉନ୍ନତ ମାନସିକ ଅବସ୍ଥା । ବିଜ୍ଞାନକୁ ସ୍ୱୀକାର କରୁଥିବା ଏକପ୍ରକାର ମାନବୀୟ ସ୍ଥିତି । ଅନ୍ଧବିଶ୍ୱାସ ଓ କୁସଂସ୍କାରର ଉର୍ଦ୍ଧ୍ୱକୁ ଆସି କାରଣୀକତାରେ ବିଶ୍ୱାସ କରୁଥିବା ଆଧୁନିକ ମନୁଷ୍ୟର ସ୍ୱଭାବ । ବୈଜ୍ଞାନିକ ଚେତନା ମାନବିକତା ଓ ନୈତିକ ଚେତନାକୁ ଜାଗରିତ କରେ । ଭ୍ରାନ୍ତ ବିଶ୍ୱାସ ଓ କୁପରମ୍ପରାର ଉର୍ଦ୍ଧ୍ୱକୁ ଆସିଥିବା ଜଣେ ଉନ୍ନତ ମନୁଷ୍ୟ ଉନ୍ନତ ସାମାଜିକ ଶୃଙ୍ଖଳା କଥା ଚିନ୍ତାକରେ । ମାନବିକତା ଓ ନୈତିକବୋଧ ବିନା ଗୋଟିଏ ଉନ୍ନତ ସାମାଜିକ ବ୍ୟବସ୍ଥାର ଚିନ୍ତା କରାଯାଇ ପାରିବ ନାହିଁ । ଭ୍ରାନ୍ତ ପରମ୍ପରା ଓ ଭ୍ରାନ୍ତ ବିଶ୍ୱାସ ଏହି ଦୁଇ ମହାନ ଗୁଣର ପ୍ରତିବନ୍ଧକ । ବୈଜ୍ଞାନିକ ଚେତନା ଏହି ପ୍ରତିବନ୍ଧକକୁ ହଟାଇବାକୁ ସକ୍ଷମ ହୁଏ । ମାନବ ସମାଜକୁ ଏକ ଉଚ୍ଚତର ସୋପାନକୁ ନେଇଯିବାର ବାଟ ଦେଖାଏ । ବୈଜ୍ଞାନିକ ଚେତନାର ବିକାଶ ଆପେ ହୁଏନାହିଁ । ଏଥିପାଇଁ ଲୋଡ଼ା ଅଧ୍ୟବସାୟ । ସେହିମାନଙ୍କ ନିକଟରେ ଏହା ବିକଶିତ ହୁଏ ଯେଉଁମାନଙ୍କ ନିକଟରେ ଜିଜ୍ଞାସାଭାବ ଥାଏ । ଯେଉଁମାନେ ଆଖିବୁଜି କୌଣସି କଥାକୁ ମାନିଯାଆନ୍ତି ନାହିଁ । ଯେଉଁମାନେ ପ୍ରତ୍ୟେକ ଘଟଣାର ବାସ୍ତବ କାରଣ ଖୋଜନ୍ତି । ବୈଜ୍ଞାନିକ ଚେତନା ଏକ ଶୃଙ୍ଖଳିତ ଚେତନା । ଏହା ମାନବବାଦୀ ଓ ନୀତିବାଦୀ ଚେତନା ଜାଗ୍ରତର ପୃଷ୍ଠଭୂମି ଯୋଗାଏ । ପ୍ରତ୍ୟେକ ମନୁଷ୍ୟର ବୌଦ୍ଧିକତା ମଧ୍ୟରେ ଏପରି ଚେତନା ସୁପ୍ତ ଭାବରେ ଥାଏ । ଅନ୍ଧବିଶ୍ୱାସ ଓ କୁପରମ୍ପରା ଏଗୁଡିକୁ ଚାପିଦେବାକୁ ଚେଷ୍ଟାକରେ । ବୈଜ୍ଞାନିକ ଚେତନା ମନୁଷ୍ୟର ମନକୁ ଏ ବନ୍ଧନରୁ ମୁକ୍ତକରେ । ଚେତନାର ମୁକ୍ତ ପ୍ରବାହକୁ ସ୍ୱୀକାର କରେ । ଭ୍ରାନ୍ତ ବିଚାରରୁ ମୁକ୍ତ କରେ । ବୈଜ୍ଞାନିକ ଚେତନା ମନୁଷ୍ୟ ମନର ଏକ ସାକାରାତ୍ମକ ଉପାଦାନ । ସମାଜକୁ ଉନ୍ନତ ସୋପାନକୁ ନେଇଯିବାର ମାନସିକ ବାହକ । ବୈଜ୍ଞାନିକ ଚେତନା ବିଜ୍ଞାନ ପାଠ୍ୟକ୍ରମର ଶିକ୍ଷାଗତ ପ୍ରମାଣପତ୍ରରୁ ମିଳେନାହିଁ । ବୈଜ୍ଞାନିକ ସୂତ୍ରର କୁଶୋଳ ପ୍ରୟୋଗକରୀ ଜଣେ ବ୍ୟକ୍ତି ବୈଜ୍ଞାନିକ ଚେତନାର ଅଧିକାରୀ ନହୋଇପାରେ । ସେ ପ୍ରୟୋଗ ଶାଳାରେ ପୂର୍ବ ଉଦ୍ଭାବିତ ସୂତ୍ରର ପ୍ରୟୋଗରେ ଯେଉଁ ସୃଷ୍ଟିର ଉପସ୍ଥାପନ କରେ ସେଥିରେ ତାହାର ନିଜର ଚେତନାର ପ୍ରୟୋଗ ନଥାଏ । ଯନ୍ତ୍ରମାନବ ତୁଲ୍ୟ ଗୋଟିଏ ପରେ ଗୋଟିଏ କାମ କରିଯାଏ । ବିଜ୍ଞାନର କୌଣସି ପରୀକ୍ଷାଗାରରେ ନିଜକୁ ବୈଜ୍ଞାନିକ କିମ୍ବା ବିଜ୍ଞାନର ଅଧ୍ୟାପକ କହୁଥିବା ଜଣେ ବ୍ୟକ୍ତି ପ୍ରୟୋଗଶାଳାରେ ପୂର୍ବ ଉଦ୍ଭାବିତ ସୂତ୍ର ଅନୁଯାୟୀ ଉଦଜାନ ଓ ଅମ୍ଳଜାନ ଅଣୁର ମିଶ୍ରଣରେ ଜଳ ସୃଷ୍ଟି କଲେ, ସେ ବୈଜ୍ଞାନିକ ଚେତନାର ଅଧିକାରୀ ବୋଲି କହିହେବ ନାହିଁ । ଶୁଆ ମନେରଖି କହିଲା ଭଳିଆ ସେ ବୈଜ୍ଞାନିକ ପ୍ରୟୋଗ କରିପକାନ୍ତି । ଏହା ବୈଜ୍ଞାନିକ ଚେତନା ନୁହେଁ । ବୈଜ୍ଞାନିକ ଚେତନା ହେଉଛି ମସ୍ତିଷ୍କର ଅନ୍ୱେଷଣ ପ୍ରକ୍ରୀୟା, ଯାହା ନିଜକୁ ବିଜ୍ଞାନର ଅନୁଗାମୀ କହୁଥିବା ଅନେକ ଲୋକଙ୍କ ନୀକଟରେ ନଥାଏ । କୌଣସି ରାଷ୍ଟ୍ରର ବିକାଶ ପାଇଁ ଉଭୟ ବିଜ୍ଞାନ ଓ ବୈଜ୍ଞାନିକ ଚେତନାର ବିକାଶ ଜରୁରୀ । ଯେଉଁ ରାଷ୍ଟ୍ର ବିଜ୍ଞାନରେ ଯେତେ ପ୍ରଗତି କରିଛି ସେ ରାଷ୍ଟ୍ର ସେତେ ବିକଶିତ । ରାଷ୍ଟ୍ର ବୈଜ୍ଞାନିକ ଚେତନାଦ୍ୱାରା ପ୍ରେରୀତ ହୋଇନଥିଲେ ବିଜ୍ଞାନରେ ପ୍ରଗତି ଅସମ୍ଭବ । ତେଣୁ ବିକଶିତ ରାଷ୍ଟ୍ରମାନେ ବୈଜ୍ଞାନିକ ଚେତନାର ବିକାଶ ଉପରେ ଗୁରୁତ୍ୱ ଦିଅନ୍ତି । ଏହାକୁ ସାମାଜିକ ଚିନ୍ତନର ଅଂଶବିଶେଷ ରୂପେ ଗ୍ରହଣ କରନ୍ତି । ପାଠ୍ୟକ୍ରମରେ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଏ । ସମସ୍ତ କ୍ଷେତ୍ରରେ ବିଜ୍ଞାନକୁ ସମ୍ମାନ ମିଳେ । ଭାରତବର୍ଷରେ ମଧ୍ୟ ଆମ ସମ୍ବିଧାନର ପ୍ରଣେତାମାନେ ଏ କଥାକୁ ଉପଲବ୍ଧି କରିଥିଲେ । ତେଣୁ ସେମାନେ ବିଜ୍ଞାନ ଓ ବୈଜ୍ଞାନିକ ଚେତନାର ବିକାଶକୁ ପ୍ରତ୍ୟେକ ନାଗରୀକ ପାଇଁ ନିର୍ଦ୍ଦେଶିତ ନିୟମଭାବେ ସମ୍ବିଧାନରେ ଉଲ୍ଲେଖ କରିଯାଇଛନ୍ତି । ପ୍ରତ୍ୟେକ ଭାରତୀୟ ଏହାର ଗୁରୁତ୍ୱକୁ ବୁଝନ୍ତୁ ।

ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦











# ବିଶ୍ୱ ଶ୍ରମିକ ଦିବସରେ 'ଆଜିର ପରିସ୍ଥିତି ଓ ଶ୍ରମିକ ଶ୍ରେଣୀ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ

ଜଳେଶ୍ୱର : (ନିପ୍ର )ବିଶ୍ୱ ଶ୍ରମିକ ଦିବସ ସାଲିସ ବିହୀନ ଲଢ଼େଇର ମୂକ ସାକ୍ଷୀ । ସମଗ୍ର ବିଶ୍ୱରେ ଶ୍ରମିକ ସଂଗଠନ ମାନଙ୍କ ଦ୍ୱାରା ଉଡ଼ିଛି ଲାଲ୍ ପତାକା । ସେହି ଲାଲ୍ ପତାକା ତଳେ ଶୋଷଣ,କଷଣ ବିରୋଧରେ ଦୁନିଆର ମଜଦୂର ଏକ ହୁଅ ଆହ୍ୱାନ ଦେଇଛନ୍ତି ଶ୍ରମିକ ଓ ଶ୍ରମଜୀବୀ ମଣିଷମାନେ । ଜଳେଶ୍ୱରରେ ଥିବା ବିଭିନ୍ନ ଗଣ ସଂଗଠନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଲାଲ୍ ପତାକା ଉତୋଳନ କରିବା ପରେ ଅପରାହ୍ନ ୫ଟାରେ ଶିକ୍ଷକ, ଶ୍ରମିକ ଓ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ନୂଆବଜାର ଭଞ୍ଜ ମଣ୍ଡପ ଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ଏହି ଆଲୋଚନା ଚକ୍ରରେ ସମନ୍ୱୟ ସମିତିର ସଭାପତି ଅଜିତ କୁମାର ଦାସ ପୌରହିତ୍ୟ କରିଥିବା ବେଳେ ସମ୍ପାଦକ ଦିଲ୍ଲୀପ କୁମାର ଗିରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।'ଆଜିର ପରିସ୍ଥିତି ଓ ଶ୍ରମିକ ଶ୍ରେଣୀ ' ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଫେଡେରେସନ ଅଫ୍ ଇଣ୍ଡିଆର ସର୍ବ ଭାରତୀୟ ନେତା ପ୍ରଦୀପ କୁମାର ଷଡ଼ଙ୍ଗୀ ଯୋଗଦେଇ କହିଥିଲେ ଯେ ଯେଉଁ ଦାବି ପାଇଁ ୧୪୧ ବର୍ଷ ତଳେ ଚିକାଗୋ ସହର ରକ୍ତ ରଞ୍ଜିତ ହୋଇଥିଲା । ଆଜି ସେହି ଦାବି ପାଇଁ ପୁଣି ଶ୍ରମିକ ମାନଙ୍କୁ ଆନ୍ଦୋଳନ କରିବାକୁ ପଡୁଛି । ଯେଉଁ ଆନ୍ଦୋଳନ ଫଳରେ ଶ୍ରମିକମାନେ ଦୈନିକ ଆଠ ଘଂଟା ପରିଶ୍ରମ କରିବେ ବୋଲି ଆଇନରେ ପରିଣତ ହେଲା । ସେହି ଆଇନକୁ ଅବମାନନା କରି କର୍ପୋରେଟ ମାନେ ବାର ଘଂଟାରୁ ଅଧିକ କାମ କରିବାକୁ ବାଧ କରୁଛନ୍ତି । ଏପରିକି ସରକାର ମଧ୍ୟ ସେହି ରାସ୍ତାରେ ଅଛନ୍ତି । ଅପରପକ୍ଷରେ ଆନ୍ଦୋଳନ କରିବାର ଅଧିକାରକୁ ମଧ୍ୟ ଛଡାଇ ନେବା ପାଇଁ ସରକାର ଅଗଣତାନ୍ତ୍ରିକ ଭାବରେ ଶ୍ରମ କୋର୍ଡର ପ୍ରଚଳନ କରିଛନ୍ତି । କେବଳ ଏତିକିରେ ସରକାର ଥମି ନଯାଇ ପୁଞ୍ଜିପତି ମାନଙ୍କୁ ସୁହାଇଲା ଭଳି ଗୋଟିଏ ପରେ ଗୋଟିଏ ଆଇନ ଆଣୁଛନ୍ତି ।ଶାଗ ମାଛ ଦରରେ ସେହି ଏକଚାଟିଆ ପୁଞ୍ଜିପତି ଶ୍ରେଣୀ ହାତରେ ଦେଶର ସରକାରୀ ସଂସ୍ଥା ଗୁଡ଼ିକୁ ଟେକି ଦେବାରେ ଲାଗିଛନ୍ତି । ଯେଉଁମାନେ କର୍ମ କ୍ଷେତ୍ରକୁ କ୍ରମାଗତ ଭାବେ ସଂକୁଚିତ କରୁଛନ୍ତି ଏବଂ ଶହେ ଜଣଙ୍କ କାମକୁ ଦଶ ଜଣଙ୍କ ଉପରେ କରାଇ ନେଉଛନ୍ତି । ଚାକିରି କେତେବେଳେ ଚାଲିଯାଉଛି ତାହା ଶ୍ରମିକଟି ଜାଣି ପାରୁନାହିଁ । ଶ୍ରମିକ ଓ ଶ୍ରମଜୀବୀ ଶ୍ରେଣୀ ଉପରେ ଶ୍ରମ ଶୋଷଣର, ଚାକିରି ହରାଇବାର ଏବଂ ଗଣତାନ୍ତ୍ରିକ ଅଧିକାର ଅପହୃତର ଖଣ୍ଡା ଝୁଲୁଛି ।ଏଭଳି ପରିସ୍ଥିତିରେ ଶ୍ରମିକ ଶ୍ରେଣୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମସ୍ତ ଶ୍ରମଜୀବୀ ମଣିଷଙ୍କୁ ଏକତ୍ରିତ ହେବା ପାଇଁ ସେ ଆହ୍ୱାନ କରିଥିଲେ ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ବୀମା କର୍ମଚାରୀ ସଂଘର ସର୍ବଭାରତୀୟ ନେତା ପ୍ରଫୁଲ୍ଲ କୁମାର ଦାସ ତାଙ୍କ ବକ୍ତବ୍ୟରେ ଶିକ୍ଷକ ଶ୍ରମିକ ଓ କର୍ମଚାରୀଙ୍କ ଏକତା ଉପରେ ଗୁରୁତ୍ୱ ଦେଇଥିଲେ । ସମନ୍ୱୟ ସମିତିର ଅନ୍ୟତମ ନେତା କମଳ ଚକ୍ରବର୍ତୀ ମଂଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ନେତା ମନୋରଂଜନ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।ଏହି ଆଲୋଚନା ଚକ୍ରରେ ଜଳେଶ୍ୱରରେ ଥିବା ସମସ୍ତ ଶିକ୍ଷକ ସଂଗଠନ, ଅବସର ପ୍ରାପ୍ତ କର୍ମଚାରୀ ସଂଘ, ବୀମା କର୍ମଚାରୀ ସଂଘ, ଆଶାକର୍ମୀ, ଅଙ୍ଗନବାଡି ସଂଘ ,ଗ୍ରାମୀଣ ଶ୍ରମିକ ସଂଘ,କୃଷକ ସଭା, କ୍ଷେତ ମଜଦୂର ୟୁନିଅନ, ଗଣତାନ୍ତ୍ରିକ ମହିଳା ସମିତି, ମ୍ୟୁନିସିପାଲଟି କର୍ମଚାରୀ ସଂଘ ଅଟୋ ୟୁନିୟନ ର ପ୍ରାକ୍ତନ ଓଷ୍ଟା ର ସମ୍ପାଦକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ର ଚେୟାରମେନ ଅଧ୍ୟକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି, ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ ମିଶ୍ର, ଶରତଚନ୍ଦ୍ର ପରିଡା, କପିଳେଶ୍ୱର ମହାନ୍ତି, ଡଃ ରମାକାନ୍ତ ଭଞ୍ଜ, ଭଳି ବହୁ ସଂଗଠନ ର କର୍ମକର୍ତା ଯୋଗ ଦେଇଥିଲେ ।

# ପବିତ୍ର ବୈଶାଖ ମେଳା ଉତ୍ସବ -୨୦୨୬ ଆରମ୍ଭ




ନୂଆପଡା : ଜିଲ୍ଲା ବହୁ ପ୍ରସିଦ୍ଧ ପ୍ରାଚୀନ ପୁରାତନ ପାତାଳ ଗଙ୍ଗା ପର୍ଯ୍ୟଟନ କ୍ଷେତ୍ରରେ ପବିତ୍ର ବୈଶାଖ ମେଳା ଉତ୍ସବ ୨୦୨୬ ବହୁ ଆଡମ୍ବର ସହିତ ଆରମ୍ଭ ହୋଇଯାଇଛି । ବୈଶାଖ ମେଳା ଉତ୍ସବ ରେ ପଡ଼ୋଶୀ ଛତିଶଗଡ ରାଜ୍ୟ ସମେତ ରାଜ୍ୟ ତଥା ରାଜ୍ୟ ବାହାର ର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଙ୍କ ଜନ ସମୁଦ୍ର ଦେଖା ଦେଇଛି । ପବିତ୍ର ପାତାଳ ଗଙ୍ଗା ପାଣିରେ ସ୍ନାନ କଲେ ପାପମୁକ୍ତ ହେବା ସହିତ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ଶ୍ରଦ୍ଧାଳୁ ଙ୍କ ଯୁଗେ ଯୁଗେ ବିଶ୍ୱାସ ରହିଛି । ପ୍ରବଳ ଭିଡ଼ କୁ ଦୃଷ୍ଟି ରେ ରଖି ନୂଆପଡା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ସହିତ ପ୍ରତକ୍ଷ ଭାବରେ ନୂଆପଡା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଳ ସିଂ ଉପସ୍ଥିତ ରହି ସୁରକ୍ଷା ରିଭ୍ୟୁ କରୁଥିବା ଦେଖାଦେଇଛି । ସେହିଭଳି ଜିଲ୍ଲା ଯାଦବ ସମାଜ, ଗଣ୍ଡ ସମାଜ, ସାହା ସମାଜ, ତଥା ପ୍ରତ୍ୟୋକ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସ୍ଥାନେ ସ୍ଥାନେ ମାଗଣା ରେ ଅର୍ଣ୍ଣ ଭୋଗ ପିଇବା ପାଣି ବ୍ୟବସ୍ଥା କରାଯାଇଛି । ପାତାଳ ଗଙ୍ଗା ର ବିଶେଷତ୍ୱ -ତ୍ରେତୟା ଯୁଗରେ ପିତାସତ୍ୟ ପାଳନ କରି ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ରାମ ଲକ୍ଷ୍ମଣ ଦେବୀ ସୀତା ୧୪ ବର୍ଷ ବନବାସ ଭ୍ରମଣ କରିଥିବା ରାମାୟଣପୋ ?ରାଣ ରେ ବର୍ଣିତ ରହିଛି । ସେହି ସମୟରେ ପ୍ରଭୁ ଚିତ୍ରକୂଟ ଛତିଶଗଡଦେଇ ନୂଆପଡା ଜିଲ୍ଲା ଐତିହାସିକ ଗୁରୁ ଡ଼ୁଙ୍ଗର ଦ୍ୱାର୍ଶନୀ ପୀଠ କୋଟଗାଁ ଜଙ୍ଗଲ ରେ ପହଂଚିଥିବା ଗବେଷକ ମାନେ ମତ ଦିଅନ୍ତି । ସେହି ସମୟରେ ବୈଶାଖ ମାସ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା । ଦେବୀ ସୀତା ଙ୍କୁ ପ୍ରବଳ ଶୋଷ ହେବା ରୁ ପ୍ରଭୁ ରାମ ଚନ୍ଦ୍ର ଭୂମିଷ୍ଟ ରେ ସର ବିଦ୍ଧ କରି ପାତାଳ ରୁ ପାଣି ନିର୍ଗତ କରି ଦେବୀ ସୀତା ଙ୍କ ଶୋଷ ମେଂଟାଇ ଥିବା କିମ୍ବଦନ୍ତୀ ରହିଛି । ସେହି ଦିନ ଠାରୁ ପାତାଳ ଗଙ୍ଗା ସୃଷ୍ଟି ହୋଇ ଏଯାବତ ପାତାଳ ରୁ ପାଣି ନିର୍ଗତ ଜାରି ରହିଛି । ସେହି ଐତିହ୍ୟ ପରମ୍ପରା କୁ ମନେ ପକାଇ ପ୍ରତିବର୍ଷ ବୁଦ୍ଧ ପୁର୍ଣିମା ଦିନ ବୈଶାଖ ମେଳା ଉତ୍ସବ ପବିତ୍ର ପାତାଳ ଗଙ୍ଗା ପୀଠରେ ପାଳିତ ହୋଇ ଆସୁଛି । ଆଜିର ଦିନରେ ପାତାଳ ଗଙ୍ଗା ରେ ସ୍ନାନ କଲେ ପୁଣ୍ୟ ମିଳିଥାଏ ବୋଲି ଶ୍ରଦ୍ଧାଳୁ ଙ୍କ ଯୁଗେ ଯୁଗେ ବିଶ୍ୱାସ ରହିଛି । ବହୁ ପ୍ରସିଦ୍ଧ ପାତାଳ ଗଙ୍ଗା ପର୍ଯ୍ୟଟନ କ୍ଷେତ୍ର ବଣ ପାହାଡ଼ ସବୁଜ ବାନାନି ରେ ପର୍ଯ୍ୟଟକ ଙ୍କ ମନ କିଣୁଛି । ଏଠାରେ ମହା ମୃତ୍ୟୁଞ୍ଜୟ ମନ୍ଦିର, ଗାୟତ୍ରୀ ମନ୍ଦିର, ରାଧା କୃଷ୍ଣ ମନ୍ଦିର, ଦୁର୍ଗା ମନ୍ଦିର, ଶ୍ରୀ ଗଣେଶ ମନ୍ଦିର, ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର, ଅଲେଖ ମଠ ସହିତ ଅନେକ ଦେବା ଦେବୀ ମନ୍ଦିର ରହିଛି । ପ୍ରତିବର୍ଷ ବୈଶାଖ ପୁର୍ଣିମା ଦିନ ମନ୍ଦିର ଗୁଡିକରେ ସ୍ୱତନ୍ତ୍ର ନୀତି କାନ୍ତି ରେ ପୂଜାର୍ଚନା କରାଯାଇଥାଏ । ଶ୍ରଦ୍ଧାଳୁ ଙ୍କ ଭିଡକୁ ଆଖି ଆଗରେ ରଖି ନୂଆପଡା ପୋଲିସ ପକ୍ଷରୁ ଟ୍ରାଫିକ ପାର୍କିଙ୍ଗ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ସହିତ ଗଙ୍ଗା ସ୍ନାନ ସମୟରେ ଦୁର୍ଘଟଣା କୁ ଏଡାଇବା ପାଇଁ ଦିବା ରାତ୍ରି ପୋଲିସ ପହରା ଦେଇଥାଏ । ସେହିଭଳି ବରିଷ୍ଠ ନାଗରିକ ଶିଶୁ ମାନଙ୍କ ପ୍ରତି ଅଧିକ ଧ୍ୟାନ ଦେଉଥିବା ନୂଆପଡା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଳ ସିଂ ସୂଚନା ଦେଇଛନ୍ତି । ସେହିଭଳି ନୂଆପଡା ଜିଲ୍ଲା ଯାଦବ ସମାଜ, ଜିଲ୍ଲା ଗଣ୍ଡ ସମାଜ, ସାହା ସମାଜ, ମନ୍ଦିର ଟ୍ରଷ୍ଟ ଗୁଡିକ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ମାଗଣା ରେ ଖାଇବା ପିଇବା ପାଣି ବ୍ୟବସ୍ଥା କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ୍ବୁଲଆନ୍ସ ସେବା, ମାଗଣା ଔଷଧ, ଡାକ୍ତର, ଦମକଳ ବାହିନୀ ଯୋଗାଇ ଦେଉଥିବା ଆୟୋଜକ ପ୍ରକାଶ କରିଛନ୍ତି ।

# ସହକାରୀ ଗୋଷ୍ଠୀଶିକ୍ଷା ଅଧିକାରିଣୀ ନମିତା ପ୍ରଭା ସାମଲଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବାଲିଆପାଳ : (ନିପ୍ର) ଗୁରୁବାର ବାଲିଆପାଳ ସହକାରୀ ଗୋଷ୍ଠୀଶିକ୍ଷା ଅଧିକାରୀଣୀ ନମିତା ପ୍ରଭା ସାମଲ ଚାକିରୀ କ୍ଷେତ୍ରରେ ଅବସର ଗ୍ରହଣ କରିଛନ୍ତି । ସେ ଦୀର୍ଘ ବର୍ଷ ଧରି ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧୀନରେ ନିଷ୍ଠାର ସହିତ ଶିକ୍ଷକତା କରିବା ପରେ ବିଆରସିସି ଭାବରେ କାର୍ଯ୍ୟ କରୁଥିଲେ । ପରେ ପଦୋନ୍ନତିରେ ଶ୍ରୀମତୀ ସାମଲ ସହକାରୀ ଗୋଷ୍ଠୀଶିକ୍ଷା ଅଧିକାରୀ ଭାବରେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି ।ଶ୍ରୀମତୀ ସାମଲ ଅନ୍ୟ ଶିକ୍ଷୟତ୍ରୀ ଓ ଶିକ୍ଷକ ମାନଙ୍କ ପ୍ରତି ସ୍ନେହି ଓ ମାର୍ଗଦର୍ଶିକା ଥିବା ସହିତ ଶିକ୍ଷା ବିଭାଗର ଜଣେ ଦକ୍ଷ ପ୍ରଶାସକ ଭାବେ ସଦା ସର୍ବଦା ପ୍ରେରଣାର ଉତ୍ସ ଥିଲେ । ଏହି ଅବସର ଗ୍ରହଣ ସମୟରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନସ୍ଥ ୧୭ ଜଣ ସି ଆର ସି ସି, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶ୍ରୀମତୀ ସାମଲ ଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ତାଙ୍କ ଅବସର ଜୀବନ ସୁଖମୟ ଓ ନିରାମୟ ହେଉ ବୋଲି ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ବି ଇ ଓ ଙ୍କ କାର୍ଯ୍ୟାଳୟ ର ପ୍ରତାପ କୁମାର ରାଜ, ଅଞ୍ଜନ କୁମାର ରାଜ , ଦେବଦ୍ୟୁତି ନନ୍ଦ ଙ୍କ ସହିତ ଅନ୍ୟ ସମସ୍ତ କର୍ମଚାରୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସଆରସିସି ଯଶୋବନ୍ତ ଜେନା, ସୁଶାନ୍ତ ରାଉଳ, ତପନ ରାଉଳ ଙ୍କ ସହିତ ଅନ୍ୟ ସମସ୍ତ ସିଆରସିସି ଉପସ୍ଥିତ ଥିଲେ । ସେହିପରି ସ୍ଥାନୀୟ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଓଷ୍ଟା ବାଲିଆପାଳ ଆନୁକୂଲ୍ୟରେ ସ୍ଥାୟୀ ସଭାପତି ରାଜେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଷ୍ଟା ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା,କାର୍ଯ୍ୟକାରୀ ସଭାପତି, ସମରଞ୍ଜନ ଜେନା,ବିଜ୍ଞାନ ସଂଯୋଜକ ଶୁକଦେବ ମହାନ୍ତି , ଉପଦେଷ୍ଟା ଗଣେଶ କିଙ୍କର ଆଚାର୍ଯ୍ୟ , ପ୍ରାକ୍ତନ ସମ୍ପାଦକ ବିନୋଦ କୁମାର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନନ୍ତ କୁମାର ପଣ୍ଡା, ଜୟନ୍ତୀ ପ୍ରଧାନ,ଗୋଲକ ବିହାରୀ ଗୋଛାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସମ୍ବର୍ଦ୍ଧିତ ଅତିଥି ନମିତା ପ୍ରଭା ସାମଲଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା ।



# ଶ୍ରମିକ ଦିବସ ପାଳିତ

ବାରିପଦା :ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଆଜି ବାରିପଦା ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରା ଜଜ ଶ୍ରୀ ସୁଦୀପ୍ତ ଆଚାର୍ଯ୍ୟଙ୍କ ତ୍ୟତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରେ ଜିଲ୍ଲା ଶ୍ରମ ବିଭାଗ ଦ୍ୱାରା ଶ୍ରମିକ ହିତାଧିକାରୀ ମାନଙ୍କ ମଧ୍ୟରେ ବିଭିନ୍ନ ସହାୟତା ଯଥା ମୃତ୍ୟୁକାଳୀନ ସହାୟତା, ଶ୍ରମିକ ପରିଚୟ ପତ୍ର, ବିବାହ ସହାୟତା ଇତ୍ୟାଦି ବଂଟା ଯାଇଥିଲା । ଏହା ସହିତ ଶ୍ରମିକ ମାନଙ୍କ ନିମନ୍ତେ ଉଦ୍ଧିଷ୍ଟ ଥିବା ଯୋଜନା ଓ ଅଧିକାର ବିଷୟରେ ମଧ୍ୟ ସଚେତନ କରା ଯାଇଥିଲା ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ 'ଆନ୍ତର୍ଜାତୀୟ ଶ୍ରମିକ ଦିବସ' ପାଳିତ

ଭଦ୍ରକ : ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦ□ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା କୋଡବରୁଆଁ ଗ୍ରାମ ପଂଚାୟତ ଅଫିସରେ 'ଆନ୍ତର୍ଜାତୀୟ ଶ୍ରମିକ ଦିବସ' ପାଳିତ ହୋଇଯାଇଅଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଲୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ ଡ. ତାପସ କୁମାର ମହାନ୍ତି , ସୁବ୍ରତ କୁମାର ଦାସ, ଲିଗାଲ ପ୍ରୋବେସନ ଅଧିକାରୀ, ଭଦ୍ରକ, ସୁଶାନ୍ତ କୁମାର ତ୍ରିପାଠୀ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଷମା ମହାନ୍ତି, ସରପ□ କୋଡବରୁଆ ପଂଚାୟତ, ଭଦ୍ରକ, ସ୍ୱେଚ୍ଛାସେବୀ ଅର୍ନପୂର୍ଣ୍ଣା ସାହୁ, ଚାରୁଲତା ବେହେରା ତଥା ୭୦ରୁ ଅଧିକ ମହିଳା ଓ ପୁରୁଷମାନେ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନାଲସା ଯୋଜନା ଅନ୍ତର୍ଗତ 'ସଂଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କୁ ଆଇନଗତ ସେବା', ସର୍ବନିମ୍ନ ମଜୁରୀ ଆଇନ, ଶିଳ୍ପ ବିବାଦ ଆଇନ, କାରଖାନା ଆଇନ ଏବଂ କେନ୍ଦ୍ର/ରାଜ୍ୟ ସରକାରଙ୍କ ସମ୍ପର୍କିତ ଯୋଜନା ଏବଂ ବନ୍ଧନ ଶ୍ରମିକ ପ୍ରଣାଳୀ (ବର୍ଜନ) ଆଇନ, ୧୯୭୬ ବିଷୟ ଉପରେ ସଚେତନତା କରାଯାଇଥିଲା ଏବଂ ଶ୍ରମିକ କାର୍ଡ ମଧ୍ୟ ବ□ନ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଜିଲ୍ଲା ସମ୍ପାଦକ ସମ୍ମିଳନୀ



ଭୁବନେଶ୍ୱର : କଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ଜିଲ୍ଲା ସମ୍ପାଦକ ସମ୍ମିଳନୀ ତା୨୯.୦୪.୨୦୨୬ରିଖ ଦିନ ୧୧.୩୦ ଘଟିକା ସମୟରେ ରାଜ୍ୟ ମୁଖ୍ୟାଳୟସ୍ଥ ସଭାଗୃହରେ ଆୟୋଜିତ ହୋଇଯାଇଛି । ପ୍ରତ୍ୟେକ ଜିଲ୍ଲାର ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ମାନେ ସ୍କାଉଟ ଗାଇଡ୍‌ର ଜିଲ୍ଲା ସମ୍ପାଦକଭାବେ ଦାୟିତ୍ୱ ତୁଲାଇଥାନ୍ତି । ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଢ଼େଙ୍କାନାଳ, ଜଗତସିଂହପୁର, ରାଉରକେଲା, ଭୁବନେଶ୍ୱର, ଦେଓଗଡ, ବାଲେଶ୍ୱର, କେନ୍ଦ୍ରାପଡା, କଳାହାଣ୍ଡି, ଅନୁଗୁଳ, ବରଗଡ, ଭଦ୍ରକ, ଗଜପତି, ଯାଜପୁର, ସୋନପୁର, ବୌଦ୍ଧ, ସୁନ୍ଦରଗଡ, ଗଞ୍ଜାମ, ପୁରୀ, କଟକ, ନୟାଗଡ, ନୂଆପଡା ଆଦି ଜିଲ୍ଲାର ଜିଲ୍ଲା ସମ୍ପାଦକମାନେ ଯୋଗଦେଇଥିଲେ । ପ୍ରାରମ୍ଭରେ ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ବିଗତ ଦିନମାନଙ୍କରେ ରାଜ୍ୟ ସଂସ୍ଥା ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଷ୍ଠା ଲାଭ କରିଥିବାର ଅବତାରଣା କରି ସଦସ୍ୟମାନଙ୍କର ସକ୍ରିୟ ସହଯୋଗର ଉଚ୍ଚପ୍ରଶଂସା କରିବା ସହିତ ଆଗାମୀ ଦିନରେ କିପରି ଜିଲ୍ଲାସ୍ତରରେ ଅଧିକରୁ ଅଧିକ କାର୍ଯ୍ୟକ୍ରମ ହେବ ଏବଂ ପିଲାମାନଙ୍କ ଦ୍ୱାରା ବିଭିନ୍ନ ଗୋଷ୍ଠୀ ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରିବ ଏହା ଉପରେ ଗୁରୁତ୍ୱ ଦେବାପାଇଁ ପରାମର୍ଶ ଦେଇ ଥିଲେ । ପରେ ପରେ କାର୍ଯ୍ୟସୂଚୀ ଅନୁଯାୟୀ ଗତବର୍ଷର ଆୟ ବ୍ୟୟର ଅଟକଳ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା ଏବଂ ଆସନ୍ତା ବର୍ଷ ନୂତନ ଭାବରେ କେଉଁ କେଉଁ କାର୍ଯ୍ୟ କରାଯିବ ସେ ବିଷୟରେ ସମସ୍ତଙ୍କର ପ୍ରସ୍ତାବ ନିଆଯାଇଥିଲା । ଶେଷରେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ମେଡ଼ିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଶ୍ରମିକ ଦିବସ ପାଳିତ



ବାରିପଦା : ଓଡିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ସଂଘଗୃହ ଠାରେ ରାଜ୍ୟ ସଂଘର ଉପସଭାପତି ତଥା ମୟୂରଭଞ୍ଜ ଜିଲ୍ଲା ସଭାପତି ଶ୍ରୀ ଶ୍ୟାମସୁନ୍ଦର ଦେଓଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ପ୍ରତିଷ୍ଠତା ବିଶ୍ୱନାଥ ପଣ୍ଡିତଙ୍କର ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏଥିରେ ଜିଲ୍ଲା ସଂପାଦକ ଶ୍ରୀ ଶୁସିଲ କୁମାର ସାହୁ କଷାଧକ୍ଷ ସୁବଧ କୁମାର ଜେନା ଓ ଉପଦେଷ୍ଟା ଆଇନଜୀବି ସୁନୀଲ କୁମାର ନାୟକ, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ସଂପାଦକ ମହେନ୍ଦ୍ର ପଲେଇ ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମଦିନ ଅବସରରେ ତାଙ୍କର ଜୀବନ କାଳ ବିଷୟରେ ବର୍ଣ୍ଣନା କରିଥିଲେ । ତତ୍ ସହିତ ଶ୍ରମିକ ଦିବସରେ ସମସ୍ତ କର୍ମଚାରୀମାନଙ୍କୁ ନିଜ ନିଜ କର୍ମମୟ ଜୀବନରେ ନିଜର ଦାୟିତ୍ୱକୁ କିପରି ସୂଚାରୂ ରୁପେ ତୁଲାଇବେ ସଂକ୍ଷିପ୍ତ ଭାଷଣ ରଖିଥିଲେ । ସମ୍ପାଦକ ବିଶ୍ୱଶଙ୍କର କଳିଆ, ଆଲୋକ ପୁଟୀ, ପ୍ରଭାସ ଦେ, ଅଜନ୍ତା ସାଠିଆ, ସସ୍ମିତା ମିଶ୍ର, ସୁଚିସ୍ମିତା ମହାକୁଡ, ସୋମବାରୀ ମୁର୍ମୁ, ଅଞ୍ଜୁ ସେଠୀ, ଓମକାର, ସଂଦୀପ ଧୀର, ସୁଦର୍ଶନ ମିଶ୍ର, ବବିତା ମହାନ୍ତ, ଚିତରଞ୍ଜନ ମହାନ୍ତ, ଆକାତର୍ ଖାଁ, ଦାନଗୀ ମୁର୍ମୁ, ସ୍ନେହଲତା ସଣ୍ଡେ, ସାବିତ୍ରି ସିଂ, ସୀତା ମୁର୍ମୁ, ସସ୍ମିତା ମହାନ୍ତ ପ୍ରମୁଖ କର୍ମକର୍ତାଙ୍କ ଉପସ୍ଥିତରେ ଜିଲ୍ଲାସଭାପତି ଶ୍ୟାମସୁନ୍ଦର ଦେଓଙ୍କ ଦ୍ୱାରା ପତକା ଉତୋଳନ କରାଯାଇଥିଲା

# ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଶେଷବର୍ଷ ଛାତ୍ର ଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା

ମାଲକାନଗିରି: ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଭାବପୂର୍ଣ୍ଣ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅତି ଆଡ଼ମ୍ବର ସହକାରେ ଆଜି ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଗାରିମାମୟ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତରଞ୍ଜନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅଧ୍ୟକ୍ଷ ଡକ୍ଟର ବାରିକ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ଶୃଙ୍ଖଳା ରକ୍ଷା କରିବା ସହ ଜଣେ ଜଣେ ସୁନାଗରିକ ଭାବେ ସମାଜ ସେବାରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ । ବି. ଗୁପ୍ତେଶ୍ୱର ରାଓ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଦୀପ୍ତି ରେଖା ମିଶ୍ର, ଭକତ ଗଣ୍ଡ ଏବଂ ସିପ୍ରା ସର୍ଦ୍ଦାର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ବିଦାୟୀ ଛାତ୍ରଛାତ୍ରୀ ସୁପ୍ରିୟା ପାଣିଗ୍ରାହୀ, ସେଖ୍ ମହିଉଦ୍ଦିନ ଓ ଅମର ଶତପଥୀ ନିଜର ଅନୁଭୂତି ବଖାଣିବା ସହ ଉତମ ଚରିତ୍ରବାନ ହେବା ପାଇଁ ପ୍ରେରଣା ଦେଇଥିଲେ । +୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ବଡ଼ ଭାଇଭଉଣୀମାନଙ୍କୁ ଗୋଲାପ ଗୁଚ୍ଛ, କଲମ ଓ ଉପହାର ପ୍ରଦାନ କରି ଶୁଭ ବିଦାୟ ଜଣାଇଥିଲେ । କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ମହମ୍ମଦ ଉଜ୍ଜେନ, ଓମ୍ ପାଣିଗ୍ରାହୀ, ଶେଖ ଅବତାବ, କୁନାଲ ରାଉତ, ଜ୍ୟୋତି କବାସି, ରାଧା ରାଣୀ, ଚନ୍ଦନ ରାଜୁ ଏବଂ ଆୟୁଷ ସଂଚେଢ଼ିଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶତାଧିକ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉତ୍ସବ ଶେଷରେ ଶ୍ରୀ ରାଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇବଣିଆରେ ବିଶ୍ୱ ଶ୍ରମିକ ଦିବସ ପାଳିତ

ରାଇବଣିଆ : (ନି ପ୍ର) ରାଇବଣିଆ ରଥ ଖଳାରେ ବିଶ୍ୱ ଶ୍ରମିକ ଦିବସ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମଚାରୀ ସଂଘ, ଆଶା ସଙ୍ଘ,କଳା ଓ କଳାକାର ବିକାଶ ପରିଷଦ ପକ୍ଷରୁ କଳାକାର ବିକାଶ ପରିଷଦର ସମ୍ପାଦକ ମନୋରଞ୍ଜନ ଦାସଙ୍କ ପୌରହିତ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଅଛି ।ଏହି ଅବସରରେ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମଚାରୀ ସଂଘର ଜଳେଶ୍ୱର ଶାଖାର ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ ରକ୍ତ ପତାକା ଉତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବରେ ବରିଷ୍ଠ ପରାମର୍ଶଦାତା କମଳ ଚକ୍ରବର୍ତୀ ଉପସ୍ଥିତ ହୋଇ ବକ୍ତବ୍ୟ ମାଧ୍ୟମରେ ଶ୍ରମିକ ଦିବସର ତାତ୍ପର୍ଯ୍ୟ ଏବଂ ଆଗାମୀ ଦିନରେ ଶ୍ରମିକ ଶ୍ରେଣୀ ଉପରେ ଆସୁଥିବା ସମସ୍ୟା ଗୁଡ଼ିକର ନିରାକରଣ ପାଇଁ ଶ୍ରମିକ କର୍ମଚାରୀ ଓ ବୃଦ୍ଧିଜୀବି ମାନେ ସଂଗଠିତ ହୋଇ ଉଭୟ ରାଜ୍ୟ ଓ କେନ୍ଦ୍ରସରକାରଙ୍କର ଶ୍ରମିକ ମାରଣ ନୀତି ବିରୁଦ୍ଧରେ ସଙ୍ଗଠିତ ହେବା ପାଇଁ ଆହ୍ୱାନ ଜଣାଇଥିଲେ । ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ କୃଷକ ନେତା ରବିନ୍ଦ୍ର ବାରିକ ଶ୍ରମିକ ଦିବସର ଇତିହାସ ସମ୍ପର୍କରେ ଆଲୋକପାତ କରିବା ସହିତ ଆଠ ଘଂଟା କାମ କରିବାର ଅଧିକାରକୁ ଜାରି ରଖିବା ପାଇଁ ଆହ୍ୱାନ ଜଣାଇଥିଲେ । ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ପ୍ରଦର୍ଶିତ ମାର୍ଗ ଯଥା - ଶିକ୍ଷିତ ହେବା, ସଂଗଠିତ ହେବା ଓ ସଙ୍ଘର୍ଷ ପାଇଁ ପ୍ରସ୍ତୁତ ରହିବାକୁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡ଼ି କର୍ମୀ ସଙ୍ଘର ବ୍ଲକ ସଭାପତି ମମତା ଦାଶ ମହାପାତ୍ର, ତୃପ୍ତି ରାଣୀ ମହାନ୍ତି, କବିତା ଦାସ, କଳ୍ପନା ଦେ, ସୁଜାତା ବାରିକ, ସ୍ୱାଗତିକା ଜେନା, ଚମ୍ପାବତୀ ନାଗ, ଝରଣା ସାହୁ,ସୁମିତା କୁଇଲା,ଫୁଲ ସୋରେନ,କଳା ଓ କଳାକାର ବିକାଶ ପରିଷଦର ସୁନୀଲ କୁମାର ମାହାନ୍ତ, ହାଡିବନ୍ଧୁ ବେହେରା, ଜଗନ୍ନାଥ ପାତ୍ର,କ୍ଷିତିଶ ମାହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଶ୍ରୀପତି ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।





# କୃଷି ଷ୍ଟାକ୍: ଭାରତରେ ଡିଜିଟାଲ କୃଷି ବିପ୍ଳବ

କୃଷି କ୍ଷେତ୍ର ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛି, ଯାହା ଦେଶର ପ୍ରାୟ ୪୬ ପ୍ରତିଶତ କର୍ମଜୀବୀଙ୍କୁ ନିୟୋଜିତ କରିଥାଏ । ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବିଗତ ଦଶନ୍ଧି ମଧ୍ୟରେ ସରକାରଙ୍କ ପକ୍ଷରୁ ଅନେକ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିରେ ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି, ଫସଲ ବିବିଧକରଣ, ଚାଷ ଖର୍ଚ୍ଚ ହ୍ରାସ, କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରାପ୍ତି, ଜଳବାୟୁ ସହନଶୀଳତା ଏବଂ ବିପତି ହ୍ରାସ ଭଳି ବହୁମୁଖୀ ରଣନୀତି ଅନ୍ତର୍ଭୁକ୍ତ । କେନ୍ଦ୍ର ପ୍ରବର୍ତ୍ତିତ କିମ୍ବା କେନ୍ଦ୍ରୀୟ କ୍ଷେତ୍ର ଯୋଜନା ମାଧ୍ୟମରେ କୃଷକ ମାନଙ୍କୁ ବିଭିନ୍ନ ସେବା କିମ୍ବା ସୁବିଧା ସୁରୁଖୁରୁରେ, ସ୍ୱଚ୍ଛ ଏବଂ ଦକ୍ଷତାର ସହିତ ପ୍ରଦାନ କରିବା ସରକାରଙ୍କର ଏକ ପ୍ରାଥମିକତା । ଯେକୌଣସି ଚାଷୀ (ମାଲିକ, ଲିଜ୍ଧାରୀ କିମ୍ବା ଭାଗଚାଷୀ) କୌଣସି ଯୋଜନାର ସୁବିଧା ପାଇବାକୁ ଯୋଗ୍ୟ କି ନୁହେଁ, ତାହା ଆକଳନ କରିବା ପାଇଁ ସେହି ଜମିର ମୋଟ କୃଷି ଜମି ମାଲିକାନା ଏବଂ ସେଠାରେ ଚାଷ କରାଯାଇଥିବା ଫସଲର ଇତିହାସ ଜାଣିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା । ତେବେ ସାରା ଦେଶରେ ଜମି ପ୍ରଶାସନରେ ଥିବା ବ୍ୟାପକ ବିଭିନ୍ନତା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି । ଏକ ମାନକୀକରଣ କୃଷକ ଡାଟାବେସର ଗୁରୁତ୍ୱ ଏବଂ ମହତ୍ୱକୁ ସ୍ୱୀକାର କରି ଯାହା ମାଲିକାନା ଏବଂ ବୁଣା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ଆହରଣ କରିଥାଏ, ଦୃଢ଼ ସମ୍ମତି ବ୍ୟବସ୍ଥା ସହିତ ଗତିଶୀଳ ଭାବରେ ସ୍ୱଷ୍ଟ କରାଯାଇଥାଏ । ସରକାର ୨୦୨୪ ମସିହାରେ ଡିଜିଟାଲ୍ କୃଷି ମିଶନର ଶୁଭାରମ୍ଭ କରିଥିଲେ । ମିଶନର ଗୋଟିଏ ସ୍ତମ୍ଭ - କୃଷି ଷ୍ଟାକ୍ ବର୍ତ୍ତମାନ ଏହି ମିଶନର ଏକ ନୀରବ କିନ୍ତୁ ଶକ୍ତିଶାଳୀ ପରିବର୍ତ୍ତନକାରୀ ସ୍ତମ୍ଭ ଭାବରେ ଉଭା ହେଉଛି । ଏଥିରେ ତିନୋଟି ପଞ୍ଜିକା ଅନ୍ତର୍ଭୁକ୍ତ - ଫାର୍ମ, ଚାଷୀ ଏବଂ ବୁଣାଯାଇଥିବା ଫସଲ । କୃଷି ଷ୍ଟାକ୍ ଭାରତର କୃଷି ଯାତ୍ରାରେ ଏକ ନୂତନ ଅଧ୍ୟାୟର ସଙ୍କେତ ଦିଏ - ଯାହା ୨୦୪୭ ମସିହା ସୁଦ୍ଧା ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ‘ବିକଶିତ ଭାରତ’ ଦୃଷ୍ଟିକୋଣ ସହିତ ଏକକ ଭାବରେ ସମନ୍ୱିତ । କୃଷି ପଞ୍ଜିକାରେ ଭୂ-ସନ୍ଦର୍ଭିତ କୃଷି ପ୍ଲଟ୍ର ଡାଟାବେସ୍ ଅନ୍ତର୍ଭୁକ୍ତ, ପ୍ରତ୍ୟେକକୁ ଏକ ଅନନ୍ୟ ଫାର୍ମ ପରିଚୟ ପତ୍ର (ଆଇଡି) ପ୍ରଦାନ କରାଯାଇଛି । ଦ୍ୱିତୀୟ ସ୍ତରରେ, ପ୍ରତ୍ୟେକ ଜମି ମାଲିକ ଚାଷୀଙ୍କୁ ସହ-ମାଲିକାନା କ୍ଷେତ୍ରରେ ଅଂଶ ସହିତ ମାଲିକାନା ଥିବା ପ୍ରତ୍ୟେକ ପ୍ଲଟ ସହିତ ଜଡିତ ଆବଶ୍ୟକୀୟ ସୂଚନା ତଥା ଏକ ଅନନ୍ୟ ଫାର୍ମ ଆଇଡି ପ୍ରଦାନ କରାଯାଉଛି । ତଥ୍ୟକୁ ଅଧିକାର ରେକର୍ଡ ସହିତ ଗତିଶୀଳ ଭାବରେ ସଂଯୋଗ କରାଯାଇଛି ଯାହା ଫଳରେ ଉତରାଧିକାର, ବିକ୍ରୟ ଇତ୍ୟାଦି କାରଣରୁ ମାଲିକାନା ପରିବର୍ତ୍ତନ ଚାଷୀ ପଞ୍ଜିକାରେ ଅପଡେଟ୍ ହୋଇପାରିବ । ତୃତୀୟ ସ୍ତରରେ ପ୍ରତ୍ୟେକ ପ୍ଲଟରେ ବୁଣାଯାଇଥିବା ଫସଲର ବିବରଣୀ ଅନ୍ତର୍ଭୁକ୍ତ, ଯାହା ବୁଣା ସମାପ୍ତ ହେବା ପରେ ପ୍ରତ୍ୟେକ ଫସଲ ଋତୁରେ କରାଯାଇଥିବା ଡିଜିଟାଲ/ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଚାଳିତ ଫସଲ ସର୍ଭେ ମାଧ୍ୟମରେ ପ୍ରାପ୍ତ ହୋଇଥାଏ । କେନ୍ଦ୍ର ସରକାର ୩୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସହିତ ବୁଝାମଣା ପତ୍ର ମାଧ୍ୟମରେ ଏହି ଯୋଜନାରେ ସହଭାଗୀତା କରିଛନ୍ତି । ମିଶନକୁ ଏକ ମଜଭୁତ କେନ୍ଦ୍ର- ରାଜ୍ୟ ସହଯୋଗ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି ଏବଂ ଏଥିରେ ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବା ସହିତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି । ଏଗ୍ରି ଷ୍ଟାକ୍ ଏକ ସଂଘୀୟ ଡାଟାବେସ୍ ଯେଉଁଠାରେ ମାଲିକାନା ରାଜ୍ୟ/ କେନ୍ଦ୍ରଶାସିତ ପ୍ରଦେଶ ନିକଟରେ ରହିଛି କିନ୍ତୁ ସେବା ଏବଂ ତଥ୍ୟ ବିଶ୍ଳେଷଣ ପ୍ରଦାନ ପାଇଁ ଏହା କେନ୍ଦ୍ର ସରକାରଙ୍କ ନିକଟରେ ଉପଲବ୍ଧ । ଏହା ପ୍ରତ୍ୟେକ ଚାଷୀଙ୍କ ପାଇଁ ଏକ ଯାଞ୍ଚ କରାଯାଇଥିବା ଡିଜିଟାଲ୍ ପରିଚୟ ସୃଷ୍ଟି କରିବାକୁ, ଏହାକୁ ସଠିକ୍ ଭାବରେ ମ୍ୟାପିଂ କରାଯାଇଥିବା ଜମି ପାର୍ସଲ ସହିତ ଲିଙ୍କ୍ କରିବାକୁ ଏବଂ ପ୍ରତ୍ୟେକ ଋତୁରେ ସେଥିରେ କେଉଁ କେଉଁ ଫସଲ ଚାଷ କରାଯାଏ ତାହା ରେକର୍ଡ କରିବାକୁ ପ୍ରୟାସ କରେ । ଷ୍ଟାକ୍ ଚାଷୀମାନଙ୍କୁ ବାରମ୍ବାର ସେମାନଙ୍କର ପରିଚୟ, ଜମି ମାଲିକାନା କିମ୍ବା ଫସଲ ବିବରଣୀ ପ୍ରମାଣ କରିବାକୁ ବାଧ୍ୟ ନ କରି ଯୋଜନା ଏବଂ ଭୌଗୋଳିକ କ୍ଷେତ୍ରରେ ନିୟମ-ଆଧାରିତ, ସ୍ୱୟଂଚାଳିତ ସେବା ପ୍ରଦାନ ନିମନ୍ତେ ସକ୍ଷମ କରେ । ଚାଷୀ ସମ୍ବନ୍ଧୀୟ ସୂଚନାର ପ୍ରବେଶ ଏକ ଦୃଢ଼ ସମ୍ମତି ବ୍ୟବସ୍ଥା ମାଧ୍ୟମରେ ଗୋପନୀୟତା ଏବଂ ତଥ୍ୟ ସୁରକ୍ଷା ସମ୍ବନ୍ଧୀୟ ଆଇନର ବ୍ୟବସ୍ଥାଗୁଡ଼ିକର କଠୋର ଅନୁପାଳନକୁ ସୁନିଶ୍ଚିତ କରେ । କାଗଜ ରେକର୍ଡରୁ ଡିଜିଟାଲ୍ ଫାଉଣ୍ଡେସନ୍ ପର୍ଯ୍ୟନ୍ତ ଦଶନ୍ଧି ଦଶନ୍ଧି ଧରି, କୃଷି ପ୍ରଶାସନ କାଗଜ-ଆଧାରିତ ରେକର୍ଡ ଏବଂ ମାନୁଆଲ୍ ସର୍ଭେ ଉପରେ ବହୁଳ ଭାବରେ ନିର୍ଭର କରୁଥିଲା, ଯାହା ପ୍ରାୟତଃ ନାଗରିକମାନଙ୍କ ପାଇଁ ହଇରାଣ ଏବଂ ଦୁର୍ନୀତିର ଏକ ଉତ୍ସ ଭାବରେ ରହିଆସିଥିଲା । ଏଗ୍ରି ଷ୍ଟାକ୍ ଏହି ଐତିହ୍ୟରୁ ଏକ ପରିବର୍ତ୍ତନକାରୀ ରୂପାନ୍ତରଣକୁ ପ୍ରତିନିଧିତ୍ୱ କରେ । ଚାଷୀ ପରିଚୟକୁ ଡିଜିଟାଇଜେସନ୍ କରି ଏବଂ ସେଗୁଡ଼ିକୁ ଜମି ଏବଂ ଫସଲ ତଥ୍ୟ ସହିତ ସଂଯୋଗ କରି, ଏହା ଭାରତୀୟ କୃଷିର ଏକ ନିର୍ଭରଯୋଗ୍ୟ, ସଦ୍ୟତମ ଚିତ୍ର ସୃଷ୍ଟି କରେ । ଏହି ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ହେଉଛି ଆଜି ପର୍ଯ୍ୟନ୍ତ ୯ କୋଟି କୋଟିରୁ ଅଧିକ ଚାଷୀଙ୍କ ନିମନ୍ତେ ପରିଚୟପତ୍ର ସୃଷ୍ଟି କରିବା । ଏହି ଡିଜିଟାଲ୍ ପରିଚୟ ସତ୍ୟର ଏକକ ଉତ୍ସ ଭାବରେ କାର୍ଯ୍ୟ କରେ, ଚାଷୀମାନଙ୍କୁ ବାରମ୍ବାର ଯାଞ୍ଚ ନକରି ବହୁବିଧ ସେବା ପାଇବାକୁ ସକ୍ଷମ କରେ ଏବଂ କାରବାର ଖର୍ଚ୍ଚ ମଧ୍ୟ ହ୍ରାସ କରେ । ସରକାରୀ ଏଜେନ୍ସିଗୁଡ଼ିକ ନିମନ୍ତେ, ସେମାନେ ହିତାଧିକାରୀ ଚିହ୍ନଟରେ ତ୍ରୁଟି ହ୍ରାସ କରନ୍ତି ଏବଂ ଲାଭକୁ ଉଦ୍ଦିଷ୍ଟ ପ୍ରାପ୍ତକର୍ତ୍ତାଙ୍କ ନିକଟରେ ପହଞ୍ଚିବା ନିଶ୍ଚିତ କରିବାରେ ସାହାଯ୍ୟ କରିଥାଆନ୍ତି । ତଥାପି ଅସ୍ୱୀକାର ହେଉଛି ଯେ କୃଷି ଷ୍ଟାକ୍ ମୁଖ୍ୟତଃ ବିଭିନ୍ନ ଯୋଜନା ଲାଭ ପାଇବା ପାଇଁ ଚାଷୀମାନଙ୍କୁ ସଶକ୍ତ କରିବା ସକାଶେ, କିନ୍ତୁ ଜମି ରେକର୍ଡ କିମ୍ବା ଜମି ମାଲିକାନା ପ୍ରମାଣପତ୍ରର ପ୍ରତିସ୍ଥାପନ ନୁହେଁ, ଯଦିଓ ଅଧିକାର ରେକର୍ଡ ସହିତ ଏହାର ଗତିଶୀଳ ସଂଯୋଗ ସତ୍ୟତା ନିଶ୍ଚିତ କରେ । ଡିଜିଟାଲ୍ ଫସଲ ସର୍ଭେ: ବାସ୍ତବ ସମୟର ତଥ୍ୟ ଡିଜିଟାଲ୍ ଫସଲ ସର୍ଭେ: ପ୍ରକୃତ- ସମୟ ଫସଲ ଅନ୍ତର୍ଦୃଷ୍ଟି ୨୦୨୫-୨୬ରେ ୨୪ଟି ରାଜ୍ୟ ମୋବାଇଲ୍ ଡିଭାଇସ୍, ଜିଓ ଟ୍ୟାଗିଂ ଏବଂ ସାଟେଲାଇଟ୍ ସହାୟତା ବ୍ୟବହାର କରି ଦେଶର ୬୦୦ରୁ ଅଧିକ ଜିଲ୍ଲାରେ ପ୍ରାୟ ୩୦ କୋଟି ପ୍ଲଟରେ ଡିଜିଟାଲ୍ ଫସଲ ସର୍ଭେ କରିଥିଲେ । ଏହା ପାରମ୍ପରିକ ସର୍ଭେ ପଦ୍ଧତିଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଚ୍ୟୁତିକୁ ଚିହ୍ନିତ କରେ ଯାହା ପୂର୍ବରୁ ପ୍ରାୟତଃ ଧୀର ଏବଂ ଅସଙ୍ଗତି/ ତ୍ରୁଟିର ଶିକାର ହେଉଥିଲା । ଏହି ତଥ୍ୟ ଅମଳ ଆକଳନ, କ୍ରୟ ଯୋଜନା ଏବଂ ବଜାର ପୂର୍ବାନୁମାନକୁ ଉନ୍ନତ କରେ । ଏହା ମରୁଡ଼ି, ବନ୍ୟା କିମ୍ବା କୀଟପତଙ୍ଗ ଯୋଗୁଁ ଫସଲ ଚାପର ପ୍ରାରମ୍ଭିକ ଚିହ୍ନଟକୁ ସକ୍ଷମ କରି ବିପର୍ଯ୍ୟୟ ପ୍ରସ୍ତୁତି ବ୍ୟବସ୍ଥାକୁ ମଧ୍ୟ ମଜବୁତ କରେ । ଚାଷୀଙ୍କ ପାଇଁ, ଉତମ ତଥ୍ୟ, ସମୟୋଚିତ ଏବଂ ଫସଲ ବିନିର୍ଦ୍ଦିଷ୍ଟ ପରାମର୍ଶ ଏବଂ ପଦକ୍ଷେପଗୁଡ଼ିକ ଭୁଲ ହେଲେ ଶୀଘ୍ର ସମର୍ଥନରେ ରୂପାନ୍ତରିତ କରେ । ସହଯୋଗ ଏବଂ ଅନ୍ତର୍ଭୁକ୍ତିକରଣ ଉପରେ ଆଧାରିତ ଏକ ବ୍ୟବସ୍ଥା ଦେଶସାରା ଭୁ-ପ୍ରଶାସନରେ ବିବିଧତାକୁ ସ୍ୱୀକାର କରି, ଢାଂଚାରେ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଏହାକୁ ପ୍ରସ୍ତୁତ କରିବା ପାଇଁ ଏକ ଅନ୍ତର୍ନିହିତ ନମନୀୟତା ଅଛି ଏବଂ ଆନ୍ତଃ-କାର୍ଯ୍ୟକ୍ଷମତା ସୁନିଶ୍ଚିତ କରିବା ପାଇଁ ଏଥିରେ ସାଧାରଣ ମାନଦଣ୍ଡ ବଜାୟ ରଖାଯାଏ, ରାଜ୍ୟ ଏବଂ କେନ୍ଦ୍ରୀୟ ବ୍ୟବସ୍ଥା ମଧ୍ୟରେ ସୁଗମ ତଥ୍ୟ ଆଦାନପ୍ରଦାନକୁ ଏହା ସମ୍ପୂର୍ଣ୍ଣ ରୂପେ ସକ୍ଷମ କରେ । ଉଦାହରଣ ସ୍ୱରୂପ, ଏପରି ରାଜ୍ୟ ଅଛି ଯେଉଁଠାରେ ଦଶନ୍ଧି ଦଶନ୍ଧି ଧରି ଜମି ରେକର୍ଡ ଅପଡେଟ୍ ହୋଇନାହିଁ ଏବଂ ପୂର୍ବପୁରୁଷଙ୍କ ନାମରେ ତାହା ଜାରି ରହିଛି । ଜମି ରେକର୍ଡର ଅପଡେଟ୍ ସୁନିଶ୍ଚିତ କରିବା ପାଇଁ ଏ ଦିଗରେ ସମନ୍ୱିତ ପ୍ରୟାସ କରାଯାଉଛି, କିନ୍ତୁ ମଧ୍ୟବର୍ତୀ ସମୟରେ, ମୃତ ମାଲିକଙ୍କ ନାମରେ ରେକର୍ଡ ହୋଇଥିବା ଉତରାଧିକାରୀ ଚାଷୀମାନେ ରାଜସ୍ୱ ବିଭାଗ ଦ୍ୱାରା ଯାଞ୍ଚ ପରେ ସେମାନଙ୍କର ଚାଷୀ ପରିଚୟପତ୍ର ସୃଷ୍ଟି କରିପାରିବେ, ଯାହା ଲାଭର ନିରନ୍ତରତାକୁ ସୁନିଶ୍ଚିତ କରିବ । ଯେଉଁଠାରେ, ରାଜ୍ୟ ଆଇନ ଅନୁମତି ପ୍ରଦାନ କରେ ଏବଂ ରାଜ୍ୟଗୁଡ଼ିକ ସହମତ ହୁଅନ୍ତି, ସେଠାରେ ଦୃଢ଼ ମାଲିକ- ଅଧିକାରକରଣ ବ୍ୟବସ୍ଥା ସହିତ ଭାଗଚାଷୀ ଏବଂ ଭଡାଟିଆ ଚାଷୀମାନଙ୍କୁ ମଧ୍ୟ ନିର୍ଦ୍ଦିଷ୍ଟ ଯୋଜନା ଲାଭ ପାଇବା ପାଇଁ ସାମିଲ କରାଯାଇପାରିବ । ଉତର-ପୂର୍ବାଞ୍ଚଳ କ୍ଷେତ୍ରର ରାଜ୍ୟଗୁଡ଼ିକରେ ଯେଉଁଠାରେ ଗୋଷ୍ଠୀ ମାଲିକାନା ପ୍ରାଧାନ୍ୟ ବିସ୍ତାର କରେ, ଭୂ-ସମନ୍ୱୟ-ଆଧାରିତ ପ୍ରମାଣପତ୍ର ପାରମ୍ପରିକ ଅଭ୍ୟାସଗୁଡ଼ିକୁ ବାଧା ନ ଦେଇ ଅନ୍ତର୍ଭୁକ୍ତିକରଣକୁ ସୁଯୋଗ ପ୍ରଦାନ କରିଥାଏ । ହା ଚାଷୀମାନଙ୍କୁ କିପରି ଲାଭ ଦେବ । କୃଷକମାନଙ୍କ ପାଇଁ, ସାଧାରଣ ଡିଜିଟାଲ୍ ସ୍ତର କମ୍ ଫର୍ମ, ସ୍ଥାନୀୟ କାର୍ଯ୍ୟାଳୟକୁ କମ୍ ପରିଦର୍ଶନ ଏବଂ ସରକାରୀ ଯୋଜନା ଏବଂ ସେବାଗୁଡ଼ିକୁ ପ୍ରବେଶ କରିବାରେ ଅଧିକ ସ୍ୱଚ୍ଛତାରେ ରୂପାନ୍ତରିତ କରେ । ଜମି ଧାରଣ ଏବଂ ଫସଲ ଇତିହାସର ଗତିଶୀଳ ଭାବରେ ଅପଡେଟ୍ ହୋଇଥିବା ବିବରଣୀ ସହିତ ବିଶ୍ୱସନୀୟ ଡିଜିଟାଲ୍ ରେକର୍ଡ ବ୍ୟାଙ୍କ ଏବଂ ବୀମାକାରୀମାନଙ୍କୁ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ବିପଦ ମୂଲ୍ୟାଙ୍କନ ଏବଂ ଉତ୍ପାଦ ଡିଜାଇନ୍ କରିବାକୁ ସକ୍ଷମ କରିଥାଏ । କୃଷକ ସଂଘକୁ ମଜବୁତ କରିବାର ଏଥିରେ ପର୍ଯ୍ୟାପ୍ତ ସମ୍ଭାବନା ରହିଛି । ଯାଞ୍ଚ କରାଯାଇଥିବା ତଥ୍ୟ ଚାଷୀ ଉତ୍ପାଦକ ସଂଗଠନ (ଏଫପିଓ)କୁ ଉତ୍ପାଦନ ସଂଗ୍ରହ, ଉତମ ମୂଲ୍ୟ ଆଲୋଚନା ଏବଂ କାର୍ଯ୍ୟକ୍ଷମ ପୁଞ୍ଜିକୁ ସହଜରେ ପାଇବାରେ ସାହାଯ୍ୟ କରିପାରିବ । ଫସଲ ବୁଣା ଏବଂ ମୃତିକା ସ୍ୱାସ୍ଥ୍ୟ ସହିତ ସମନ୍ୱିତ ଜମି ତଥ୍ୟ କୃଷି ସମ୍ପ୍ରସାରଣରେ ଏକ ପରିବର୍ତନ ଆଣିବାର ସମ୍ଭାବନା ରଖିଛି କାରଣ ବର୍ତ୍ତମାନ ଉପଯୁକ୍ତ ପରାମର୍ଶ ଡିଜାଇନ୍ ଏବଂ ପ୍ରସାରିତ କରାଯାଇପାରିବ । ଏହା ଅତି କମ ଖର୍ଚ୍ଚରେ ସମ୍ଭବ ହୋଇ ପାରିବ । ସ୍ଥାନୀୟ ପରିସ୍ଥିତି ଆଧାରରେ ଚାଷୀମାନେ ସର୍ବୋତମ ବିହନ ସମୟ, ଜଳସେଚନ ସମୟସୂଚୀ, ପୁଷ୍ଟିକର ପ୍ରୟୋଗ ଏବଂ କୀଟପତଙ୍ଗ ପରିଚାଳନା ଉପରେ ବ୍ୟକ୍ତିଗତ ମାର୍ଗଦର୍ଶନ ପାଇପାରିବେ । ଶାସନ ଏବଂ ନୀତି ପ୍ରକ୍ରିୟା କିପରି ପ୍ରଭାବିତ ହେବ । କୃଷି ଷ୍ଟାକ୍ ଶାସନ ପ୍ରକ୍ରିୟାକୁ ସଂସ୍କାର କରିବା ଏବଂ ପ୍ରମାଣ ଆଧାରିତ ତଥ୍ୟ ଆଧାରିତ ନୀତି ନିର୍ଦ୍ଧାରଣକୁ ପ୍ରୋତ୍ସାହିତ କରିବାର ସୁଯୋଗ ପ୍ରଦାନ କରେ । ନୀତି ନିର୍ମାତାମାନେ ଫସଲ ପଦ୍ଧତିକୁ ଟ୍ରାକ୍ କରିବା, ଯୋଗାଣ- ଚାହିଦା ବ୍ୟବଧାନକୁ ପୂର୍ବାନୁମାନ କରିବା ଏବଂ ମୂଲ୍ୟ ଅସ୍ଥିରତାକୁ ରୋକିବା ପାଇଁ ସମୟୋଚିତ ଭାବରେ ହସ୍ତକ୍ଷେପ କରିବା ପାଇଁ ସଠିକ୍ ଏବଂ ସମୟୋଚିତ ତଥ୍ୟର ପ୍ରବେଶ ପାଇପାରିବେ । ଥରେ ଜଣେ ଚାଷୀଙ୍କ ପରିଚୟ, ଜମି ଧାରଣ, ଫସଲ ବୁଣା ଡିଜିଟାଲ ଭାବରେ ଯାଞ୍ଚ ହୋଇଗଲା ପରେ, ନଗଦ କିମ୍ବା ପ୍ରକାରରେ ସବସିଡି ବଂଟନ, ଫସଲ ବୀମା, କ୍ରୟ, କିମ୍ବା ଋଣ ଇତ୍ୟାଦି ସହିତ ଜଡିତ କାରବାର ଡିଜିଟାଲ ଏବଂ ନିରବଚ୍ଛିନ୍ନ ଭାବରେ ପ୍ରକ୍ରିୟା କରଣ କରାଯାଇ ପାରିବ । ଆଧାର ସକ୍ଷମ ପେମେଂଟ ଗେଟୱେଗୁଡ଼ିକ ଉଦ୍ଦିଷ୍ଟ ହିତାଧିକାରୀଙ୍କୁ ଲାଭ ହସ୍ତାନ୍ତର ସୁନିଶ୍ଚିତ କରେ । ସଂସ୍କାରିତ ବ୍ୟବସ୍ଥା ସାଧାରଣ ଖର୍ଚ୍ଚ ପାଇଁ ଏକ ସ୍ୱଷ୍ଟ ଡିଜିଟାଲ ଟ୍ରେଲ୍ ସୃଷ୍ଟି କରି ସ୍ୱଚ୍ଛତା ଏବଂ ଦାୟିତ୍ୱକୁ ବୃଦ୍ଧି କରିଥାଏ । ଏହା ଦେଖାଯାଇଛି ଯେ ସଂଘୀୟ ଏବଂ ରାଜ୍ୟ ସ୍ତରରେ ମନ୍ତ୍ରଣାଳୟଗୁଡ଼ିକ ଏବଂ କେତେକ କ୍ଷେତ୍ରରେ, ଏକ ନିର୍ଦ୍ଦିଷ୍ଟ ମନ୍ତ୍ରଣାଳୟର ବିଭିନ୍ନ ବିଭାଗ ମଧ୍ୟ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କର ନିଜସ୍ୱ ଚାଷୀ ଡାଟାବେସର ବିକାଶ ଘଟାଇଛନ୍ତି । କୃଷି ଷ୍ଟାକ୍ ଏକ ସାଧାରଣ କିନ୍ତୁ ସାର୍ବଜନୀନ ଡିଜିଟାଲ୍ ସ୍ତର ବିକଶିତ କରି ଏପରି ସ୍ୱୟଂ-ନିର୍ମିତ ସାଇଲୋଗୁଡ଼ିକୁ ଭାଙ୍ଗିଥାଏ ଯାହା କୃଷି, ପଶୁପାଳନ, ମତ୍ସ୍ୟପାଳନ, ସମବାୟ, ରାଜସ୍ୱ, ଖାଦ୍ୟ, ସାର, ଋଣ ଏବଂ ବୀମା ବ୍ୟବସ୍ଥାକୁ ସମାନ ଯାଞ୍ଚ କରାଯାଇଥିବା ତଥ୍ୟ ବ୍ୟବହାର କରି କାର୍ଯ୍ୟ କରିବାକୁ ଅନୁମତି ଦିଏ । ଏହା କେବଳ କାର୍ଯ୍ୟକ୍ଷମ ଦକ୍ଷତାକୁ ଉନ୍ନତ କରେ ନାହିଁ, ବରଂ ବିଭିନ୍ନ ଯୋଜନାର ଲାଭ ପାଇବା ପାଇଁ ଚାଷୀମାନଙ୍କ ଉପରେ ଏକାଧିକ ପୋର୍ଟାଲରେ ପଞ୍ଜୀକରଣ କରିବାର ବୋଝକୁ ମଧ୍ୟ ହ୍ରାସ କରେ । ଅନେକ

ଡକ୍ଟର ଦେବେଶ ଚତୁର୍ବେଦୀ

ରାଜ୍ୟ କୃଷି ଷ୍ଟାକର ବ୍ୟବହାରିକ ପ୍ରୟୋଗକୁ ସଫଳତାର ସହ କାର୍ଯ୍ୟକାରୀ କରିସାରିଛନ୍ତି । ଗତ ଖରିଫ ଋତୁରେ ସର୍ବନିମ୍ନ ସହାୟକ ମୂଲ୍ୟ ଆଧାରିତ ଧାନ ସଂଗ୍ରହ ପାଇଁ ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟାକୁ ସୁରୁଖୁରୁରେ କରିବା ପାଇଁ ଛତିଶଗଡ଼ ଏହି କୃଷି ଷ୍ଟାକ୍କୁ ବ୍ୟବହାର କରିଥିଲା । ମଧ୍ୟପ୍ରଦେଶ ‘ପିଏମ୍-ଆଶା’ ଯୋଜନା ଅଧୀନରେ ସୋୟାବିନ୍ ଚାଷୀଙ୍କୁ ମୂଲ୍ୟ ହ୍ରାସ ଜନିତ ସହାୟତା ପ୍ରଦାନ କରିବା ପାଇଁ ଏହି ଡାଟାବେସ୍ର ଉପଯୋଗ କରିଥିଲା । ସେହିପରି ମହାରାଷ୍ଟ୍ର ବିପର୍ଯ୍ୟୟ ସହାୟତା ସମେତ ସମସ୍ତ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ଭିତିକ ସେବା ପାଇଁ କୃଷି ଷ୍ଟାକ୍ ବ୍ୟବହାର କରୁଛି । ନବାଚାରକୁ ପ୍ରୋତ୍ସାହିତ କରିବା କୃଷି ଷ୍ଟାକର ଖୋଲା, ମାନକୀକରଣ ସ୍ଥାପତ୍ୟ ନବସୃଜନ ପାଇଁ ଏକ ଇକୋସିଷ୍ଟମ୍ ପ୍ରଦାନ କରେ, ବିଶେଷକରି କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ଏହା ସମ୍ପାଦନ କରାଯାଇଥାଏ । ଷ୍ଟାକ୍ ପରିପକ୍ୱ ହେବା ସହିତ, ଷ୍ଟାଟଅପ୍ ପାଇଁ ଫସଲ ତଥ୍ୟ, ପାଣିପାଗ ପୂର୍ବାନୁମାନ ଏବଂ ବଜାର ମୂଲ୍ୟକୁ ଉପଯୋଗୀ- ଅନୁକୂଳ ଉପକରଣରେ ମିଶ୍ରଣ କରି ଆପ୍ଲିକେସନ୍ ନିର୍ମାଣ କରିବାର ସୁଯୋଗ ରହିଛି । ମାନ୍ୟବର ଅର୍ଥମନ୍ତ୍ରୀ ତାଙ୍କର ସାମ୍ପ୍ରତିକ ସାର୍ବଜନୀନ ଭାଷଣରେ କୃଷି ଷ୍ଟାକକୁ ଭାରତରୁ ପରବର୍ତୀ ବଡ଼ ଜିନିଷ ଏବଂ ପରବର୍ତୀ ୟୁପିଆଇ ପରି ବିପ୍ଳବ ଭାବରେ ବର୍ଣ୍ଣନା କରିଛନ୍ତି । ଭାରତ ଆତ୍ମନିର୍ଭରତା ଏବଂ ବିଶ୍ୱ ଖାଦ୍ୟ ବାସ୍କେଟ ହେବା ଆଡ଼କୁ ଅଗ୍ରସର ହେଉଥିବାରୁ, କୃଷି ଷ୍ଟାକ୍ ଏକ ଭବିଷ୍ୟତବାଦୀ ସଂସ୍କାର ଯେଉଁଠାରେ ତଥ୍ୟ ଚାଷୀମାନଙ୍କୁ ସଶକ୍ତ କରିଥାଏ, ପ୍ରଯୁକ୍ତିବିଦ୍ୟା ଶାସନକୁ ସୁଦୃଢ଼ କରିଥାଏ ଏବଂ ସହଯୋଗ ପ୍ରଗତିକୁ ଆଗେଇ ନେଇଥାଏ ।

***(ଲେଖକ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟର ପୂର୍ବତନ ସଚିବ)***

# ସାରସକଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଷ୍ଟାଦଶତମ ବାର୍ଷିକ ଉତ୍ସବ

ବାରିପଦା(ନିପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସାରସକଣାର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ବିଦ୍ୟାମନ୍ଦିର ସଭାମଂଚରେ ଛାତ୍ର ଛାତ୍ରୀ, ଅଭିଭାବକ/ ଅଭିଭାବିକା ଏବଂ ଶିକ୍ଷାନୁରାଗୀ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ମଇ ୧ ତାରିଖ ୨୦୨୬, ଆନନ୍ଦ ଉଲ୍ଲାସ ମଧ୍ୟଦେଇ ମହାଡମ୍ବରରେ ପାଳିତ ହୋଇ ଯାଇଛି । ପରିଚାଳନା ସମିତି ଉପାଧ୍ୟକ୍ଷ ସୁରଥ କୁମାର ସାହୁ ପୌରୋହିତ୍ୟ କରି ଉତ୍ସବରେ ଯୋଗଦାନ କରିଥିବା ସମସ୍ତ ସଭାସଦ୍ ଓ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ଥିଲେ । ଗୁରୁଜୀ ସୋମନାଥ ସୋରେନଙ୍କ ମଂଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କ୍ରମେ ଉତ୍ସବରେ ଭାଦବ ହାଁସଦାଃ, ମାନ୍ୟବର ସାରସକଣା ବିଧାୟକ, ଡାଃ ବୁଢାନ ମୁର୍ମୁ ଅଧକ୍ଷ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମୟୂରଭଞ୍ଜ, ମନୋଜ କୁମାର କାର୍ଜୀ, ତହସିଲଦାର ସାରସକଣା ତଥା ଶ୍ରୀ ଜଗନ୍ନାଥ ସାହୁ ପୂର୍ବତନ ସମ୍ପାଦକ ଓ ପଦ୍ମନାଭ ସାହୁ ପୂର୍ବତନ ପରିଚାଳନା ସମିତି ସଭାପତି ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା, ବିଶେଷ ସମ୍ମାନିତ ଅତିଥି ଏବଂ ସମ୍ମାନୀୟ ବକ୍ତା ଭାବେ ଯୋଗଦାନ ପୂର୍ବକ ଉଦବୋଧନ ଦେଇଥିଲେ । ବିଦ୍ୟା ଭାରତୀ ମାର୍ଗଦର୍ଶନରେ ଦେଶର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ଗୁରୁମା’ମାନେ ପୁସ୍ତକଗତ ବିଦ୍ୟାଦାନ ସହିତ ଭବିଷ୍ୟତ ପିଢିଙ୍କ ମନହୃଦକୁ ଯେଭଳି ପରମ୍ପରା ଓ ସଂସ୍କୃତିର ସୁରକ୍ଷା, ନୈତିକତା ବୃଦ୍ଧି, ଭାରତୀୟତା ଭାବନାର ଉଦ୍ରେକ ପାଇଁ ଯେଭଳି ଉଦ୍ୟମ କରୁଛନ୍ତି ବରେଣ୍ୟ ଅତିଥିମାନେ ନିଜନିଜ ଭାଷଣରେ ତାର ଭୂୟସୀ ପ୍ରଶଂସା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମାହାଳିକ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ରବୀନ୍ଦ୍ର ନାଥ ଭୋଳ ବିଦ୍ୟା ମନ୍ଦିରର ପରିଚାଳନା ସମ୍ବନ୍ଧରେ ସଂକ୍ଷେପ ବକ୍ତବ୍ୟ ରଖିଥିଲେ । ଅତିଥି ମାନଙ୍କ କରକମଳରେ ଶିକ୍ଷାନୁଷ୍ଠାନର ବାର୍ଷିକ ମୁଖପତ୍ର ‘ସାରସ’ ଶୁଭୋନ୍ମଚନ ହୋଇ ଥିଲା । ସହଯୋଗ କରିଥିଲେ ଗୁରୁଜୀ ଅଭିନନ୍ଦନ, ରାଜେଶ୍, ସଞ୍ଜୀବ ଓ ଗୁରୁଜୀ ଅନୁପମ । ବିଦ୍ୟା ମନ୍ଦିରର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ଏବଂ ପୁରସ୍କାର ଦେଇଥିଲେ । ଲିଲୀ ଗୁରୁମା’ ଓ ଉତମ ଗୁରୁଜୀଙ୍କ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ସମାରୋହ ପ୍ରାରମ୍ଭରେ ଛବି ଗୁରୁମା’, ବିଷ୍ଣୁପ୍ରିୟା ଏବଂ ମମତା ଗରୁମା’ଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଂଗୀତ ଗାନ କରିଥିଲେ ଛାତ୍ରୀ ରଞ୍ଜନା, ରିତିକା, ଲୀଜା, ଶୁଭଲକ୍ଷ୍ମୀ, ରଶ୍ମିତା, ମାନ୍ୟତା, ପ୍ରାଚୀ ଓ ମିଳନଜ୍ୟୋତି ପ୍ରମୁଖ । କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ଦର୍ଶକ ଦର୍ଶିକାଙ୍କ ମନୋରଞ୍ଜନ ପାଇଁ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା । ସାଂସ୍କୃତିକ ବିଚିତ୍ରା ପରିଚାଳନା କରିଥିଲେ ଗରୁମା’ ଗୁରୁଜୀ ସର୍ବଶ୍ରୀ ସମୀକ୍ଷା, ବନିତା, ଲକ୍ଷ୍ମୀକାନ୍ତ, ଗଣେଶ୍ୱର, ଇଲାବତୀ, ବିପ୍ଳବ, ଅନୀଲ, ଯୋଗେଶ୍ୱର ଏବଂ ମନ୍ମଥ ଗୁରୁଜୀ ପ୍ରମୁଖ ଧନ୍ୟବାଦ ଜ୍ଞାପନ କରିଥିଲେ କାଜଲ ଗରୁମା ।

# କ୍ଷୁଦ୍ର ଗଳ୍ପ ସଂକଳନ ‘ନଷ୍ଟଶୀଳା’ ଓ ଶିଶୁଗଳ୍ପ ସଂକଳନ ‘ହିତ କାହାଣୀ’ର ଲୋକାର୍ପିତ



ବାଲିଆପାଳ(ନିପ୍ର): ବାଲିଆପାଳ ପାରୁଲିଆ ଛକ ସ୍ଥିତ ଦୁର୍ଗା କଲ୍ୟାଣ ମଣ୍ଡପ ଠାରେ ବାଲିଆପାଳ ବ୍ଲକର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ପୂଜ୍ୟପୂଜା ସାହିତ୍ୟ ସଂସଦ ଆନୁକୂଲ୍ୟରେ କବି ତଥା ଗାଳ୍ପିକ ବ୍ରଜେନ୍ଦ୍ର ନାଥ ଗିରିଙ୍କର କ୍ଷୁଦ୍ର ଗଳ୍ପ ସଂକଳନ ‘ନଷ୍ଟଶୀଳା’ ଓ ଶିଶୁଗଳ୍ପ ସଂକଳନ ‘ହିତ କାହାଣୀ’ର ଲୋକାର୍ପଣ ହୋଇଯାଇଛି । ପୂଜ୍ୟପୂଜା ସାହିତ୍ୟ ଅନୁଷ୍ଠାନର ସଭାପତି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ଼ଃ ଝାଡେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ମୁଖ୍ୟ ବକ୍ତା ଭାବେ ଦୀନକୃଷ୍ଣ ସାହିତ୍ୟ ସଂସଦର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ସମ୍ମାନିତ ଅତିଥି ଭାବରେ କବି ମାୟାଧର ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ବିଜୟ କୁମାର ଦେ, ଡ଼ଃ କାଳିକିଙ୍କର ଦାସ,ଅଧ୍ୟାପକ ଦୟାନିଧି ସାହୁ, ଜୟନ୍ତ ବେହେରା, ଡ଼ଃ ଶ୍ରୀକାନ୍ତ ମହାନ୍ତି, କବି ସୁକୁମାର ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ କୁଞ୍ଜକାନ୍ତ ପାତ୍ର, ଅଧ୍ୟାପକ ନିରଞ୍ଜନ ବେହେରା, ସମାଜସେବୀ କରୁଣାକର ବେହେରା ପ୍ରମୁଖ ଯୋଗଦେଇ କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ଗଳ୍ପ ସଂକଳନ ‘ନଷ୍ଟଶୀଳା’ ଓ ଶିଶୁଗଳ୍ପ ସଂକଳନ ‘ହିତ କାହାଣୀ’ ପୁସ୍ତକକୁ ଲୋକାର୍ପିତ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ଼ଃ ରଶ୍ମିତା ପାଣିଗ୍ରାହୀ ଅତିଥିଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ରଞ୍ଜିତା ବେହେରା ବେଦପାଠ କରିଥିଲେ । ଲକ୍ଷ୍ମୀପ୍ରିୟା ପରିଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ।

# ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା କାର୍ଯ୍ୟକାରିଣୀ ଓ ପ୍ରତିବାଦ ସଭା




ନୟାଗଡ଼(ନିପ୍ର): ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ଶ୍ରମ ଦିବସ ଅବସରରେ ଏକ ପ୍ରତିବାଦ ସଭା ଓ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶାଖା ସଭାପତି ଶ୍ରୀକାନ୍ତ ଖଟେଇଙ୍କ ଆବାହକତ୍ୱରେ ନୟାଗଡ଼ ସାମ୍ବାଦିକ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ପବିତ୍ର ମହାରଥା ଯୋଗ ଦେଇଥିଲେ । ନୟାଗଡ଼ ଜିଲ୍ଲା ଶାଖା ସମ୍ପାଦକ ବୈଦ୍ୟ ଭୂଷଣ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିବା ସହ ସାମ୍ବାଦିକଙ୍କ ନାର୍ଯ୍ୟ ଦାବି ଉପରେ ଆଲୋଚନା କରିଥିଲେ । ଉତ୍କଳ ସାମ୍ବାଦିକ ସଂଘ ପୂର୍ବତନ ସଭାପତି ଦେବପ୍ରସାଦ ମିଶ୍ରଙ୍କ ପରଲୋକକୁ ନେଇ ନୀରବ ପ୍ରାର୍ଥନା କରାଯାଇଥିଲା । ସାମ୍ବାଦିକଙ୍କ ନାର୍ଯ୍ୟ ଦାବି ପୂରଣ ପାଇଁ ରାଜ୍ୟ ସଂଘ ଆହ୍ୱାନ କ୍ରମେ ଗତ ୨୯ ତାରିଖ ରାଜ୍ୟର ସମସ୍ତ ଜିଲ୍ଲାରେ ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ନୟାଗଡ଼ ଜିଲ୍ଲାର ସଦରମହକୁମା ଏବଂ ସମସ୍ତ ବ୍ଲକରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଶ୍ରମ ଦିବସ ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାରେ ସାମ୍ବାଦିକମାନେ କଳାବ୍ୟାଜ ପରିଧାନ କରିଥିବା ବେଳେ ନୟାଗଡ଼ ଜିଲ୍ଲାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଉପସ୍ଥିତ ରହିଥିବା ଶତାଧିକ ସାମ୍ବାଦିକମାନେ କଳାବ୍ୟାଚ୍ ପରିଧାନ କରିଥିଲେ । ପ୍ରତିବାଦ ସଭାରେ ରାଜ୍ୟ ସଭାପତି ଶ୍ରୀଯୁକ୍ତ କର ତାଙ୍କ ବକ୍ତବ୍ୟରେ ଗତ ସରକାର ସମୟରେ ରାଜ୍ୟ ସଂଘ ପକ୍ଷରୁ ଲୋୟର ପିଏମ୍ଜିଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଯୋଗ ଦେଇ ତତ୍କାଳିନ ବିରୋଧି ଦଳ ମୁଖ୍ୟ ଛାଟିଆ ତଥା ଏବେକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷମତାକୁ ଆସିବା ପରେ ସାମ୍ବାଦିକଙ୍କ ସମସ୍ତ ଦାବି ପୂରଣ କରିବାକୁ ପ୍ରତିଶୃତି ଦେଇଥିଲେ । ସରକାର କ୍ଷମତାକୁ ଆସିବାକୁ ୨ ବର୍ଷ ବିତିଥିଲେ ସୁଦ୍ଧା ସାମ୍ବାଦିକଙ୍କ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି କହିଥିଲେ । ଗତ ବିଧାନସଭା ଅଧିବେଶନରେ ସାମ୍ବାଦିକଙ୍କ କୌଣସି ଦାବି ସରକାରଙ୍କ ପାଖରେ ଅଟକି ନଥିବା ତଥା ସାମ୍ବାଦିକଙ୍କ ପାଇଁ ସରକାରଙ୍କ କୌଣସି ଯୋଜନା ନଥିବା ନେଇ ମୁଖ୍ୟମନ୍ତ୍ରୀ ବିବୃତି ରଖି ସମସ୍ତଙ୍କୁ ବିସ୍ମିତ କରିଛି । ବିଭିନ୍ନ ରାଜ୍ୟରେ ସାମ୍ବାଦିକଙ୍କୁ ପେନସନ ପ୍ରଦାନ କରାଯାଉଥିବା ନେଇ ସରକାରଙ୍କୁ ଅବଗତ କରାଯାଇଥିବା ବେଳେ ଓଡ଼ିଶା ସରକାର ସାମ୍ବାଦିକଙ୍କ କଲ୍ୟାଣ ପାଇଁ କୌଣସି ପଦକ୍ଷେପ ନନେବା ପରିତାପର ବିଷୟ ବୋଲି କହିଥିଲେ । ଉତ୍କଳ ସାମ୍ବାଦିକ ସଂଘ ୧୦ ଦଫା ଦାବି ନେଇ ଲଢ଼େଇ ଜାରି ରଖିବ ବୋଲି ସୂଚନା ଦେଇଥିଲେ ।

# କଥାଦେଇ ଠକିଦେଲେ କୁଳପତି : ହଷ୍ଟେଲ ଫି ପୁଣି ଆଦାୟ କରିବ ବିଶ୍ୱବିଦ୍ୟାଳୟ




ବ୍ରହ୍ମପୁର(ନି.ପ୍ର.): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅଜବ ନିତି , ଅନୁଶାସନ ନାମରେ ଏକଛତ୍ରବାଦ ଶାସନ ଚାଲିଛି । ଛାତ୍ରଙ୍କୁ ସୁବିଧାସୁଯୋଗ ଯୋଗାଇଦେବା ପରିବର୍ତେ ଅସୁବିଧାକୁ ଠେଲିଦେଉଛନ୍ତି କୁଳପତି ଡ .ଗୀତାଞ୍ଜଳି ଦାସ । ଦକ୍ଷିଣ ଓଡ଼ିଶାର ଶିକ୍ଷାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧିକାଂଶ ଛାତ୍ରଛାତ୍ରୀ ସାଧାରଣ ଚାଷୀ ମୂଲିଆ ଗରିବ ଘରର ପିଲା ଦୂରଦୂରାନ୍ତରୁ ଏଠି ଉଚ୍ଚଶିକ୍ଷା ନିମନ୍ତେ ପାଠ ପଢିବା ପାଇଁ ଆସନ୍ତି । ହେଲେ ସେମାନଙ୍କ ଦୁଃଖ ଶୁଣିବ କିଏ । ଓଡ଼ିଶାର ଅନ୍ୟ ବିଶ୍ୱବିଦ୍ୟାଳୟ ତୁଳନାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଆଡେ ଅଧିକ ହଷ୍ଟେଲ ଫି ଆଦାୟ କରୁଛନ୍ତି ବୋଲି ଶହ ଶହ ଛାତ୍ରଛାତ୍ରୀ ବର୍ଷେ ତଳେ ଆନ୍ଦୋଳନକୁ ଓହ୍ଲାଇଥିଲେ , ଯାହାଫଳରେ ବିଶ୍ୱବିଦ୍ୟାଳୟ ନାକେଦମ ହୋଇ ଫି କମେଇବାକୁ ବାଧ୍ୟ ହୋଇଥିଲେ । ଆଉ ୭୦୦ ଟଙ୍କା କମାଗଲା 'ହଷ୍ଟେଲ ରିଆଡମିସନ' ଫି ବୋଲି ବିଶ୍ୱବିଦ୍ୟାଳୟ ଏକ ନୋଟିସ ଜାରି କରିଥିଲେ । ସେନୁଯାୟୀ ସମସ୍ତେ ଛାତ୍ରଛାତ୍ରୀ ୭୦୦ ଟଙ୍କା କମେଇ ହଷ୍ଟେଲ ଫି ବାନ୍ଧିଥିଲେ । ତେବେ ପୁଣି ବର୍ଷ ଶେଷରେ ନିଜ କଥାରୁ ଓହରିଯାଇଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି । ସେ କଥା କୁଆଡେ ବିଧିବଦ୍ଧ ନଥିଲା ବୋଲି ପୁଣି କହୁଛନ୍ତି । ତେବେ ବର୍ତମାନ ଛାତ୍ରଛାତ୍ରୀଙ୍କ କସନ ଟଙ୍କାରୁ ୭୦୦ ଟଙ୍କା ଆଦାୟ କରାଯିବାକୁ ନେଇ ସିଣ୍ଡିକେଟରେ ନିଷ୍ପତି ହୋଇଛି । ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ଭିତରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ଯାହାଫଳରେ ଏବେ ସମସ୍ତେ କହୁଛନ୍ତି କଥାଦେଇ ଠକିଦେଲେ ଭିସି ଗୀତାଞ୍ଜଳି ଦାସ । ଗଲାବେଳେ ବିଶ୍ୱାସରେ ବିଷ ଦେଇଦେଲେ ଭିସି , ବୋଲି ଭଞ୍ଜବିହାର କେମ୍ପସରେ ଜୋରଦାର ଆଲୋଚନା ଚାଲିଛି ।

ତେବେ ହଷ୍ଟେଲର ଅନେକ ଛାତ୍ରଛାତ୍ରୀ ଇ[ରନେଟ ୟୁଟ୍ୟବରୁ ବିଭିନ୍ନ ପରୀକ୍ଷା ପାଇଁ କୋଚିଙ୍ଗ ନେଉଛନ୍ତି । ତେବେ କିଛିଦିନ ହେଲା ହଷ୍ଟେଲ ଇ[ରନେଟକୁ ସମସ୍ୟାକୁ ନେଇ ଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ବଢିଛି । କାରଣ ଇ[ରନେଟ ବ୍ୟବହାର ବେଳେ ଗୁଗଲ ବ୍ୟଥିତ ୟୁଟ୍ୟୁବ ଓ ଅନ୍ୟ ସାଇଟ ଗୁଡିକ ଠିକ ଭାବେ ଚାଲୁନାହିଁ । ବିଶ୍ୱବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀଙ୍କ ଆଗକୁ ନେଟ ଓ ଅନ୍ୟାନ୍ୟ ପରୀକ୍ଷା ରହିଥିବାରୁ ଅଧିକାଂଶ ୟୁଟ୍ୟୁବରୁ କୋଚିଙ୍ଗ ନେଉଛନ୍ତି ଏବେ ସେମାନଙ୍କ ପାଠ ପଢାରେ ପ୍ରଭାବ ପଡିଛି । ଯାହାଫଳରେ ଅନେକ ଛାତ୍ରଛାତ୍ରୀ ଏବେ ହନ୍ତସନ୍ତ ହେଉଛନ୍ତି । ତେବେ ଗୋଟେ ଏକାଡେମୀର ମୁଖ୍ୟ କିଭଳି କଥାଦେଇ କଥାରୁ ଓହରିଯାଉଛନ୍ତି । ଛାତ୍ରଛାତ୍ରୀଙ୍କୁ ମୌଳିକ ସୁବିଧାସୁଯୋଗ ନଦେଇ ହଇରାଣ କରିବାକୁ ପଛାଉନାହାନ୍ତି , ବୋଲି ଛାତ୍ର ନେତା ଇଜୁ ଅମିନ ଖାନ ଓ ସନ୍ତୋଷ କୁମାର ବେହେରା ଚିନ୍ତା ପ୍ରକାଶ କରିଛନ୍ତି ।

# ପଂଚମ ସଂସ୍କରଣ ହକି ପ୍ରତିଯୋଗିତାରେ ଜୁନିଅର ବାଳକ ବିଭାଗ ୨ୟ ରାଉଣ୍ଡରେ ପ୍ରବେଶ



ବାରିପଦା,(ନି.ପ୍ର.) ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ହକି ଆସୋସିଏସନ ଓଡ଼ିଶା ଦ୍ୱାରା ଆୟୋଜିତ ପଂଚମ ସଂସ୍କରଣ ହକି ପ୍ରତିଯୋଗିତାର ଜୁନିଅର ବାଳକ ବିଭାଗରେ ମୟୁରଭଞ୍ଜ ଜିଲ୍ଲା ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି । ମୋରଡା ବ୍ଲକ ଅଧୀନସ୍ଥ ଚଢେଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ହକି ଗ୍ରାସରୁଟ୍ସ ସେ[ର ମୟୂରଭଞ୍ଜର ପ୍ରତିନିଧିତ୍ୱ କରି ଏହି ସଫଳତା ହାସଲ କରିଛି । ଉକ୍ତ ପ୍ରତିଯୋଗିତାର ଏକ ରୋମାଂଚକର ମ୍ୟାଚରେ ମୟୁରଭଞ୍ଜ ଦଳ ଝାରସୁଗୁଡା ଜିଲ୍ଲାକୁ ୩-୦ ଗୋଲରେ ପରାଜିତ କରି ଦ୍ୱିତୀୟ ରାଉଣ୍ଡକୁ ଯୋଗ୍ୟତା ହାସଲ କରିଛି । ମ୍ୟାଚ ଆରମ୍ଭରୁ ମୟୁରଭଞ୍ଜ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ପ୍ରଥମାର୍ଦ୍ଧରୁ ହିଁ ନିଜର ଦବଦବା ଜାହିର୍ କରିଥିଲା । ଦଳର ଖେଳାଳିମାନେ ସୁନିୟୋଜିତଭାବେ ପାସିଂ, ଦୃଢ଼ ରକ୍ଷା ବ୍ୟବସ୍ଥା ଓ ଶୀଘ୍ର ତଥା ତତକ୍ଷଣାତ୍ ଆକ୍ରମଣ ମାଧମରେ ପ୍ରତିପକ୍ଷ ଦଳକୁ ଚାପରେ ରଖିଥିଲେ । ଦଳ ପକ୍ଷରୁ ରାଜେନ ଟୁଡୁ ଦୁଇଟି ଚମତ୍କାର ଗୋଲ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ସେହିପରି ଘାସିରାମ ହେମ୍ବ୍ରମ ମଧ ଗୋଟିଏ ସୁନ୍ଦର ଗୋଲ କରି ଦଳର ସ୍କୋରକୁ ଆଗକୁ ବଢ଼ାଇ ବିଜୟ ସୁନିଶ୍ଚିତ କରିଥିଲେ । ଦଳର ଗୋଲରକ୍ଷକ ଓ ରକ୍ଷା ପଙ୍କ୍ତିର ଖେଳାଳିମାନେ ମଧ ଉଲ୍ଲେଖନୀୟ ପ୍ରଦର୍ଶନ କରି ପ୍ରତିପକ୍ଷଙ୍କୁ କୌଣସି ଗୋଲ କରିବାର ସୁଯୋଗ ଦେଇନଥିବାରୁ ଦଳ ଚମତ୍କାର ବିଜୟ ପ୍ରାପ୍ତ କରିଛି । ଏଠାରେ ଉଲ୍ଲେଖଥାଉକି, ଜିଲ୍ଲା କ୍ରୀଡା ଅଧିକାରୀ ଡ଼ଃ ଶୁଭାଶିଷ ନାୟକଙ୍କ ତତ୍ୱାବଧାନରେ ଏହି ହକି ଗ୍ରାସରୁଟ୍ସ ସେ[ରଟି ସଫଳତାର ସହିତ ପରିଚାଳିତ ହେଉଛି । ଏହି ଅବସରରେ ଡ଼ଃ ନାୟକ କହିଛନ୍ତି ଯେ, ଏହି ପରି ସଫଳତା ଜିଲ୍ଲାର ଗ୍ରାମୀଣ ଅଂଚଳରେ ଥିବା କ୍ରୀଡା ପ୍ରତିଭାମାନଙ୍କୁ ଆଗକୁ ଆଣିବାରେ ବହୁତ ବଡ଼ ଭୂମିକା ଗ୍ରହଣ କରୁଛି । ସେ ଏହି ସଫଳତା ପାଇଁ ସମସ୍ତ ଖେଳାଳି, କୋଚ ଡେଭିଡ ସୋରେଙ୍ଗ ଓ ସମସ୍ତ ସହଯୋଗୀ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ତତସହିତ, ସେ ଦଳକୁ ଆଗାମୀ ମ୍ୟାଚଗୁଡିକ ପାଇଁ ଅଧିକ ସଚେତନ ଓ ସୁଚିନ୍ତିତ ରଣନୀତି ଗଠନ କରି ଖେଳିବାକୁ ପରାମର୍ଶ ଦେଇଛନ୍ତି । ଏହାସହ ଏହି ଦଳ ଆଗାମୀ ରାଉଣ୍ଡଗୁଡିକରେ ମଧ ଏହିପରି ଦୃଢ଼ ପ୍ରଦର୍ଶନ ଜାରି ରଖି ଜିଲ୍ଲା ପାଇଁ ଆହୁରି ଗୌରବ ଆଣିବ ଡଃ ନାୟକ ଆଶାବ୍ୟକ୍ତ କରିଛନ୍ତି ।

# ବେତନଟୀରେ ଦୀର୍ଘ ଦିନ ଧରି ଡ୍ରେନ ସଫା ହେଉନି: ବର୍ଷା ଯୋଗୁଁ ଡ୍ରେନ ପାଣି ଲୋକଙ୍କ ଘରେ ପଶି କ୍ଷତି କରୁଛି

ବେତନଟୀ,(ନି ପ୍ର) : ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅନ୍ତର୍ଗତ ବେତନଟୀ ଚଣ୍ଡୀଛକ ନିକଟରେ ରାସ୍ତା ପାର୍ଶ୍ୱରେ ଡ୍ରେନ ସଫା ନ ହେବାରୁ ଅଦିନିଆ କାଳବୈଶାଖୀ ବର୍ଷାରେ ପାଣି ଘର ଭିତରକୁ ପଶି ଯିବା ହେତୁ ସ୍ଥାନୀୟ ବାସିନ୍ଦାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏନଏସି ମାନ୍ୟତା ପାଇବା ପରେ ମଧ ମୌଳିକ ସୁବିଧାର ବିକାଶରେ ଲାଗି ରହିଥିବା ଅବହେଳାକୁ ନେଇ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ବେତନଟୀ ଗ୍ରାମ ପଂଚାୟତ ଚାରି ମାସ ପୂର୍ବରୁ ଏନଏସି ମାନ୍ୟତା ପାଇଥିଲା ଏବଂ ଆର୍ଥିକ ଅନୁଦାନ ମଧ ଆସିସାରିଛି । ତଥାପି ଡ୍ରେନ ସଫା, ରାସ୍ତା ମରାମତି, ଷ୍ଟ୍ରିଟ ଲାଇଟ ଏବଂ ଡ୍ରେନ ଜଳ ନିଷ୍କାସନ ବ୍ୟବସ୍ଥାରେ କୌଣସି ଉଲ୍ଲେଖନୀୟ କାର୍ଯ୍ୟ ହୋଇନାହିଁ ବୋଲି ଅଭିଯୋଗ ହୋଇଛି । ଫଳରେ ସାମାନ୍ୟ ବର୍ଷାରେ ଡ୍ରେନ ପାଣି ଘର ଭିତରକୁ ପ୍ରବେଶ କରୁଛି । ଅନେକ ଘରେ ଆଣ୍ଠୁଏରୁ ଅଧିକ ପାଣି ପଶି ଆସବାବପତ୍ର ଓ ଲୁଗାପଟା ନଷ୍ଟ ହୋଇଛି । ପୂର୍ବତନ ସରପଂଚଙ୍କ ଘର ସମେତ ଅନ୍ୟାନ୍ୟ ଘରେ ମଧ ଏହି ସମସ୍ୟା ଦେଖାଦେଇଥିବା କଥା ଗଣମାଧମ ଆଗରେ ସ୍ଥାନୀୟ ଲୋକମାନେ କହିଛନ୍ତି । ବେତନଟୀ ଜନସାଧାରଣଙ୍କ ପକ୍ଷରୁ ଏହି ଅବହେଳା ବିରୋଧରେ ବାରମ୍ବାର ବ୍ଲକ୍ ପ୍ରସାଶନକୁ ଅଭିଯୋଗ କରାଯାଉଥିଲେ ମଧ ବ୍ଲକ୍ ପ୍ରସାଶନର ଏଥି ପ୍ରତି ନିଘା ନାହିଁ । ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ତଳେ ଦୁଇ ଆର୍ଥିକ ବର୍ଷରେ ପଚାଶ ଲକ୍ଷରୁ ଅଧିକ ଟଙ୍କା ମଞ୍ଜୁର ହୋଇଥିବା ସତ୍ୱେ ପାଣ୍ଠି ଅଭାବ ଦର୍ଶାଇ ଡ୍ରେନ ସଫା ନ ହେବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି ବୋଲି ବାସିନ୍ଦାମାନେ ଅଭିଯୋଗ କରିଛନ୍ତି । ସ୍ଥାନୀୟ ବିଧାୟକ ଓ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି ବୋଲି କୁହାଯାଉଛି । ଯଦି ଶୀଘ୍ର ଡ୍ରେନ ସଫା ଓ ଡ୍ରେନ ପାଣି ନିଷ୍କାସନ ବ୍ୟବସ୍ଥା ସୁଧାର ନ ହୁଏ ତେବେ ଆଗାମି ଦିନରେ ବ୍ଲକ୍ ଅଫିସ ଆଗରେ ଧାରଣା ଦେବେ ବୋଲି ସ୍ଥାନୀୟ ବାସିନ୍ଦାମାନେ ଚେତାଇ ଦେଇଛନ୍ତି ।

# ଲାଂଜିପଲ୍ଲୀ ହସ,ଯୋଗ ଓ ବ୍ୟାୟାମ କେନ୍ଦ୍ରରେ ବିଶ୍ୱ ହସ ଦିବସ ପାଳିତ

ବ୍ରହ୍ମପୁର(ନି.ପ୍ର.) : ସ୍ଥାନୀୟ ଲାଂଜିପଲ୍ଲୀ ସ୍ଥିତ ବରିଷ୍ଠ ନାଗରିକ ମଂଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ର ତରଫରୁ ମେ ମାସ ପ୍ରଥମ ରବିବାର 'ବିଶ୍ୱ ହସ ଦିବସ' ଉପଲକ୍ଷେ ଉପଦେଷ୍ଟା ପ୍ରଫେସର ଭାସ୍କର ପାଢ଼ୀ, ସଭାପତି ଶ୍ରୀ ବିଶ୍ୱନାଥ ପାଢ଼ୀ, ସଂପାଦକ ଶ୍ରୀ ଶାନ୍ତନୁ କୁମାର ମିଶ୍ର, ଉପ ସଭାପତି ପ୍ରଫେସର ଅରୁଣ କୁମାର ପଣ୍ଡା ଓ ଯୁଗ ସଂପାଦକ ପ୍ରଫେସର ସୁଦର୍ଶନ ଦାସ ଓ ହସ ଗୁରୁ ସୁଜନ ଶୁକ୍ଳଙ୍କ ତତ୍ୱାବଧାନରେ ହସର ଆବଶ୍ୟକତା ଓ ଉପକାରିତା ବିଷୟରେ ଏକ ଜନ ସଚେତନତା ଶୋଭାଯାତ୍ରା ବାହାରି ଲାଂଜିପଲ୍ଲୀର ବିଭିନ୍ନ ସାହି ଭ୍ରମଣ କରିଥିଲେ । ସର୍ବଶ୍ରୀ ପ୍ରଫେସର ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ସର୍ଜ[ ରମେଶ ଚନ୍ଦ୍ର ମହାନ୍ତି, କେ. କ୍ରିଷ୍ଣା ରାଓ, ଶିବରାମ ପାଣିଗ୍ରାହୀ, ବିଭୂତି ଭୂଷଣ ବେହେରା, ପ୍ରଫୁଲ୍ଲ ପାତ୍ର, ଅଭିମନ୍ୟୁ ମହାରଣା, ଚିତ




ରଂଜନ ସାହୁ, ପୁରନ୍ଦର ମହାଙ୍କୁଡ, ରବିନ୍ଦ୍ର ସାହୁ, କୈଳାଶ ଚନ୍ଦ୍ର ବେହେରା, ଦିବାକର ପାତ୍ର, କୁମୁଦ ଚନ୍ଦ୍ର ବେହେରା, ପଦ୍ମ ଚରଣ ନନ୍ଦଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦେଇ ଶୋଭାଯାତ୍ରାକୁ ସୁଚାରୁରୁପେ ପରିଚାଳନା କରିଥିଲେ । ପରିଶେଷରେ ସାମାନ୍ୟ ଜଳଯୋଗସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

# ପଛରୁ ବାଇକକୁ ପିଟିଲା ବାଇକ୍: ୭ବର୍ଷର ଶିଶୁପୁତ୍ର ଗୁରୁତର

ନୀଳଗିରି (ନି.ପ୍ର.) ବାଇକରେ ଦ୍ରୁତଗତିରେ ପଛରୁ ଆସି ଅନ୍ୟଏକ ବାଇକକୁ ଧକ୍କାଦେବା ଫଳରେ ଜଣେ ନାବାଳକ ଶିଶୁପୁତ୍ର ଗୁରୁତର ହେବାସହିତ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ନୀଳଗିରି ବ୍ଲକ୍ ବରହମପୁର ଅଂଚଳର ଅମିତ୍ କୁମାର ଦାସ ନିଜ ପୁଅ, ଝିଅ ଏବଂ ସ୍ତ୍ରୀ ସହିତ ସୋର ମଙ୍ଗଳପୁର ଅଂଚଳର ବନ୍ଧୁଘରୁ ଶେରଗଡ଼ ଦେଇ ବରହମପୁର ଘରକୁ ଫେରୁଥିଲେ । ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବାଲିଗୋହିରୀ ଶନିମନ୍ଦିର ନିକଟରେ ପଛପଟୁ ଧୋବଶିଳା ଗ୍ରାମର ବସନ୍ତ ମଲ୍ଲିକଙ୍କ ପୁଅ ସୁଶୀଲ ମଲ୍ଲିକ ଏକ ପଲ୍ସର ଗାଡ଼ିରେ ଆସି ପଛପଟୁ ଧକ୍କାଦେବା ଫଳରେ ଅମିତଙ୍କ ପରିବାର ସହିତ ସୁଶୀଳ ପଡ଼ିଯାଇଥିଲେ । ଫଳରେ ଅମିତଙ୍କ ୭ବର୍ଷର ଶିଶୁପୁତ୍ରଙ୍କ ମୁଣ୍ଡରେ ଗଭୀର କ୍ଷତ ଦେଖିବାକୁ ମିଳିଥିଲା ବେଳେ ଅମିତ୍ ଏବଂ ତାଙ୍କ ସ୍ତ୍ରୀ ସାମାନ୍ୟ ଆହତ ହୋଇଛନ୍ତି । ମାତ୍ର ଝିଅର କୌଣସି କ୍ଷତି ହୋଇନଥିବା ବେଳେ ସୁଶୀଲଙ୍କର ନାକରୁ ରକ୍ତସ୍ରାବ ହେଉଥିବା ବେଳେ ସମସ୍ତଙ୍କୁ ନୀଳଗିରି ମେଡିକାଲ ଆଣି ଚିକିତ୍ସା କରାଯାଇଥିବା ଜଣାଯାଇଛି ।

# ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କ ଦିଲ୍ଲୀ ଗସ୍ତ

ଅନୁଗୁଳ (ନି.ପ୍ର.): ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଆଜି ଶନିବାର ଅନୁଗୁଳ ରୁ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି । ଅନୁଗୁଳ ରେଳ ଷ୍ଟେସନ ରେ ରାଜଧାନୀ ଏକ୍ସପ୍ରେସ ରେ ଦିଲ୍ଲୀ ଯାତ୍ରା କରିଛନ୍ତି । ଢେଙ୍କାନାଳ ଲୋକସଭା କ୍ଷେତ୍ରର ବିଭିନ୍ନ ସମସ୍ୟା ଓ ବିକାଶ ମୂଳକ କାର୍ଯ୍ୟ ତଥା ଲୋକମାନଙ୍କର ସମସ୍ୟା କୁ ନେଇ ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀ ଙ୍କୁ ଭେଟି ଆଲୋଚନା କରିବେ ବୋଲି



ଶ୍ରୀ ପାଣି ପ୍ରକାଶ କରିଛନ୍ତି । ପୁରୀ ରୁ ଅନୁଗୁଳ ସମ୍ବଲପୁର ଦେଇ ହରିଦ୍ୱାର ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଏକ୍ସପ୍ରେସ ଟ୍ରେନ ଚଳାଚଳ ପାଇଁ ରେଳ ମନ୍ତ୍ରୀ ଙ୍କୁ ଲିଖିତ ଭାବେ ଜଣାଇବେ ବୋଲି ସାଂସଦ କହିଛନ୍ତି । ମେ ୪ ତାରିଖ ରେ ଦିଲ୍ଲୀ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ, ରେ ପହଂଚି ଚିକିତ୍ସିତ ହେବେ ବୋଲି ଜଣା ପଡିଛି । ଢେଙ୍କାନାଳ ସାଂସଦ ଙ୍କୁ ବିଦାୟ ଦେବା ପାଇଁ ଅନୁଗୁଳ ଷ୍ଟେସନ ଠାରେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ, ବିଶ୍ୱଜିତ ମିଶ୍ର, ପ୍ରଭାତ ପ୍ରଧାନ ଙ୍କ ସମେତ ସମଗ୍ର ଜିଲ୍ଲାରୁ ଶତାଧିକ କାର୍ଯ୍ୟକର୍ତା ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ଛାତ୍ରୀଙ୍କୁ ଅସଦାଚରଣ, ଶିକ୍ଷକ ଗିରଫ

ବେତନଟୀ,(ନି.ପ୍ର.): ପରୀକ୍ଷାରେ ଫେଲ କରାଇବାର ଧମକ ଦେଇ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବେତନଟୀ ଥାନା ଅନ୍ତର୍ଗତ ବଡ଼ ଜାମବଣି ଫାଣ୍ଡି ଦାନ୍ତିଆମୁହାଁ ପଂଚାୟତ ଅଂଚଳର ଜଣେ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଶିକ୍ଷକ ଛାତ୍ରୀଙ୍କୁ ପରୀକ୍ଷାରେ ଫେଲ କରାଇବାର ଧମକ ଦେଇ ବ୍ଲାକମେଲ କରିବାର ଉଦ୍ୟମ କରିଥିଲେ । ଗତ ଏପ୍ରିଲ ୨୫ ତାରିଖ ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ଛାତ୍ରୀ ଜଣକ ଡାକ୍ତରଖାନାରୁ ଘରକୁ ଫେରୁଥିବା ସମୟରେ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି । ଛାତ୍ରୀଙ୍କ ପରିବାର ପକ୍ଷରୁ ବେତନଟୀ ଥାନାରେ ଲିଖିତ ଅଭିଯୋଗ ଦାଖଲ ହେବା ପରେ ପୋଲିସ ତୁରନ୍ତ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ବେତନଟୀ ଥାନା କେଶ ନମ୍ବର ୧୯୦ ରେ ଏହି ମାମଲା ରୁଜୁ ହୋଇଛି । ପୋଲିସ ଅଧିକାରୀମାନେ ଘଟଣାର ବିସ୍ତୃତ ତଦନ୍ତ ଜାରି ରଖିଛନ୍ତି । ଛାତ୍ରୀଙ୍କ ବୟାନ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ମାମଲାକୁ ତଦନ୍ତ କରାଯାଉଛି । ଏହି ପ୍ରକାରର ଘଟଣା ଶିକ୍ଷା କ୍ଷେତ୍ରରେ ଶିକ୍ଷକ-ଛାତ୍ରୀ ସମ୍ପର୍କର ପବିତ୍ରତାକୁ ନଷ୍ଟ କରୁଥିବାରୁ ସ୍ଥାନୀୟ ସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏହି ଘଟଣା ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ନିରାପତା ଏବଂ ନୈତିକତା ପ୍ରତି ସଚେତନତା ବଢ଼ାଇବା ଆବଶ୍ୟକତାକୁ ଆହ୍ୱାନ କରୁଛି । ପୋଲିସ ତଦନ୍ତର ପରିଣାମ ଉପରେ ସମସ୍ତଙ୍କ ନଜର ରହିଛି ।

# ସୁମନ ସାରଙ୍କର ସେବାନିବୃତି ସମ୍ବର୍ଦ୍ଧନା ସମାରୋହ



କଟକ:(ନି. ପ୍ର) ଚୌଧୁରୀ ବଜାରସ୍ଥିତ ମୁନିସିପାଲ ମଡେଲ ହାଇ ସ୍କୁଲର ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ସୁମନ ସାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସ୍ଥାନୀୟ ଟାଉନ ହଲର ଆର୍ଟ ଗ୍ୟାଲେରୀରେ ପ୍ରଦାନ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ କଟକ ମହାନଗର ନିଗମର ମେୟର ସୁଭାଷ ଚନ୍ଦ୍ର ସିଂହ ଯୋଗଦେଇ ସୁମନ ସାର ଜଣେ ପ୍ରକୃତରେ ମହାନ ଛାତ୍ରପ୍ରିୟ ବ୍ୟକ୍ତିତ୍ୱ କହିଲେ ତିଳେମାତ୍ର ଅତ୍ୟୁକ୍ତି ହେବନାହିଁ । ସେ ପାଠ ପଢେଇବା ସହିତ ପିଲାଙ୍କୁ ଭଲ ମଣିଷ ହେବା ପାଇଁ ଉପଦେଶ ଦିଅନ୍ତି । ପ୍ରଧାନ ଶିକ୍ଷକ ଅରୁଣ କୁମାର ବଳ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ନାଥ ମଂଚ ପରିଚାଳନା କରିଥିଲେ । ମୁଖ୍ୟବକ୍ତା ଭାବରେ ମାଧ୍ୟମିକ ଶିକ୍ଷା ଉପ ନିର୍ଦ୍ଦେଶକ ସୁଧାଂଶୁ ଶେଖର ପାତ୍ର ଯୋଗଦେଇ ସୁମନ ସାର୍ ଯେଉଁ ସ୍କୁଲକୁ ଯାଆନ୍ତି, ସେ ସ୍କୁଲର କିପରି ଉନ୍ନତି ହେବ, ପିଲାମାନେ କିପରି ଭଲ ପାଠ ପଢିବେ ସେଥିପ୍ରତି ସେ ଅନବରତ ଲାଗି ରହନ୍ତି ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ଭାବରେ ପୁରାତନ ଛାତ୍ର ସଂସଦର ସଭାପତି ରାଧାଶ୍ୟାମ ଷଡ଼ଙ୍ଗୀ, ବିଦ୍ୟାଳୟ ଗଣ ଶିକ୍ଷା ବିଭାଗର ଡେସ୍କ ଅଫିସର ସୁଶିଲ କୁମାର ବେହେରା ,ହିନ୍ଦୀ ଶିକ୍ଷକ ସଂଘର ସଂପାଦକ ବନମାଳୀ ସାହୁ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସ୍ମରଣିକାର ମୁଖ୍ୟ ସମ୍ପାଦକ ଅକ୍ଷୟ କୁମାର ଷଡ଼ଙ୍ଗୀ,ସୁମନ ବାବୁଙ୍କ ସହଧର୍ମିଣୀ ଛବି ପ୍ରିୟଦର୍ଶିନୀ ,ପୁଅଝିଅମାନେ ହେଲେ ସୂଜାଲ, ସୋନମ୍, ସୋନାଲ ଓ ଅନ୍ୟମାନଙ୍କ ମଧ୍ୟରେ ରାଜ କିଶୋର ପଣ୍ଡା,ପ୍ରଭାତୀ ସାହୁ, ଜୟନ୍ତ କୁମାର ମଲ୍ଲିକ, ଆରୁଣି ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମକୁ ଆଗେଇ ନେଇ ଥିବାବେଳେ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ,ପୁରାତନ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା,ବିଭିନ୍ନ ଜିଲ୍ଲାରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ଶୁଭେଚ୍ଛୁ ବୃନ୍ଦ ସହଯୋଗ କରି ସମ୍ବର୍ଦ୍ଧନା ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ମୟୁରଭଞ୍ଜ କେମିଷ୍ଟ ଓ ଡ୍ରାଗିଷ୍ଟ ଏସୋସିଏସନ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ



ବାରିପଦା (ନି.ପ୍ର.) ବାରୁଣୀ ରୋଡ଼ ସ୍ଥିତ ମୟୁରଭଞ୍ଜ କେମିଷ୍ଟ ଭବନ ପରିସରରେ ମୟୁରଭଞ୍ଜ କେମିଷ୍ଟ ଓ ଡ୍ରାଗିଷ୍ଟ ଏସୋସିଏସନ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଓଡିଶା ଡ୍ରାଗିଷ୍ଟ ପରିବାରର ଦିବଂଗତ ଚୌଧୁରୀ ପ୍ରବୀର ଦାସଙ୍କ ସ୍ମୃତିରେ ତଥା ୧୦ମ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ ଏହି ଶିବିରରେ ୨ ଜଣ ମହିଳା ସମେତ ମୋଟ ୧୭୫ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ୍ରଗ୍ସ ଇନ୍ସପେକ୍ଟର ଦିବ୍ୟ ରଞ୍ଜନ ନାଏକ ଏହି ଶିବିରର ଉଦଘାଟନ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ସରୋଜ କୁମାର ସାହୁ, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ସିଦ୍ଧାର୍ଥ ମହାନ୍ତି, ଦୁର୍ଗା ପ୍ରସାଦ ମିଶ୍ର, ରେଡକ୍ରସର ଆଜୀବନ ସଦସ୍ୟ ଅମର କୁମାର ସେଠି ଓ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଏସୋସିଏସନର ସଭାପତି ବିକାଶ ଚନ୍ଦ୍ର ମହାନ୍ତ, ସମ୍ପାଦକ ମାନସ ରଞ୍ଜନ ମହାନ୍ତି, ଅମୀୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ନରେଶ କୁମାର ଅଗ୍ରୱାଲ ତଥା ସଦସ୍ୟ ଡଃ ନାରାୟଣ ବେହେରା, ତପନ ବସା, ନୟନ ଦାସ, ବିବେକାନନ୍ଦ ଶେଜପଡା, ଭବାନୀ ଶଙ୍କର ରାଉତ, ସୁନିତ ସାକୁନିଆ, ସୁଶାନ୍ତ ପୃଷ୍ଟି, ଆଶିଷ ସାକୁନିଆ ପ୍ରମୁଖ ଶିବିରର ଆୟୋଜନ କରିବା ସହ ବହୁ ସଦସ୍ୟ ମଧ ରକ୍ତଦାନ କରିଥିଲେ ଓ ବାରିପଦା ରକ୍ତ କେନ୍ଦ୍ର, ବାରିପଦା ର ମେଡିକାଲ ଅଫିସର ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ବବିତା ପଟ୍ଟାୟତ, ସତ୍ୟଜିତ ମହାନ୍ତ, ନିତିଶ ସାମଲ, ବିଜୟ ବାନ୍ଦ୍ରା, ପାର୍ଥସାରଥୀ ମହାନ୍ତ, ଶକୁନ୍ତଳା ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ଓ ତତସହିତ ଏସୋସିଏସନର ରାଇରଙ୍ଗପୁର ଶାଖା ତରଫରୁ ୪୨ ୟୁନିଟ ଓ ଉଦଳା ଓ କରଞ୍ଜିଆ ଶାଖା ତରଫରୁ ୧୫ ୟୁନିଟ ଲେଖାଏଁ ରକ୍ତ ସଂଗୃହିତ ହୋଇଯାଇଛି ।

# ସାମ୍ବାଦିକର ହକ୍ ପାଇଁ ନୟାଗଡ଼ରେ ଓୟୁଜେର ପ୍ରତିବାଦ



ନୟାଗଡ଼,(ନି.ପ୍ର.) - ସରକାର ସବୁ ବର୍ଗକୁ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ସନ୍ତୁଷ୍ଟ କରୁଥିବା ବେଳେ ଏମିତି ଏକ ବର୍ଗ ରହିଛି ଯେକି ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସାମ୍ବାଦିକ ମାନଙ୍କ କଥା ଭୁଲି ଯାଇଛନ୍ତି । ଓଡ଼ିଶାର ସାମ୍ବାଦିକ ମାନେ ଅନେକ ଦିନ ହେଲା ପେନସନ, ପ୍ରୋଟେକ୍ସନ ଓ ଆକ୍ରିଟ୍ରିଏସନ ଦାବି କରି ଆସୁଛନ୍ତି । ଅନେକ ରାଜ୍ୟରେ ସାମ୍ବାଦିକ ମାନେ ଏହି ସୁବିଧା ପାଉଛନ୍ତି । କିନ୍ତୁ ଓଡିଶା ସରକାର ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ ମଧ କ୍ଷମତା କୁ ଆସିଲା ପରେ ଟାଳ ଟୁଳ ନୀତି ଅବଲମ୍ବନ କରି ସାମ୍ବାଦିକ ମାନଙ୍କୁ ଦବା, କରିବା ଓ ବିଚାରାଧୀନ ଅଛି କହି ପ୍ରତାରଣା କରି ଚାଲିଛନ୍ତି । ଯାହାକୁ ନେଇ ଟ୍ରେଡ଼ ୟୁନିଅନ ଭାବେ ପଞ୍ଜିକୃତ ଓଡିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଉଦବେଗ ପ୍ରକାଶ କରିଥିଲେ । ସମସ୍ତ କର୍ମକର୍ତା କଣ ନିଷ୍ପତି ଅନୁଯାୟୀ ସାରା ରାଜ୍ୟ ତିରିଶ ଜିଲ୍ଲା ର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଳା ବ୍ୟାଚ ପରିଧାନ କରି ସରକାର ଙ୍କ ପ୍ରତାରଣା ପ୍ରତିବାଦ ରେ ଶ୍ରମିକ ଦିବସରେ ଧାରଣା ଶହ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟରେ ତିନି ଦଫା ଦାବି ସମ୍ବଳିତ ଏକ ମେମୋରାଣ୍ଡମ ପ୍ରଦାନ କରାଯାଇଥିବା ବେଳେ ନୟାଗଡ଼ ଜିଲ୍ଲା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ସେଥିରୁ ବାଦ ପଡିନି । ନୟାଗଡ଼ ଜିଲ୍ଲା ସଭାପତି ତଥା ଓଡିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ସମ୍ପାଦକ ଆଚାର୍ଯ୍ୟ ବିଶ୍ୱରଂଜନ ଙ୍କ ନେତୃତ୍ୱରେ ନୟାଗଡ଼ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଆଗରେ ଜିଲ୍ଲାର ସମସ୍ତ ସଦସ୍ୟ ମୁଣ୍ଡରେ କଳାପଟି ଭିଡି ପ୍ରତିବାଦ କରିଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟରେ ତିନି ଦଫା ଦାବି ସମ୍ବଳିତ ଦାବିପତ୍ର ନୟାଗଡ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ରୋଜାଲିନ ଦାସ ଙ୍କୁ ପ୍ରଦାନ କରିଥିଲେ । ଏହି ପ୍ରତିବାଦ ରେ ଉପଦେଷ୍ଟା ସଞ୍ଜୟ ସ୍ୱାଇଁ, ସମ୍ପାଦକ ପ୍ରଶାନ୍ତ ଯେନା, ରାଜ୍ୟ କାର୍ଯ୍ୟ ନିର୍ବାହୀ ସଦସ୍ୟ ଆଲୋକ ସେନାପତି, ବ୍ରଜ ରଣସିଂହ, ଗୋପାଳ ବିଶ୍ୱାଳ, ବିରଂଚି ନାୟକ, ଦିନମଣି ମହାନ୍ତି, କ୍ଷୀରୋଦ ପଟ୍ଟନାୟକ ସହ ସମସ୍ତ ବ୍ଲକ ପ୍ରତିନିଧି ଯୋଗ ଦେଇଥିଲେ ।

# ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ମୋହନ ଚରଣ ମାଝୀ ଗଣମାଧ୍ୟମ ଜଗତକୁ ଶୁଭେଚ୍ଛା ଜଣାଇବା ସହ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ମୁକ୍ତ ଏବଂ ଦାୟିତ୍ୱବାନ ପ୍ରେସର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ ଗଣତନ୍ତ୍ର ପାଇଁ ଏକ ମୁକ୍ତ ଏବଂ ଦାୟିତ୍ୱବାନ ଗଣମାଧ୍ୟମ ଆବଶ୍ୟକ । ଗଣମାଧ୍ୟମର ସ୍ୱାଧୀନତା ବଜାୟ ରଖିବା ଏବଂ ସଚ୍ଚୋଟ ତଥା ନିର୍ଭୀକ ସାମ୍ବାଦିକତାକୁ ସମର୍ଥନ କରିବା ପାଇଁ ସେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ।

# ଆଜି ଭୋଟ ଗଣତି : ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି



ଚେନ୍ନାଇ : ତାମିଲନାଡୁ ବିଧାନସଭା ନିର୍ବାଚନର ସୋମବାର ହେବାକୁ ଥିବା ଭୋଟ ଗଣତି ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ସାରା ରାଜ୍ୟରେ ୬୨ଟି ଭୋଟ୍ ଗଣତି କେନ୍ଦ୍ର ସ୍ଥାପନ କରାଯାଇଛି । ରାଜ୍ୟର ସମସ୍ତ ମତଦାନ କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । କେବଳ ତାମିଲନାଡୁ ନୁହେଁ, ସମଗ୍ର ଦେଶ ନିର୍ବାଚନ ଫଳାଫଳ ଜାଣିବା ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଛି । ତାମିଲନାଡୁର ମୁଖ୍ୟ ନିର୍ବାଚନ ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକ ରବିବାର ଦିନ ଏକ ବିବୃତିରେ କହିଛନ୍ତି ଯେ, ତାମିଲନାଡୁ ବିଧାନସଭା ନିର୍ବାଚନର ଭୋଟ୍ ଗଣନା ମଇ ୪ ତାରିଖରେ ଅନୁଷ୍ଠିତ ହେବ । ରାଜ୍ୟର ୭୫,୦୬୪ଟି ମତଦାନ କେନ୍ଦ୍ରରୁ ମିଳିଥିବା ଭୋଟ ଗଣନା ଏବଂ ପୋଷ୍ଟାଲ ବାଲାଟ୍ ପାଇଁ ୬୨ଟି ଗଣନା କେନ୍ଦ୍ର ସ୍ଥାପନ କରାଯାଇଛି । ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ରେ ରେକର୍ଡ ହୋଇଥିବା ଭୋଟ୍ ଗଣନା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ସେ କହିଛନ୍ତି । ଡାକ ବାଲାଟ୍ ଏବଂ ଇଲେକ୍ଟ୍ରୋନିକ୍ ଟ୍ରାନ୍ସମିଟେଡ୍ ପୋଷ୍ଟାଲ୍ ବାଲାଟ୍ (ଇ. ଟି. ପି. ବି.) ଗଣନା ଏବଂ ଇ. ଭି. ଏମ୍. ଭୋଟ୍ ଗଣନା ପାଇଁ ମୋଟ ୩,୩୨୪ଟି ଟେବୁଲ୍ ପ୍ରସ୍ତୁତ କରାଯାଇଛି ।








# ମିଶନ ଦୃଷ୍ଟିର ସଫଳ ଉତ୍କ୍ଷେପଣ ପାଇଁ ଗାଲାକ୍ସଆଇକୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଗାଲାକ୍ସଆଇର ମିଶନ ଦୃଷ୍ଟି ଭାରତର ମହାକାଶ ଯାତ୍ରାରେ ଏକ ପ୍ରମୁଖ ସଫଳତା । ଶ୍ରୀ ମୋଦୀ ଆଲୋକପାତ କରିଛନ୍ତି ଯେ ବିଶ୍ୱର ପ୍ରଥମ OptoSAR ସାଟେଲାଇଟ୍ ଏବଂ ଭାରତରେ ଘରୋଇ ଭାବରେ ନିର୍ମିତ ସର୍ବବୃହତ ଉପଗ୍ରହର ସଫଳ ଉତକ୍ଷେପଣ ଯୁବପିଢ଼ିଙ୍କ ନବସୃଜନ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଆଗ୍ରହର ପ୍ରମାଣ । ସେ ଗାଲାକ୍ସଆଇର ପ୍ରତିଷ୍ଠାତା ଏବଂ ସମଗ୍ର ଦଳକୁ ମଧ ତାଙ୍କର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସ ରେ ପୋଷ୍ଟ କରିଛନ୍ତି : 'GalaxEye ଦ୍ୱାରା ମିଶନ ଦୃଷ୍ଟି ଆମ ମହାକାଶ ଯାତ୍ରାରେ ଏକ ପ୍ରମୁଖ ସଫଳତା । ବିଶ୍ୱର ପ୍ରଥମ OptoSAR ସାଟେଲାଇଟ୍ ଏବଂ ଭାରତରେ ଘରୋଇ ଭାବରେ ନିର୍ମିତ ସର୍ବବୃହତ ସାଟେଲାଇଟ୍‌ର ସଫଳ ଉତ୍କ୍ଷେପଣ ଆମ ଯୁବପିଢ଼ିଙ୍କ ନବସୃଜନ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଆଗ୍ରହର ଏକ ପ୍ରମାଣ । GalaxEyeର ପ୍ରତିଷ୍ଠାତା ଏବଂ ସମଗ୍ର ଦଳକୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।

# ୧୩ରେ ବିଶାଖାପାଟଣାରେ ପହଂଚିବ ୪୬ ହଜାର ଏଲ୍‌ପିଜି

ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଉତେଜନା ଓ ତତଜନିତ ପରିସ୍ଥିତି ସମ୍ପର୍କରେ ସଦ୍ୟ ବିବରଣୀ ଜାରି କରିଛନ୍ତି ଭାରତ ସରକାର । ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏହି ଅଂଚଳରୁ ଭାରତକୁ ଆସୁଥିବା ଇନ୍ଧନ ଯୋଗାଣ ପ୍ରକ୍ରିୟାକୁ ଜାରି ରଖିବା ଲାଗି ଭାରତ ସରକାରଙ୍କ ପକ୍ଷରୁ ବ୍ୟାପକ ଉଦ୍ୟମ ଗ୍ରହଣ କରାଯାଇଛି । ଏହିକ୍ରମରେ ଗତକାଲି ହର୍ମୁଜ ପ୍ରଣାଳୀ ଦେଇ ଭାରତକୁ ଏକ ଏଲ୍ପିଜି ବୋଝେଇ ବିଶାଳ ଜାହାଜ ଆସୁଛି । ମାର୍ଶାଲ୍ ଦ୍ୱୀପର ପତାକା ଧରି ଏହି ଜାହାଜ ହର୍ମୁଜ ପାର କରିବା ସହ ଭାରତର ଦକ୍ଷିଣାଂଚଳରେ ଥିବା ବିଶାଖା ପାଟଣା ବନ୍ଦର ଅଭିମୁଖେ ଆସୁଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହି ଜାହାଜରେ ୪୬ ହଜାର ୩୧୫ ମେଟ୍ରିକ୍ ଟନ୍ ଏଲ୍ପିଜି ବୋଝେଇ ହୋଇଛି ଏବଂ ଏହା ୧୩ ମେ'ରେ ବିଶାଖାପାଟଣାମ ପହଂଚିବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବର୍ତ୍ତମାନର ଇନ୍ଧନ ଯୋଗାଣ ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇ



ଜନସାଧାରଣଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରାଯାଉଛି । ଏହି ଅନୁସାରେ, ସରକାର ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ର ଉପଲବ୍ଧତା ନିର୍ଣ୍ଣିତ କରିବାକୁ ସମସ୍ତ ପ୍ରକାର ପ୍ରୟାସ କରୁଥିବାରୁ ନାଗରିକମାନଙ୍କୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ର ଭୟଭୀତ ହୋଇ କ୍ରୟ ନକରିବାକୁ ପରାମର୍ଶ ଦିଆଯାଇଛି । ଗୁଜବ ପ୍ରତି ସତର୍କ ରୁହନ୍ତୁ ଏବଂ ସଠିକ୍ ସୂଚନା ପାଇଁ ସରକାରୀ ସୂତ୍ର ଉପରେ ନିର୍ଭର କରିବାକୁ କୁହାଯାଇଛି । ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ବିତରକଙ୍କ ନିକଟକୁ ନଯିବା ପାଇଁ ଅନୁରୋଧ କରାଯାଇଛି । ନାଗରିକମାନଙ୍କୁ ବିକଳ୍ପ ଇନ୍ଧନ ଯଥା ପିଏନ୍‌ଜି ଏବଂ ଇଲେକ୍ଟ୍ରିକ୍ କିମ୍ବା ଇଣ୍ଡକ୍ସନ କୁକଟପ୍ ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି ।

## 'ସୁଜଳ' ଯୋଜନାରେ ୧୫୦୦ କୋଟି ଟଙ୍କାର ବ୍ୟୟବରାଦ

# ଓଡ଼ିଶାରେ ସହରାଂଚଳ ପାନୀୟ ଜଳ ଯୋଗାଣରେ ହୋଇଛି ଅଗ୍ରଗତି

ଭୁବନେଶ୍ୱର : ରାଜ୍ୟର ସମସ୍ତ ସହରାଂଚଳରେ ୨୪ଘଂଟିଆ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ନିଜର ପ୍ରୟାସକୁ ଆହୁରି ଜୋରଦାର କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନଠାରେ



ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନ ର ୨୦୨୬-୨୭, ୨୦୨୭-୨୮ ଏବଂ ୨୦୨୮-୨୯ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟଖସଡ଼ା ଉପରେ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦିତ ହୋଇଛି । ରାଜ୍ୟର ୮୬ଟି ପୌରାଂଚଳରେ ୨୦୨୬ ସୁଦ୍ଧା ଜନସଂଖ୍ୟା ୩୧.୫୦ ଲକ୍ଷରେ ପହଂଚିବା ନେଇ ଆକଳନ କରାଯାଇଛି । ବର୍ତ୍ତମାନ ଏହି ଅଂଚଳଗୁଡ଼ିକରେ ଦୈନିକ ୪୫୨ ନିୟୁତ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି । ସମସ୍ତ ସହରାଂଚଳରେ ୨୪ଘଂ୭ ଜଳ ଯୋଗାଣ ଲକ୍ଷ୍ୟ ନେଇ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି : ୨୦୨୫-୨୬ ବର୍ଷରେ ୯ଟି ପୌରାଂଚଳକୁ ଏହି ସେବାରେ ସାମିଲ କରାଯାଇଥିବା ବେଳେ, ୨୦୨୬-୨୭ ଏବଂ ୨୦୨୭-୨୮ ବର୍ଷରେ ପ୍ରତ୍ୟେକ ବର୍ଷ ୩୮ଟି ଲେଖାଏଁ ପୌରାଂଚଳକୁ ସାମିଲ କରାଯିବ । 'ସୁଜଳ' କାର୍ଯ୍ୟକ୍ରମ ଅଧୀନରେ ମୋଟ ୫୪୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯେଉଁଥିରୁ ୨୮୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି । ୨୦୨୬-୨୭ ବର୍ଷରେ ୧୦୨ଟି ନୂତନ ପ୍ରକଳ୍ପ ସମେତ ମୋଟ ୩୯୧ଟି ପ୍ରକଳ୍ପ ପାଇଁ ପ୍ରାୟ ୧୫୦୦ କୋଟି ଟଙ୍କା ବ୍ୟୟ କରାଯିବ । ୨୦୨୭-୨୮ ରେ ୯୨ଟି ନୂତନ ପ୍ରକଳ୍ପ ପାଇଁ ୯୭୮ କୋଟି ଟଙ୍କା ବିନିଯୋଗ କରାଯିବାର ଯୋଜନା ରହିଛି । ଶ୍ରୀମତୀ ।ଢୀ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ, ସରକାରଙ୍କ ସାର୍ବଜନୀନ ୨୪ଘଂ୭ ପାନୀୟ ଜଳ ଯୋଗାଣ ସଂକଳ୍ପକୁ ପୂରଣ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ପାଣ୍ଠିର ସର୍ବାଧିକ ବ୍ୟବହାର ଏବଂ କାର୍ଯ୍ୟର ଗତି ବଢ଼ାଇବା ଜରୁରୀ । ଏଥିସହିତ, ବିଶୁଦ୍ଧ ପାନୀୟ ଜଳର ଅପବ୍ୟବହାର ରୋକିବା ପାଇଁ ସେ ଗୁରୁତ୍ୱାରୋ କରିଛନ୍ତି । ବଗିଚା କାମ, ଗାଡ଼ି ଧୋଇବା ଏବଂ ନିର୍ମାଣ କାର୍ଯ୍ୟ ପାଇଁ ପାନୀୟ ଜଳ ପରିବର୍ତ୍ତେ ବିକଳ୍ପ ଜଳ ଉତ୍ସ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି । ଗତକାଲି ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ଶୁଭାନନ୍ଦ ମହାପାତ୍ର, ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶ୍ରୀମତୀ ଶିଖା ବିଶ୍ୱାଳ, ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନ ର ଯନ୍ତ୍ରୀ ମୁଖ୍ୟ ବିକାସ ବେହେରାଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଗଭୀର ସମୁଦ୍ରରେ ଜାତୀୟ ପତାକା ଉତୋଳନ ଗିନିଜ୍ ବିଶ୍ୱ ରେକର୍ଡ଼

ପୋର୍ଟବ୍ଲେୟର: ଭାରତ ପାଣି ଭିତରେ ୨ ହଜାର ୪୦୦ ବର୍ଗମିଟର ଲମ୍ବା ଭାରତୀୟ ପତାକା ଉତୋଳନ କରି ଏକ ଅନନ୍ୟ ସଫଳତା ହାସଲ କରିଛି । ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ପାଣି ଭିତରେ ସବୁଠାରୁ ବଡ଼ ଭାରତୀୟ ଜାତୀୟ ପତାକା ଉତୋଳନ କରି ଗିନିଜ୍ ବିଶ୍ୱ ରେକର୍ଡରେ ପ୍ରବେଶ କରିଛି । ଏହି ରେକର୍ଡ ରାଧାନଗର ବେଳାଭୂମିରେ ସ୍ଥାପନ କରାଯାଇଥିଲା, ଯେଉଁଠାରେ ନୌସେନା, ପୋଲିସ ଏବଂ ଅନ୍ୟାନ୍ୟ ସଂସ୍ଥାର କର୍ମଚାରୀଙ୍କ ସମେତ ୨୨୩ ଜଣ ବୁଡ଼ାଳିଙ୍କ ଏକ ଦଳ ଏହି କାର୍ଯ୍ୟ ଶେଷ କରିଥିଲେ । ଏହି ସଫଳତାକୁ ସଠିକତା, ସାହସ ଏବଂ



ଜାତୀୟ ଗର୍ବର ପ୍ରଦର୍ଶନ ଭାବରେ ଦେଖାଯାଉଛି । ଏହି ସଫଳତା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଭାରତୀୟ ଜନତା ପାର୍ଟି (ବିଜେପି) କହିଛି ଯେ ଏହି ରେକର୍ଡ ଭାଙ୍ଗିବା ସଫଳତା ସହିତ, ଦେଶ ସଫଳତାକୁ ପୁନଃ ପରିଭାଷିତ କରୁଛି ।

# ଓମଫେଡ୍ କ୍ଷୀର ଲିଟର ପିଛା ୪ ଟଙ୍କା ବୃଦ୍ଧି

ଭୁବନେଶ୍ୱର: ରାଜ୍ୟର ସାଧାରଣ ଖାଉଟିଙ୍କ ପାଇଁ ଏକ ବଡ଼ ଖବର । ଓଡ଼ିଶାରେ ପୁଣି ମହଙ୍ଗା ହେଲା ଖୀର । ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ବା ଓମଫେଡ୍ ପକ୍ଷରୁ କ୍ଷୀର ଦର ବୃଦ୍ଧି କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ସମସ୍ତ ପ୍ରକାରର କ୍ଷୀର ଦର ଲିଟର ପିଛା ୪ ଟଙ୍କା ବଢ଼ିଛି । ଏହି ନୂଆ ଦର ଲାଗୁ ହେବା ପରେ ଗ୍ରାହକଙ୍କ ପକେଟ୍ ଉପରେ ଏହାର ସିଧାସଳଖ ପ୍ରଭାବ ପଡିବାକୁ ଯାଉଛି । ଟୋନ୍‌ଡ କ୍ଷୀର: ପୂର୍ବରୁ ଲିଟର ପିଛା ୫୦ ଟଙ୍କା ଥିବାବେଳେ ଏବେ ଏହା ୫୪ ଟଙ୍କାରେ ବିକ୍ରି ହେବ । ପ୍ରିମିୟମ୍ କ୍ଷୀର: ୫୪ ଟଙ୍କାରୁ ବୃଦ୍ଧି ପାଇ ନୂଆ ଦର ୫୮ ଟଙ୍କା ହୋଇଛି । ଗୋଲ୍ଡ ପ୍ରିମିୟମ୍ କ୍ଷୀରର ମୂଲ୍ୟ ୫୬ ଟଙ୍କାରୁ ୬୦ ଟଙ୍କାକୁ ବୃଦ୍ଧି ପାଇଛି । ଗୋଲ୍ଡ ପ୍ରିମିୟମ୍ ପ୍ଲସ୍ କ୍ଷୀର ଲିଟର ପିଛା ୬୦ ଟଙ୍କାରୁ ବଢ଼ି ୬୪ ଟଙ୍କା ହୋଇଛି । ଯଦି ଆମେ ଅଧ ଲିଟର ପ୍ୟାକେଟ୍ କଥା କହିବା, ତେବେ




ପୂର୍ବରୁ ୨୭ ଟଙ୍କାରେ ମିଳୁଥିବା ଏହି ପ୍ୟାକେଟ୍ ପାଇଁ ଏବେ ୨୯ ଟଙ୍କା ଦେବାକୁ ପଡିବ । କ୍ଷୀର ଦର ବୃଦ୍ଧିର ମୁଖ୍ୟ କାରଣ ଭାବେ ଗୋଖାଦ୍ୟ, ଗାଇଗୋରୁଙ୍କ ଔଷଧ, ପ୍ୟାକେଜିଂ ତଥା ପରିବହନ ଖର୍ଚ୍ଚ ବଢ଼ିବାକୁ ଓମଫେଡ୍ କର୍ତ୍ତୃପକ୍ଷ ଦର୍ଶାଇଛନ୍ତି । ଆନୁସଙ୍ଗିକ ଖର୍ଚ୍ଚ ବଢୁଥିବାରୁ ବାଧ ହୋଇ ଏହି ଦର ବୃଦ୍ଧିର ନିଷ୍ପତି ନିଆଯାଇଛି ବୋଲି କମ୍ପାନୀ କହିଛି । ତେବେ ସାଧାରଣ ଖାଉଟିଙ୍କ ପାଇଁ ଦର ବଢ଼ିଥିବା ବେଳେ, ରାଜ୍ୟର ଦୁଗ୍ଧ ଚାଷୀଙ୍କ ପାଇଁ କିନ୍ତୁ ଏହା ଏକ ଆଶ୍ୱସ୍ତି ଆଣିଦେଇଛି ।

# ବାଲେଶ୍ୱର ମହିଳା କଲେଜରେ ଗ୍ରୀଷ୍ମକାଳୀନ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଘାଟିତ

ବାଲେଶ୍ୱର : ବାଲେଶ୍ୱର ମହିଳା କଲେଜ, ଗୋପାଳଗାଁରେ ୭ ଦିନିଆ ଏନ୍‌ଏସ୍‌ଏସ୍ ଗ୍ରୀଷ୍ମକାଳୀନ ବିଶେଷ ଶିବିରର ଉଦ୍ଘାଟନୀ ଅଧିବେଶନ ଆୟୋଜିତ ହୋଇଥିଲା । ଏହି ଅବସରରେ ଜିଲ୍ଲା ଏନ୍‌ଏସ୍‌ଏସ୍ ନୋଡାଲ ଅଫିସର ଡ଼ା. ପ୍ରତିମା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ ଓ ସେବାଭାବ ସମ୍ପର୍କରେ ଛାତ୍ରୀମାନଙ୍କୁ ପ୍ରେରଣାଦାୟକ ମତ ପ୍ରଦାନ କରିଥିଲେ । କଲେଜର ଅଧକ୍ଷ ଡ଼ା. ଉମାକାନ୍ତ ନାୟକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଉତ୍ସାହପୂର୍ଣ୍ଣ ଭାବେ ଆୟୋଜିତ ହୋଇଥିଲା । ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ଼ା. ପୂଜାରାଣୀ ପରିଡା ସଭାକୁ ସୁଚାରୁ ଭାବେ ସଂଚାଳନ କରିଥିଲେ । ପୂର୍ବତନ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ରୋକିଆ ଜମାଲ ଓ ସୁଶାନ୍ତ କୁମାର ମଣ୍ଡଳ ଛାତ୍ରୀମାନଙ୍କୁ ଏନ୍‌ଏସ୍‌ଏସ୍‌ର ଗୁରୁତ୍ୱ, ସାମାଜିକ




ସେବା ଓ ନେତୃତ୍ୱ ଗୁଣ ଉନ୍ନୟନ ବିଷୟରେ ମୂଲ୍ୟବାନ ମତ ଦେଇଥିଲେ । ହୋମସାଇନ୍ସ ବିଭାଗର ଅଧାପିକା ଡ଼ା. ମୋନିକା ଶତପଥୀ ଶେଷରେ ଔପଚାରିକ ଧନ୍ୟବାଦ ଜ୍ଞାପନ କରିଥିଲେ । କଲେଜର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ । ଏହି ୭ ଦିନିଆ ଶିବିର ମାଧ୍ୟମରେ ଛାତ୍ରୀମାନଙ୍କ ମଧ୍ୟରେ ସେବାଭାବ ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇବ ବୋଲି ସମସ୍ତେ ଆଶା ବ୍ୟକ୍ତ କରିଛନ୍ତି ।

# ଆଇପିଏଲ-୨୦୨୬ : ପଞ୍ଜାବକୁ ୧୬୩ ରନ୍‌ରେ ଟାର୍ଗେଟ ଦେଲା ଗୁଜରାଟ

ଅହମଦାବାଦ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ରେ



ଏପର୍ଯ୍ୟନ୍ତ ଖେଳାଯାଇଥିବା ମ୍ୟାଚରେ ଶକ୍ତିଶାଳୀ ବିବେଚିତ ପଞ୍ଜାବ କିଙ୍ଗ୍‌ସକୁ ଆଜି ୧୬୩ ରନ୍‌ରେ ଅଟାଇଛି ଗୁଜରାଟ ଟାଇଟନ୍ସ । ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଟସ୍ ଜିଣି ଗୁଜରାଟ ସଫଳ ରଣନୀତି ପ୍ରସ୍ତୁତ କରି ପଞ୍ଜାବକୁ ବଡ଼ ସ୍କୋର କରିବାକୁ ସୁଯୋଗ ଦେଇ ନାହିଁ । ପଞ୍ଜାବ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ଟି ୱିକେଟ ହରାଇଛି । ଘରୋଇ ମାଟିରେ ଗୁଜରାଟକୁ ଏହି ମ୍ୟାଚ୍ ଜିତିବା ପାଇଁ ୧୬୪ ରନ୍‌ର ଲକ୍ଷ୍ୟ ମିଳିଛି । ଏହି ମ୍ୟାଚ୍‌ରେ ଗୁଜରାଟ ପାଇଁ ବୋଲର ଜେସନ ହୋଲ୍ଡର ସର୍ବଶ୍ରେଷ୍ଠ ବୋଲିଂ କରିଛନ୍ତି । ସେ ୪ ଓଭର ବୋଲିଂ କରି ୨୪ ରନ୍ ଖର୍ଚ୍ଚ କରିଛନ୍ତି । ଅନ୍ୟପଟରେ ୪ଟି ୱିକେଟ ଅକ୍ତିଆର କରିଥିଲେ । ଦ୍ରୁତ ବୋଲର ମହମ୍ମଦ ସିରାଜ ଏବଂ କାଗିସୋ ରାବାଡ଼ା ୨-୨ ୱିକେଟ୍ ନେଇଥିଲେ ।ରସିଦ ଖାନ ଜଣେ ବ୍ୟାଟରଙ୍କୁ ପାଭିଲିଅନ ଫେରାଇ ଥିଲେ । ପଞ୍ଜାବର ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟ ଦେଖାଯାଇଛି । ଇନିଂସର ଦ୍ୱିତୟ ବଲ୍‌ରେ ବିସ୍ଫୋରକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଏବଂ ତୃତୀୟ ବଲ୍‌ରେ କୋପର କନୋଲି ଆଉଟ୍ ? ହୋଇଥିଲେ । ସେହିପରି ପଞ୍ଜାବର ସ୍କୋର ୩୫ ରନ୍‌ରେ ପ୍ରଭସିମରନ ଏବଂ ୩୬ ରନ୍‌ରେ ନେହାଲ ୱାଧୀରା ଆଉଟ୍ ହୋଇଥିଲେ । ପରେ ପରେ ଶ୍ରେୟସ ଆୟର ଆଉଟ ହୋଇଥିଲେ । ସ୍କୋର ୪୭ ରନ୍ ବେଳକୁ ପଞ୍ଜାବ ୫ଟି ମୂଲ୍ୟବାନ ୱିକେଟ୍ ହରାଇ ସାରିଥିଲା । ପଞ୍ଜାବ ପାଇଁ ସୂର୍ଯ୍ୟାଂଶ ଶେଡଗେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୨୯ଟି ବଲ୍ ଖେଳି ୫୭ ରନ୍ ସଂଗ୍ରହ କରିଥିଲେ ।

# ଇଣ୍ଡିଆନ୍ ଇନ୍‌ଡୋର ଓପନ୍ : କୁଲଦୀପଙ୍କ ରେକର୍ଡ଼



ଭୁବନେଶ୍ୱର: କଳିଙ୍ଗ ଇନ୍‌ଡୋର ଷ୍ଟାଡିୟମ୍‌ରେ ପ୍ରଥମ ସଂସ୍କରଣ ଇଣ୍ଡିଆନ୍ ଇନ୍‌ଡୋର ଓପନ୍ କମ୍ବାଇନ୍‌ଡ ଇଭେଂଟ୍ ଏବଂ ପୋଲ୍ଡ ଭଲ୍ଟ ପ୍ରତିଯୋଗିତା ଆରମ୍ଭ ହୋଇଛି । ପ୍ରଥମ ଦିନରେ ପୁରୁଷ ପୋଲ୍ ଭଲ୍ଟରେ ନୂଆ ଜାତୀୟ ରେକର୍ଡ ସୃଷ୍ଟି ହୋଇଛି । ମଧ୍ୟପ୍ରଦେଶର ୨୧ ବର୍ଷୀୟ କୁଲଦୀପ କୁମାର ୫.୪୧ ମିଟର ଉଚ୍ଚତାର ବାର ଅତିକ୍ରମ କରି ଏହି ରେକର୍ଡ କରିଛନ୍ତି । ପୂର୍ବ ରେକର୍ଡ ତାମିଲନାଡୁର ଜି ରିଗାନ୍ (୫.୩୦ ମିଟର)ଙ୍କ ନାମରେ ଥିଲା । ରେକର୍ଡ କରିବା ପରେ କୁଲଦୀପ ୫.୪୬ ମିଟର ଉଚ୍ଚତାକୁ ୩ ଥର ପ୍ରୟାସ କରିବା ପରେ ବିଫଳ ହୋଇଥିଲେ । ତେବେ ପ୍ରଥମ ଥର ଇନ୍‌ଡୋର ମିଟ୍‌ରେ ଭାଗ ନେଇ କୁଲଦୀପ ସଫଳ ହୋଇଛନ୍ତି । 'ଭୁବନେଶ୍ୱରର ମୋଣ୍ଡୋ ଟ୍ରାକ୍‌ରେ ଆହ୍ୱାନ ସତ୍ତ୍ୱେ ଅଭିଜ୍ଞତା ଭଲ ରହିଲା' ବୋଲି କୁଲଦୀପ ପ୍ରକାଶ କରିଛନ୍ତି । ପ୍ରତିଯୋଗିତାର ପ୍ରଥମ ଦିନରେ ହେପ୍ଟାଥଲନ୍ ଇଭେଂଟ୍ ଅନୁଷ୍ଠିତ ହୋଇଛି । ଓଡ଼ିଶାର ଯଶବୀର ନାୟକ ୨୯୨୭ ପଏଂଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ୬୦ ମିଟର, ଲଙ୍ଗ୍ ଜମ୍ପ୍, ସଟ୍ ପୁଟ୍ ଓ ହାଇଜମ୍ପ୍ ଶେଷ ହୋଇଥିବାବେଳେ ଦ୍ୱିତୀୟ ଦିବସରେ ୬୦ ମିଟର ବାଧାଦୌଡ଼, ପୋଲ୍ଡ ଭଲ୍ଟ ଓ ୧୦୦୦ ମିଟର ଇଭେଂଟ ଖେଳାଯିବ ।

# ଆଇପିଏଲ-୨୦୨୬ : ହାଇଦ୍ରାବାଦକୁ ହରାଇଲା କୋଲକାତା ନାଇଟ ରାଇଡ଼ର୍ସ

ହାଇଦ୍ରାବାଦ: ଉଭୟ ବ୍ୟାଟିଂ ଓ ବୋଲିଂରେ ଶୃଙ୍ଖଳିତ ପ୍ରଦର୍ଶନ କରି କୋଲକାତା ନାଇଟ ରାଇଡର୍ସ ୭ ୱିକେଟରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ୧୯ ଓଭରରେ ୧୬୫ ରନ କରି ଅଲଆଉଟ ହୋଇ ଯାଇଥିଲା । ଟ୍ରେଭିସ ହେଡ ୬୧ ଓ ଈଶାନ କିଶାନ ୪୨ ରନ କରିଥିଲେ । ବରୁଣ ଚକ୍ରବର୍ତ୍ତି ୩ଟି ୱିକେଟ ଅକ୍ତିଆର କରିଥିବା ବେଳେ ସୁନୀଲ ନାରିନ ଓ କାର୍ତ୍ତିକ ତ୍ୟାଗୀ ୨ଟି ଲେଖାଏଁ ୱିକେଟ ନେଇଥିଲେ । ଜବାବରେ କୋଲକାତା ୧୮.୨ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା । ଅଜିଙ୍କ୍ୟ ରାହାନେ ୪୩, ଫିନ ଆଲେନ ୨୯ ଓ ଅଙ୍କକ୍ରିଶ ରଘୁବଂଶୀ ୫୯ ରନର ଇନିଂସ ଖେଳିଥିଲେ । ରିଙ୍କୁ ସିଂ ୧୧ ବଲରେ ୨୨ ଓ କାମେରୁନ ଗ୍ରୀନ ୩ ରନ କରି



ଅପରାଜିତ ରହିଥିଲେ । ପ୍ରଭାବୀ ବୋଲିଂ ପ୍ରଦର୍ଶନ ପାଇଁ ବରୁଣଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା । ହାଇଦ୍ରାବାଦ ୧୦ ମ୍ୟାଚରୁ ୧୨ ପଂଏଟ ହାସଲ କରି ପଂଏଟ ଟେବୁଲରେ ୩ୟ ସ୍ଥାନରେ ରହିଛି । ଅପରପକ୍ଷରେ କୋଲକାତା୯ ମ୍ୟାଚରୁ ୭ ପଂଏଟ ହାସଲ କରି ପ୍ଲେ ଅଫ ପ୍ରବେଶ ପାଇଁ ସଂଘର୍ଷ କରୁଛି ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**